


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୦ ସେପ୍ଟେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 20 SEPTEMBER 2020

Vol.No. 30 ■ No. 238 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj




2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.


Contact No: 9437294587, 9438232419, 9437443950,


## କରୋନାରୁ ସୁସ୍ଥ ହେଲେ ୪୦୯୦ ଆକ୍ରାନ୍ତ

ଭୁବନେଶ୍ୱର,୧୯।୯ (ନି.ପ୍ର): କରୋନାରୁ ଶନିବାର ଦିନ ଆଉ ୪୦୯୦ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧ ଲକ୍ଷ ୪୧ ହଜାର ୬୫୭ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୬୦୫ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ପୁରୀ ଜିଲ୍ଲାରୁ ୪୧୨ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। କଟକ ଜିଲ୍ଲାରୁ ୩୭୧ ଜଣ, ବରଗଡ଼ ଜିଲ୍ଲାରୁ ୧୬୯ ଜଣ, ନବରଙ୍ଗପୁର ଜିଲ୍ଲାରୁ ୧୬୦ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୧୫୫ ଜଣ, କେନ୍ଦ୍ରାପଡ଼ା, ରାୟଗଡ଼ା ଜିଲ୍ଲାରୁ ୧୪୫ ଜଣ ଲେଖାଏଁ, ଯାଜପୁର ଜିଲ୍ଲାରୁ ୧୩୯ ଜଣ, ବଲାଙ୍ଗୀର ଜିଲ୍ଲାରୁ ୧୨୩ ଜଣ, ଜଗତସିଂହପୁର ଜିଲ୍ଲାରୁ ୧୨୧ ଜଣ, କୋରାପୁଟ ଜିଲ୍ଲାରୁ ୧୨୦ ଜଣ, ମୟୂରଭଂଜ ଜିଲ୍ଲାରୁ ୧୧୫ ଜଣ, ▶▶ପୃଷ୍ଠା ୭

### ପୋଲାଭରମ୍ ମାମଲା

## ରାଜ୍ୟମାନଙ୍କ ସହ ଆଲୋଚନା କରିବାକୁ ଆନ୍ଧ୍ରକୁ ଏନଜିଟିର ନିର୍ଦ୍ଦେଶ



ନୂଆଦିଲ୍ଲୀ/ଭୁବନେଶ୍ୱର,୧୯।୯ (ନି.ପ୍ର): ଗୋଦାବରୀ ନଦୀ ଉପରେ ଆନ୍ଧ୍ରପ୍ରଦେଶର ପୋଲାଭରମ ନଦୀବନ୍ଧ ପ୍ରକଳ୍ପ ନିର୍ମାଣ ପ୍ରସଙ୍ଗରେ ଅନ୍ୟ ୩ ରାଜ୍ୟ ସହ ଆଲୋଚନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି)। ମାମଲା ଉପରେ ରାୟ ଶୁଣାଇ ଏନଜିଟି ଏହି ପ୍ରକଳ୍ପ ସଂପର୍କରେ ଓଡ଼ିଶା, ତେଲେଙ୍ଗାନା ଓ ଛତିଶଗଡ଼ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବାକୁ ଆନ୍ଧ୍ରପ୍ରଦେଶ ସରକାର ଓ ପୋଲାଭରମ ପ୍ରକଳ୍ପ କର୍ତ୍ତୃପକ୍ଷ (ପିପିଏ) ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ଦୁଇ ମାସ ମଧ୍ୟରେ ଏହି ବୈଠକ ଆୟୋଜନ କରିବାକୁ କେନ୍ଦ୍ରୀୟ ଜଳ ଆୟୋଗ, ଗୋଦାବରୀ ଜଳବିବାଦ ଟ୍ରିବୁନାଲ, ଆନ୍ଧ୍ରପ୍ରଦେଶ ସରକାର ଓ ପିପିଏଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଟ୍ରିବ୍ୟୁନାଲ । ଏହି ବୈଠକ ବେଳେ ଉପରମୁଣ୍ଡରେ ଥିବା ରାଜ୍ୟ ତେଲେଙ୍ଗାନା, ଛତିଶଗଡ ଓ ଓଡ଼ିଶା ସରକାର ନିଜ ନିଜର ଚିନ୍ତା ଜଣାଇବେ। ଏସବୁ ଚିନ୍ତା ଦୂର କରିବାର ସମାଧାନ ଆନ୍ଧ୍ରପ୍ରଦେଶ ସରକାର ଓ ପିପିଏ ଜଣାଇବେ । ଅନ୍ୟପକ୍ଷରେ ଏହି ମାମଲାକୁ ସୁପ୍ରିମକୋର୍ଟ ସ୍ଥାନାନ୍ତରଣ ଆବେଦନକୁ ଟ୍ରିବ୍ୟୁନାଲ ଖାରଜ କରିଦେଇଛନ୍ତି । ଏହା ପୂର୍ବରୁ ଏହି ପ୍ରକଳ୍ପ ସଂପର୍କରେ ନିଜର ରିପୋର୍ଟ ଦେବାକୁ ଗଠିତ ୪ଜଣିଆ ବିଶେଷଜ୍ଞ କମିଟି ଗତ ୮ ତାରିଖରେ ନିଜର ରିପୋର୍ଟ ଦାଖଲ କରିଥିଲେ। କମିଟିର ସୁପାରିଶଗୁଡ଼ିକୁ ଟ୍ରିବୁନାଲ ଗ୍ରହଣ କରିଛନ୍ତି। ଅନ୍ତଃ ରାଜ୍ୟ ରାଜିନାମା ଅନୁସାରେ ପୋଲାଭରମ ଅଥରିଟି କାମ କରିବେ। ଗୋଦାବରୀ ଜଳ ବିବାଦ ଟ୍ରିବୁନାଲ୍ ଦେଇଥିବା ୧୯୮୦ ରାୟକୁ ମାନିବେ। ଜଳ ମଗ୍ନ ହେଉଥିବା ଅଂଚଳର ଅନୁଧ୍ୟାନ କରାଯିବ। ପ୍ରକଳ୍ପ ର ବାକ ୱାଟର ଷ୍ଟଡି ହେବ । ପ୍ରକଳ୍ପ ଯୋଗୁଁ ଏହାର କୌଣସି କୁପ୍ରଭାବ ପଡିଲେ ଏଥିପାଇଁ ଆନ୍ଧ୍ର ସରକାରଙ୍କ ଜଳ ବିଭାଗ ସମ୍ପୂର୍ଣ୍ଣ ଦାୟୀ ରହିବ। ପ୍ରକଳ୍ପ ନେଇ ତେଲେଙ୍ଗାନା, ଓଡିଶା, ଆନ୍ଧ୍ର , ଛତିଶଗଡ଼ ଉଭୟ ଆଲୋଚନା କରିବେ ଏବଂ ଓଡ଼ିଶାର ୬୩୧୬ ଲୋକଙ୍କୁ ଥଇଥାନ କରାଯିବା ସମ୍ପର୍କିତ ସୁପାରିଶକୁ ଟ୍ରବ୍ୟୁନାଲ ଗ୍ରହଣ କରିଛନ୍ତି ।

## ରାଜ୍ୟସଭା ଉପାଧ୍ୟକ୍ଷ ଭାବେ ଗୃହ ପରିଚାଳନା କଲେ ଓଡିଆ ସାଂସଦ ସସ୍ମିତ ପାତ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୧୯।୯ (ନି.ପ୍ର): ଦୀର୍ଘ୨୦ ବର୍ଷ ପରେ ଜଣେ ଓଡିଆ ସାଂସଦ ରାଜ୍ୟସଭା ପରିଚାଳନା କରିଛନ୍ତି। ବିଜେଡି ସାଂସଦ ଡ. ସସ୍ମିତ ପାତ୍ର ଶନିବାର ଦିନ ଗୃହର ଅଧ୍ୟକ୍ଷଙ୍କ ଅନୁପସ୍ଥିତିରେ ରାଜ୍ୟସଭାର ଉପାଧ୍ୟକ୍ଷ ଭାବରେ ଗୃହ ପରିଚାଳନା କରିଥିଲେ । ମହାମାରୀ ରୋଗ (ସଂଶୋଧନ) ଅଧିନିୟମ, ୨୦୨୦ ବିଲ୍ ଉପରେ ଆଲୋଚନା ବେଳେ ଏହି ଓଡିଆ ସାଂସଦ ରାଜ୍ୟସଭାରେ ଅଧକ୍ଷତା କରିଥିଲେ । ସସ୍ମିତ ପାତ୍ରଙ୍କ ରାଜ୍ୟସଭା ଉପାଧକ୍ଷ ପ୍ୟାନେଲରେ ମନୋନୀତ ହେବା ପରେ ତଥା ଆଜିର ଗୃହ ପରିଚାଳନାରେ ତାଙ୍କର ନିପୁଣତାକୁ ନେଇ ରାଜ୍ୟସଭାର ସାଂସଦମାନେ ତାଙ୍କୁ ଅଭିନନ୍ଦନ ଜଣାଇବା ସହିତ ପ୍ରଶଂସା ମଧ କରିଥିଲେ। ଉଲ୍ଲେଖଯୋଗ୍ୟ, ଗତବର୍ଷ ଜୁଲାଇ ମାସରେ ରାଜ୍ୟସଭାର ଅଧକ୍ଷ ଏମ୍.ଭେଙ୍କିଆ ନାଇଡୁ ରାଜ୍ୟସଭା ଉପାଧକ୍ଷ ପ୍ୟାନେଲକୁ ସସ୍ମିତଙ୍କ ସହିତ ଛଅଜଣ ସଦସ୍ୟଙ୍କୁ ମନୋନୀତ କରିଥିଲେ।

## ରାଜ୍ୟରେ ଆଉ ୯ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୬୯୧ହେଲା




ଭୁବନେଶ୍ୱର,୧୯।୯ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୯ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୬୯୧ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ବରଗଡ ଜିଲ୍ଲାରୁ ୨ ଜଣ, ଭଦ୍ରକ, ବଲାଙ୍ଗୀର, କଟକ, ଗଜପତି, ପୁରୀ, ରାୟଗଡା ଓ ସମ୍ବଲପୁର ଜିଲ୍ଲାର ଜଣେ ଜଣେ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବରଗଡ ଜିଲ୍ଲାର ଜଣେ ୬୩ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ବରଗଡ ଜିଲ୍ଲାର ଜଣେ ୫୫ ବର୍ଷୀୟ କରୋନା ଆକ୍ରାନ୍ତ ମହିଳାଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ। ଭଦ୍ରକ ଜିଲ୍ଲାର ଜଣେ ୫୨ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ବଲାଙ୍ଗୀର ଜିଲ୍ଲାର ଜଣେ ୫୫ବର୍ଷୀୟ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଥିବା ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ସେ ମଧୁମେହରେ ପୀଡିତ ଥିଲେ। କଟକ ଜିଲ୍ଲାର ଜଣେ ୭୮ ବର୍ଷୀୟ କରୋନା ସଂକ୍ରମିତ ମହିଳା ମୃତ୍ୟୁବରଣ କରିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଗଜପତି ଜିଲ୍ଲାର ଜଣେ ଜଣେ ୩୭ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି। ପୁରୀ ଜିଲ୍ଲାର ଜଣେ ୭୩ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ରାୟଗଡା ଜିଲ୍ଲାର ଜଣେ ୫୨ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସମ୍ବଲପୁର ଜିଲ୍ଲାର ୬୦ ବର୍ଷୀୟ ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି।

## ୨୪ ଘଂଟାରେ ଘନୀଭୁତ ହେବ ଲଘୁଚାପ: ଅଧିକାଂଶ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର,୧୯।୯ (ନି.ପ୍ର): ଆସନ୍ତା କାଲି (ରବିବାର) ଉତର-ପୂର୍ବ ବଙ୍ଗୋପସାଗର ତଥା ତାର ଆଖପାଖ ଅଂଚଳରେ ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହି ସମ୍ଭାବ୍ୟ ଲଘୁଚାପ ଉତର-ପର୍ଶ୍ଚିମ ବଙ୍ଗୋପସାଗର ଅଂଚଳରେ ପରବର୍ତୀ ୨୪ଘଂଟାରେ ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି ବୋଲି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ବଜ୍ରପାତ ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହା ବ୍ୟତୀତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା ,କଟକ, ଜଗତସିଂହପୁର , ପୁରୀ, ଖୋର୍ଦ୍ଧା, ନୟାଗଡ , ଗଂଜାମ, ଗଜପତି, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଢେଙ୍କାନାଳ , ସୁନ୍ଦରଗଡ, କେନ୍ଦୁଝର, ମୟୁରଭଂଜ ଓ ବଲାଙ୍ଗୀର ଜିଲ୍ଲାରେ ବଜ୍ରପାତ ସହ ବର୍ଷା ସମ୍ଭାବନା ରହିଛି। ▶▶ପୃଷ୍ଠା ୭

## ଦୋକାନ ଭିତରକୁ ପଶିଗଲା ପଥର ବୋଝେଇ ଟ୍ରକ: ଚାରି ଗୁରୁତର

ଭୁବନେଶ୍ୱର,୧୯।୯ (ନି.ପ୍ର): ଶନିବାର ସକାଳେ ଭୁବନେଶ୍ୱର ଉପକଣ୍ଠରେ ଏକ ଦୁର୍ଘଟଣାରେ ଚାରି ଜଣ ଆହତ ହୋଇଛନ୍ତି । ଭୁବନେଶ୍ୱର ସହର ଉପକଣ୍ଠରେ ଥିବା ମେଣ୍ଢାଶାଳ ଅଂଚଳର ଏକ ଦୋକାନରେ ପଥର ବୋଝେଇ ଟ୍ରକ୍ ଧକ୍କା ଦେବା ଫଳରେ ଚାରି ଜଣ ଗୁରୁତର ଆହତ ହୋଇଥିବାର ଖବର ମିଳିଛି। ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତି କରାଯାଇଥିବା ଜଣା ଯାଇଛି । ମିଳିଥିବା ସୂଚନା ଅନୁସାର ଡ୍ରାଇଭର ଗାଡ଼ି ଉପରେ ନିୟନ୍ତ୍ରଣ ହରାଇବା ପରେ ଟ୍ରକଟି ଦୋକାନ ଭିତରକୁ ପଶି ଯାଇଥିଲା। ଦୁର୍ଘଟଣାସ୍ଥଳରୁ ଟ୍ରକକୁ ହଟାଇବା ପାଇଁ ଏକ କ୍ରେନ୍ ନିୟୋଜିତ ହୋଇଛି।

## ଆଦିବାସୀଙ୍କ ଘର ଭାଙ୍ଗିଥିବା ମହିଳା ସରପଂଚ ନିଲମ୍ବିତ

ଭୁବନେଶ୍ୱର,୧୯।୯ (ନି.ପ୍ର): କ୍ଷମତାର ଅପବ୍ୟବହାର କରି ଆଦିବାସୀଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଘର ଭାଙ୍ଗିଥିବା ବଲାଙ୍ଗୀର ଜିଲ୍ଲାର ସାଲେଭଟାର ମହିଳା ସରପଂଚ ହେମକାନ୍ତି ମୁଣ୍ଡାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଇ ତାଙ୍କୁ ପଦରୁ ନିଲମ୍ବନ କରା ଯାଇଛି । ଏହା ସହ ନାଏବ ସରପଂଚଙ୍କୁ ପଂଚାୟତର ପରିଚାଳନା ଦାୟିତ୍ୱ ପ୍ରଦାନ କରା ଯାଇଥିବା ପଂଚାୟତିରାଜ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଉଲ୍ଲେଖନୀୟ ଯେ ଗତ ଅଗଷ୍ଟ ମାସ ୧୧ ତାରିଖ ଦିନ ମହିଳା ସରପଂଚ ହେମକାନ୍ତି ମୁଣ୍ଡା ନିଜର କ୍ଷମତାର ଅପବ୍ୟବହାର କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତିଆରି ହୋଇଥିବା ଘରକୁ ବୁଲଡଜର ଲଗାଇ ଭାଙ୍ଗିବା ସମ୍ପର୍କରେ ଅଭିଯୋଗ ହୋଇଥିଲା ।

## ୨ ବର୍ଷରେ ଚିଲିକା ଓ ଅଂଶୁପାର ରକ୍ଷଣାବେକ୍ଷଣ ପାଇଁ କେନ୍ଦ୍ର ସରକାର ଦେଇଛନ୍ତି ୪.୭ କୋଟି

### ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡ଼େକରଙ୍କୁ ଧନ୍ୟବାଦ ଜଣାଇଲେ ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୧୯।୯ (ନି.ପ୍ର): ବିଗତ ୨ ବର୍ଷ ମଧରେ ମୋଦି ସରକାର ନ୍ୟାସନାଲ୍ ପ୍ଲାନ୍ ଫର୍ କନଜରଭେସନ୍ ଅଫ୍ ଆକ୍ୱାଟିକ ଇକୋସିଷ୍ଟମ (ଏନପିସିଏ) ଅଧୀନରେ ଓଡ଼ିଶାକୁ ୪.୭ କୋଟି ଟଙ୍କା ଦେଇଛନ୍ତି । ଭାରତର ସର୍ବବୃହତ ଲୁଣି ହ୍ରଦ ଚିଲିକା ଏବଂ ଓଡିଶାର ସର୍ବବୃହତ ମଧୁର ଜଳ ହ୍ରଦ ଅଂଶୁପାର ରକ୍ଷଣାବେକ୍ଷଣ ପାଇଁ ଏହି ଆର୍ଥିକ ଅନୁଦାନ ଦିଆଯାଇଛି ବୋଲି ଟ୍ୱିଟ୍ କରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡେକରଙ୍କୁ ଧନ୍ୟବାଦ ଦେଇଛନ୍ତି ଶ୍ରୀ ପ୍ରଧାନ । ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଏବଂ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ଜାଭଡ଼େକରଙ୍କ ଦକ୍ଷ କାର୍ଯ୍ୟଶୈଳି ଯୋଗୁଁ ସନ୍ତସନ୍ଧିଆ ଅଞ୍ଚଳ ଓ ଜୈବ ବିବିଧତାର ସଂରକ୍ଷଣ, ସୁରକ୍ଷା ଏବଂ ପରିଚାଳନା ଦିଗରେ ଠୋସ୍ ପଦକ୍ଷେପ ନିଆଯାଇପାରିଛି ବୋଲି ସେ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ତିନି ବର୍ଷ ପୂର୍ବେ ଦଳ ଓ ଆବର୍ଜନାରେ ପୋତି ହୋଇଯାଇଥିବା ଥିବା ଅଂଶୁପା ହ୍ରଦର ପୁନରୁଦ୍ଧାର କରାଯିବା ସମସ୍ତଙ୍କୁ ଖୁସି ଦେଇଛି ଏବଂ ସମଗ୍ର ଦେଶରେ ▶▶ପୃଷ୍ଠା ୭

## ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୧୯।୯ (ନି.ପ୍ର): ଆଜି ଖୋର୍ଧା ଜିଲ୍ଲାରେ ୬୬୩ ଟି ନୂଆ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ୩୦୧୪୫ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୨୫୪୪, ବାଲେଶ୍ୱର ଜିଲ୍ଲାରେ ୬୦୬୭, ବରଗଡ ଜିଲ୍ଲାରେ ୫୧୨୩, ଭଦ୍ରକ ଜିଲ୍ଲାରେ ୪୩୩୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗିର ଜିଲ୍ଲାରେ ୩୩୯୭ . ବୌଦ୍ଧ ଜିଲ୍ଲାରେ ୧୩୬୯, କଟକ ଜିଲ୍ଲାରେ ୧୫,୪୮୫, ଦେବଗଡ ଜିଲ୍ଲାରେ ୪୭୯, ଢେଙ୍କାନାଳ ଜିଲ୍ଲାରେ ୨୯୮୩. ଗଜପତି ଜିଲ୍ଲାରେ ୩୩୨୪, ଗଂଜାମ ଜିଲ୍ଲାରେ ୧୯୫୬୭, ଜଗତସିଂହପୁର ଜିଲ୍ଲାରେ ୩୭୬୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୬୬୭୮ , ▶▶ପୃଷ୍ଠା ୭

## ହାଇରିସ୍କ ଥିବା ବ୍ୟକ୍ତି ହୋମ୍ ଆଇସୋଲେସନ୍ ବଦଳରେ କୋଭିଡ୍ ହସ୍ପିଟାଲରେ ଚିକିତ୍ସା କରିବାକୁ ପରାମର୍ଶ



ଭୁବନେଶ୍ୱର,୧୯।୯ (ନି.ପ୍ର): ଶିଶୁ, ବୟସ୍କ, ଗର୍ଭବତୀ ମହିଳା ତଥା ଦୁରାରୋଗ୍ୟ ରୋଗରେ ପୀଡିତ ଥିବା ବ୍ୟକ୍ତି କୋଭିଡ୍ ଦ୍ୱାରା ସଂକ୍ରମିତ ହେଲେ ହୋମ୍ ଆଇସୋଲେସନ୍ ବଦଳରେ କୋଭିଡ୍ ହସ୍ପିଟାଲରେ ଭର୍ତି ହେବା ଉଚିତ୍ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ବୈଷୟିକ ମୁଖପାତ୍ର ଡ. ଜୟନ୍ତ ପଣ୍ଡା ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ କରୋନାରେ ଆକ୍ରାନ୍ତ ବ୍ୟକ୍ତି ହୋମ୍ ଆଇସୋଲେସନରେ ଥିବା ସମୟରେ ସବୁବେଳେ ମାସ୍କ ଓ ଗ୍ଲୋଭସ ପିନ୍ଧିବାକୁ ହେବ। ହୋମ୍ ଆଇସୋଲେସନରେ ରୋଗୀଙ୍କୁ ଯେଉଁମାନେ ଯତ୍ନ ନେଉଛନ୍ତି, ସେମାନେ ମଧ ସଂକ୍ରମଣ ହେବାର ଆଶଙ୍କା ରହିଛି । ତେଣୁ ରୋଗୀଙ୍କ ସଂସ୍ପର୍ଶର ବେଶୀ ଆସିବା ଠିକ୍ ନୁହେଁ। ଆକ୍ରାନ୍ତ ବ୍ୟକ୍ତିଙ୍କ ପାଖକୁ ଶିଶୁ, ବରିଷ୍ଠ ନାଗରିକ ଓ ଗର୍ଭବତୀ ନ ଯାଆନ୍ତୁ । ଅଥବା ପରିବାରର ଜଣେ ମାତ୍ର ଲୋକ ରୋଗୀଙ୍କ କୋଠରୀକୁ ଯିବା ଦରକାର। କିନ୍ତୁ ସେମାନେ ମାସ୍କ ଓ ଗ୍ଲୋଭସ ପିନ୍ଧିବା ଦରକାର । ସଂକ୍ରମିତ ବ୍ୟକ୍ତି ଯଦି ଅନ୍ୟ କୌଣସି ରୋଗ ପାଇଁ ମେଡିସିନ୍ ଖାଉଥିବେ ତେବେ ସଂଗରୋଧରେ ଥିବା ବେଳେ ମଧ୍ୟ ତାକୁ ଜାରି ରଖିପାରିବେ। ସଂକ୍ରମିତ ବ୍ୟକ୍ତି ନିୟମିତ ମେଡିସିନ୍ ଖାଇଲେ ଏବଂ ୧୭ ଦିନ ଆଇସୋଲେସନ୍ ରେ ରହିଲେ ସୁସ୍ଥ ହୋଇପାରିବେ ବୋଲି ସେ କହିଛନ୍ତି। ଅନେକ ରୋଗୀଙ୍କ ଠାରେ ସାଧାରଣ ଲକ୍ଷଣ ଦେଖାଯାଉଛି । କିନ୍ତୁ ସାରା ବିଶ୍ୱରେ ଦେଖାଯାଇଛି ଯେ, ୯୦ ପ୍ରତିଶତ ରୋଗୀଙ୍କ ଠାରେ ଲକ୍ଷଣ ନାହିଁ । ଲକ୍ଷଣ ଯୁକ୍ତ ରୋଗୀଙ୍କୁ କୋଭିଡ ହସ୍ପିଟାଲରେ ରଖାଯାଉଥିଲା । କିନ୍ତୁ ପରେ ଚିନ୍ତା କରାଗଲା ଯେ ରୋଗୀ ଯଦି ଘରେ ରହିବ ପରିବାର ଲୋକଙ୍କ ସେବା ପାଇପାରିବ। ସହିତ ସାମାନ୍ୟ ଆଶ୍ୱସ୍ତି ଲାଭ କରିପାରିବ । କିନ୍ତୁ କରୋନା ଆକ୍ରାନ୍ତଙ୍କ ▶▶ପୃଷ୍ଠା ୭

# ଏକାଦଶାହରେ ଉର୍ମିଳା ଦେବୀଙ୍କୁ ଶ୍ରଦ୍ଧାଞ୍ଜଳି



ବାଲେଶ୍ୱର,୧୯।୯ (ନି.ପ୍ର): ବାଲେଶ୍ୱରର ଏକାଧିକ ସାମାଜିକ ଅନୁଷ୍ଠାନ ଓ ଗଣସଂଗଠନ ସହ ଜଡ଼ିତ ରାଣୀପାଟଣାର ଅନ୍ୟତମ ସମାଜସେବୀ ତଥା ଧର୍ମପରାୟଣା ମହିଳା ରବୀନ୍ଦ୍ର ପ୍ରହରାଜଙ୍କ ପତ୍ନୀ ଉର୍ମିଳା ଦେବୀଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆଜ ଅନୁଷ୍ଠିତ ହୋଇଯାଇଛି । ସରକାରଙ୍କ କୋଭିଡ଼୍-୧୯ କଟକଣା ଅନୁସରଣ ପୂର୍ବକ ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅୟୋଜିତ ହୋଇଥିଲା । ରାଣୀପାଟଣା ସମେତ ସହରର ବିଭିନ୍ନ ଅଞ୍ଚଳରୁ ବହୁ ବ୍ୟକ୍ତି ଏଥିରେ ଯୋଗଦେଇ ସ୍ୱର୍ଗତ ଉର୍ମିଳା ଦେବୀଙ୍କ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ ସହ ଦିବଂଗତ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ରବୀନ୍ଦ୍ର ପ୍ରହରାଜଙ୍କ ପତ୍ନୀ ହେଉଛନ୍ତି ଉର୍ମିଳା ଦେବୀ । ଗତ ୭ ତାରିଖ ଦିନ ସ୍ୱର୍ଗତା ଉର୍ମିଳାଙ୍କର ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିଲା । ୬୨ ବର୍ଷ ବୟସରେ ହୃଦଘାତ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବାର କୁହାଯାଇଛି । ତାଙ୍କର ଏକମାତ୍ର ପୁଅ ଇଂ. ଅନୀଶ ଜ୍ୟୋତି ମୋଟର୍ସରେ କାର୍ଯ୍ୟରତ ଥିବାବେଳେ ଦୁଇଝିଅ ବିବାହିତ ।

# ରାସ୍ତା ଡିଭାଇଡରେ ପିଟି ହୋଇ ଯୁବକ ମୃତ

କୋରେଇ,୧୯।୯ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସଠିପୁର ପଥପ୍ରାନ୍ତ ସୁବିଧା କେନ୍ଦ୍ର ସମ୍ମୁଖରେ ଆଜି ୪ଟା ବେଳେ ରାସ୍ତା କଡରେ ଥିବା ଭିଡାଇଡରେ ପିଟି ଜଣେ ଯୁବକର ମୃତ୍ୟୁ ଘଟିଛି । ଘଟଣାସ୍ଥଳେ ପାଣିକୋଇଲି ପୁଲିସ ପହଂଚି ବାଇକ ଆରୋହୀକୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଦୁର୍ଘଟଣାଗସ୍ତ ବାଇକଟିକୁ ଜବତ କରିଛି । ପ୍ରକାଶଯେ ମୟୁରଭଂଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ଅମ୍ବିକାଦେଇପୁର ଗ୍ରାମର ସାଧୁ ମାଝୀଙ୍କ ପୁଅ ରାମଜିତ (୨୭) ଏକ ହିରୋ ସ୍ପ୍ଲେଣ୍ଡର ବାଇକ (ଓଡି୧୧ ୟୁ ୮୧୦୭)ଯୋଗେ ଭଦ୍ରକ ପଟୁ ପାଣିକୋଇଲି ଆଡକୁ ଆସୁଥିବା ବେଳେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ସମ୍ମୁଖରେ କୌଣସି କାରଣରୁ ଭାରସାମ୍ୟ ହରାଇ ଡିଭାଇଡରେ ପିଡି ହୋଇଥିଲା । ଫଳରେ ତାର ମୁଣ୍ଡରେ ଗଭୀର ଆହତ ଲାଗିବା ସହ ପ୍ରଚୁର ରକ୍ତସ୍ରାବ ହୋଇଥିଲା ।  ଖବର ପାଇ ପୁଲିସ ଘଟଣାସ୍ଥଳେ ପହଂଚି ରାମଜିତର ଶବକୁ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା ।

# ବରିଷ୍ଠ ନାଗରିକ ଡ.ରବି ଦାସଙ୍କ ବିୟୋଗରେ ସ୍ମୃତି ସଭା



ପାରାଦ୍ୱୀପ,୧୯।୯ (ନି.ପ୍ର): ପାରାଦ୍ୱୀପ ର ବରିଷ୍ଠ ନାଗରିକ ପାରାଦ୍ୱୀପ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ ତଥା ବହୁ ଗଣ ଅନୁଷ୍ଠାନ ସହିତ ସଂପୃକ୍ତି ଥିବା ସମାଜସେବୀ ଡ. ରବିନ୍ଦ୍ର ନାଥ ଦାସଙ୍କ ଏକାଦସାହ ଅବସରରେ ଏକ ସ୍ମୃତି ସଭା ଗୁରୁବାର ସଂଧ୍ୟାରେ ଆୟୋଜିତ ହୋଇଯାଇଛି । ପାରାଦ୍ୱୀପର ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପାରାଦ୍ୱୀପ ମହାବିଦ୍ୟାଳୟ ପରିସରରେ ଏହି ସ୍ମୃତି ସଭା ଆୟୋଜିତ ହୋଇଥିଲା । ଟ୍ରଷ୍ଟର ସାଧାରଣ ସମ୍ପାଦକ ତଥା ପୂର୍ବତନ ନଗରପାଳ ବସନ୍ତ ବିଶ୍ୱାଳ ଏହି ସ୍ମୃତି ସଭାରେ ପୌରହିତ୍ୟ କରିଥିଲେ । ପାରାଦ୍ୱୀପ ବନ୍ଦର ଷ୍ଟିଭେଡର୍ସ ଆସୋସିଏସନର ସମ୍ପାଦକ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ବସନ୍ତ କୁମାର ବଳ, ଚନ୍ଦ୍ର ଶେଖର ଆଚାର୍ଯ୍ୟ, ଆଇନଜୀବୀ ସୁରେଶ ଚନ୍ଦ୍ର ଦାସ, ଶ୍ରମିକ ନେତା ନିମାଇଁ ଚରଣ ବରାଳ, ବିଭୁଧେନ୍ଦ୍ର ନାରାୟଣ ମହାରଣା, ମନୋରଞ୍ଜନ ଦାସ, ଯତିକାନ୍ତ ବେହେରାଙ୍କ ସମେତ ବହୁ ବ୍ୟକ୍ତି ଯୋଗ ଦେଇ ଡ.ରବି ଦାସଙ୍କ ସ୍ମୃତି ଚାରଣ କରିଥିଲେ ।

# ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ୭୦ ତମ ଜନ୍ମଦିବସ ଅବସରରେ ଶ୍ରୀମନ୍ଦିର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ



ପୁରୀ,୧୯।୯ (ନି.ପ୍ର): ସିଂହଦ୍ୱାର ମଣ୍ଡଳ ଏବଂ ସାଧାରଣ ଜନତା ଙ୍କ ତରଫରୁ ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ଙ୍କର ୭୦ ତମ ଜନ୍ମବାର୍ଷିକ ଉପଲକ୍ଷେ ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରେ ଦୀପ ପ୍ରଜ୍ୱଳନ କରାଯାଇ ଦୀର୍ଘାୟୁ କାମନା କରାଗଲା । ଏହି କାର୍ଯ୍ୟକ୍ରମରେ ଜାତୀୟ ପରିଷଦ ସଦସ୍ୟ ମଧୁସୂଦନ ସିଂହାରୀ,ଜିଲା ଉପ ସଭାପତି ଦିଗଦର୍ଶନ ପଟ୍ଟନାୟକ, ଜିଲା ସଂପାଦକ ଭବାନୀ ଦାସ ମହାପାତ୍ର, କୃଷକ ମୋର୍ଚ୍ଚା ଜିଲା ସାଧାରଣ ସଂପାଦକ ଅକ୍ଷୟ ମହାନ୍ତି, ସୂର୍ଯ୍ୟନାରାୟଣ ପୂଜାପଣ୍ଡା, ଅନିଲ କୁମାର ସାହୁ, ଦୀପକ ନାୟକ, ଅଶୋକ ସାହୁ, ପ୍ରଦୀପ ପରିଡା, ରାଜା ସୁଆର, ଦୀପକ ପଣ୍ଡା, ମାଧବ ମହାପାତ୍ର, ଆଶିଷ ଅମିତାଭ ମହାପାତ୍ର,ବିଶ୍ୱକଲ୍ୟାଣ ଅମିତାଭ ମହାପାତ୍ର, ସଞ୍ଜୀବ ପାଟ୍ଟଯୋଷୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସିକାମ୍ ପଦର ଗ୍ରାମବାସୀଙ୍କୁ କେବେ ମିଳିବ ଶୁଦ୍ଧ ପାନୀୟ ଜଳ

## ୧୫ରୁ ଉର୍ଦ୍ଧ୍ୱ କିଡନୀ ରୋଗରେ ଆକ୍ରାନ୍ତ, ୨ ମାସରେ ୩ ଜଣଙ୍କ ମୃତ୍ୟୁ

ଗୁଣୁପୁର,୧୯।୯ (ନି.ପ୍ର): ଦେଶ ସ୍ୱାଧୀନ ହେବାର ୭୩ ବର୍ଷ ପୂରିଲା, ହେଲେ ଆଯିବି ଆମ ଦେଶରେ ଲୋକ ଅବହେଳିତ, ଆଜି ପର୍ଯ୍ୟନ୍ତ ଲୋକ ଶୁଦ୍ଧ ପାନୀୟ ଜଳ ରୁ ବଞ୍ଚିତ । ସରକାରଙ୍କ ପକ୍ଷରୁ ବିଭିନ୍ନ ଆବାସ ଯୋଜନା ହେଉଛି ହେଲେ ବି ଦେଶର ବିଭିନ୍ନ ଇଲାକାରେ ମୁଣ୍ଡ ଗୁଁଜିବାକୁ ଛାଇ ବୋଲି ଟିକେ ପାଇ ପାରୁନି ମଣିଷ । ସେହିପରି ମଣିଷ ବଞ୍ଚିବା ପାଇଁ ଖାଦ୍ୟ ଓ ପାନୀୟ ଜଳର ନିତାନ୍ତ ଆବଶ୍ୟକ ହୋଇଥାଏ ହେଲେ ତାହାବି ଆମ ଜିଲ୍ଲା ରାୟଗଡ଼ାରେ ଠିକ୍ ରୂପେ ସରକାର ସାଧାରଣ ଲୋକ ଙ୍କୁ ଯୋଗାଇପରୁନଥିବ ଅଭିଯୋଗ ହୋଇଛି । ରାୟଗଡ଼ା ଜିଲ୍ଲା ଗୁଣୁପୁର ଉପଖଣ୍ଡ ବିଷମକଟକ ବ୍ଲକରେ ଦୂଷିତ ନଳକୂପ ପାଣି ବ୍ୟବହାର କରି ୧୫ ରୁ ଉର୍ଦ୍ଧ୍ୱ କିଡିନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି, ୨ ବର୍ଷ ମଧ୍ୟରେ ୪ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ବ୍ଲକ ର ବେଥିଆପଡା ଗ୍ରାମପଞ୍ଚାୟତ ଅଧୀନ ସିକାମପଦର ଗ୍ରାମରେ ଦୂଷିତ ନଳକୂପ ପାଣି ପିଇ ୧୫ ରୁ ଉର୍ଦ୍ଧ୍ୱ ବ୍ୟକ୍ତି କିଡନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ସେହି କିଡନୀ ରୋଗରେ ୨୦ ଦିନ ତଳେ ଜଣେ ଓ ୨ ମାସ ମଧ୍ୟରେ ୨ ଜଣ ଏବଂ ପୂର୍ବରୁ ଜଣେ ଏଭଳି ମୋଟ ୪ ଜଣ ପ୍ରାଣ ହରାଇସାରିଲେଣି । ୨ ମାସରେ ମୃତ ବ୍ୟକ୍ତି ହେଲେ କିଶୋର ବାତ୍ରିଆ (୩୩), ନାରିନ୍ଦୁ ମାଣ୍ଡାଙ୍ଗି (୩୫)ଓ ସିନାୟା ମେଲେକା (୩୬) । ରାୟଗଡ଼ା ଭଳି ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ରେ ପ୍ରଶାସନର ନିଦ ଭାଙ୍ଗୁନାହିଁ । ଏହି ସମସ୍ୟାକୁ ନେଇ ଦୀର୍ଘ ୧୦ ବର୍ଷ ହେଲା ଗ୍ରାମବାସୀ ବିଡ଼ିଓ, ଜିଲ୍ଲାପାଳ, ଜନସ୍ୱାସ୍ଥ୍ୟ ବିଭାଗ ଓ ଜଳ ଯୋଗାଣ ଓ ପରିମଳ ବିଭାଗକୁ ମୌଖିକ ଓ ଲିଖିତ ଭାବେ ବାରମ୍ବାର ଅଭିଯୋଗ ପରେ ମଧ କାର୍ଯ୍ୟାନୁଷ୍ଠାନ ହେଉନାହିଁ ବୋଲି ଗ୍ରାମବାସୀ କହିଛନ୍ତି । ଗ୍ରାମବାସୀଙ୍କ କହିବା ଅନୁସାରେ ଏହି ନଳକୂପ ପାଣି ହିଁ କିଡନୀ ରୋଗର ମୂଖ୍ୟ କାରଣ । ଯେତେବେଳେ ଗ୍ରାମବାସୀ ଅଭିଯୋଗ କରନ୍ତି ତ ସରକାର ଗୋଟାଏ ନୂତନ ନଳକୂଅ ଖୋଲୁଛନ୍ତି । କିନ୍ତୁ ଏହିପରି ଏହି ଗ୍ରାମରେ ମୋଟ ୭ ଗୋଟି ନଳକୂଅ ରହିଛି । ସେଥିରୁ ଗୋଟିଏ ଖରାପ ଅଛି, ଅନ୍ୟ ୬ ଗୋଟି ନଳକୂଅରୁ ପୂର୍ବ ଭଳି ସବୁ ନଳକୂପରୁ ହଳଦିଆ ପାଣି, ଲୁହାଗୁଣ୍ଡ ଓ ଜିଆଭଳି ଦେଖାଯାଉଥିବା ଛୋଟ ପୋକ ବାହାରୁଛି । ଗ୍ରାମବାସୀ କିଛି ବିକଳ୍ପ ବ୍ୟବସ୍ଥା ନଥିବାରୁ ଏହି ଦୂଷିତ ପାଣିକୁ ବ୍ୟବହାର କରୁଛନ୍ତି ଓ କିଡନୀ ବ୍ୟତୀତ ହୃଦରୋଗ, ରକ୍ତହୀନତା, ଗ୍ୟାସ ଓ କର୍କଟ ଭଳି ରୋଗରେ ଆକ୍ରାନ୍ତ ହେଉଛନ୍ତି । ପୁଣି ଏହି ଗ୍ରାମ କୁ ଏକ ପ୍ରକଳ୍ପ ମାଧ୍ୟମରେ ପମ୍ପ ସାହାଯ୍ୟରେ ପାଣି ଯୋଗାଇଦିଆଯାଉଥିଲା, ତାହା ମଧ ବନ୍ଦ ହେଇଯାଇଛି ଓ ଆଜକୁ ୨ ମାସ ଠିକ୍ ରୂପେ କାର୍ଯ୍ୟକ୍ଷମ ହେଉନାହିଁ । ଯଦିବା ପାଣି ଆସୁଛି ୨ ଦିନ ଆସିଲେ ୮ ଦିନ ଅସୁନାହିଁ । ଯଦି ପାଣିଆସେ ତେବେ ସବୁ ଷ୍ଟାଣ୍ଡ ପୋଷ୍ଟକୁ ପାଣି ଯାଉନାହିଁ । କେତେକ ଷ୍ଟାଣ୍ଡ ପୋଷ୍ଟରେ ଟେପ୍ ନଥିବାରୁ ଅଯଥା ପାଣି ନଷ୍ଟ ହେଉଛି । ଗ୍ରାମର ପ୍ରସାଦ ବାତ୍ରୀ,ପ୍ରମୋଦ ମାଣ୍ଡିକା, ମାଧବ ବାତ୍ରିଆ, ମହେନ୍ଦ୍ର ବାତ୍ରିଆ, ଲୋହିତ ବାତ୍ରିଆ, ଦମୟନ୍ତି କନ୍ଧପାଣି, କୁମୁଦ ବାତ୍ରିଆ, ଅଭିମନ୍ୟୁ କନ୍ଧପାଣି, ମାଲ୍ୟାଣୀ ବାତ୍ରିଆ, ବୁଚାମା ବାତ୍ରିଆ ଓ କାଞ୍ଚନ ବାତ୍ରିଆ ଦୀର୍ଘ ୫ ବର୍ଷ ହେଲା କିଡନୀ ରାଗରେ ଆକ୍ରା' । ସେମାନଙ୍କୁ ସରକାରୀ ଡାକ୍ତରଖାନାରେ ଔଷଧ ନମିଳିବାରୁ ବାହାରେ ମାସିକ ହଜାର ହଜାର ଟଙ୍କା ଖର୍ଚ୍ଚ କରି ଔଷଧ କିଣୁଛନ୍ତ । ଗରିବ ଶ୍ରେଣୀର ଲୋକ, ଏତେ ଟଙ୍କା କୁଆଡୁ ଆଣି ଔଷଧ କିଣିବୁ, କେବଳ ମରଣକୁ ଅପେକ୍ଷା କରିଛୁ ବୋଲି କୋହଭରା କଣ୍ଠରେ ଗ୍ରାମବାସୀ କହିଛନ୍ତି । ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ କହିଥିଲେ ଯେ, ଏହି ସବୁ ରୋଗ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଔଷଧ ଉପଲବ୍ଧ, ମାତ୍ର ଲୋକେ ବ୍ରହ୍ମପୁର ବିଶାଖାପାଟଣା ଯାଇ ଚିକିତ୍ସିତ ହୋଇ ଅଯଥାରେ ଖର୍ଚ୍ଚାନ୍ତ ହେଉଛନ୍ତି । ସରପଞ୍ଚ ବାରିକ କାଡ୍ରାକା କହିଛନ୍ତି ଯେ, ପଂଚାୟତ ପାଣ୍ଠିରେ ଅପର୍ଯ୍ୟାପ୍ତ ଟଙ୍କା ନାହିଁ ତେଣୁ ଗ୍ରାମବାସୀଙ୍କୁ ବିଶୁଦ୍ଧ ପାଣିଦେବା କଷ୍ଟକର । ଏଣୁ ଜିଲ୍ଲାପାଳ ଏଦିଗରେ ବିଶେଷ ଦୃଷ୍ଟି ଦେଇ ପାଖ ଗ୍ରାମ ବେଥିଆପଡାରୁ ପାଇପ ଯୋଗେ ପାଣି ଯୋଗାଇ ଦେଲେ ଗ୍ରାମବାସୀ ଉପକୃତ ହୋଇ ପାରିବେ ବୋଲି ଆଶା ପ୍ରକାଶ କରିଛନ୍ତି ଓ ପ୍ରଶାସନ ପକ୍ଷରୁ ଏହାର ଏକ ଚିର ବନ୍ଦୋବସ୍ତ କରିବା ନିହାତି ଆବଶ୍ୟକ ବୋଲି ସାଧାରଣ ରେ ଦାବୀ ହେଉଛି ।

# ନାବାଳିକା ଦୁଷ୍କର୍ମ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ ଓ ୧ ଲକ୍ଷ ଟଙ୍କା ଜରିମାନା

ଭଦ୍ରକ, ୧୯/୯ (ହି.ସ.) - ଆଜି ଭଦ୍ରକର ସ୍ୱତନ୍ତ୍ର ପୋସ୍କୋ ଅଦାଲତର ବିଚାରପତି ପ୍ରଣତି ସାହା ଜଣେ ଯୁବକଙ୍କୁ ନାବାଳିକା ଯୌନ ନିର୍ଯ୍ୟାତନା ମାମଲାର ବିଚାର କରି ପେସ୍କୋ ଆଇନ୍‌ର ଧା୪ରା ରେ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ସହ ୧ ଲକ୍ଷ ଟଙ୍କା ଜରିମାନାର ଆଦେଶ ଦେଇଛନ୍ତି । ପ୍ରାପ୍ତ ଖବରରୁ ଯାହା ଜଣାଯାଏ ଏହି ଜିଲାର ତିହିଡି ଥାନା କାଁପଡା ମଠସାହି ଗ୍ରାମର ଜଣେ ୧୨ ବର୍ଷର ନାବାଳିକା ୨୦୧୬ ଜାନୁୟାରୀ ୨୩ ରେ ଘର ନିକଟସ୍ଥ ୨ କିମି ଦୂର ନିଜ ଜମିକୁ ଶାଗ ତୋଳିବାକୁ ଯାଇଥିଲାବେଳେ ସେହି ଗ୍ରାମର ଅଭିଯୁକତ ପଂଚାନନ ମଳିକଙ୍କ ପୁତ୍ର ସୁକୁଟା ଓରଫ ପ୍ରଦୀପ (୨୫) ଏକ ନଳିତ ଖାଡି  ଗୋଛା ତା ମୁଣ୍ଡ ଉପରକୁ ଉଠାଇବା ପାଇଁ ସହାୟତା ମାଗିଥିଲା । ନାବାଳିକା ଜଣକ ତାକୁ ସହାୟତା କରିବାକୁ ପାଖକୁ ଆସିବାରୁ ସେ ତାକୁ ବଳପୂର୍ବକ ବଳପୂର୍ବକ ଦୁଷ୍କର୍ମ କରିଥିଲା । ସେହି ସମୟରେ ଉକ୍ତ ଗ୍ରାମର ଯୁବକ ଚରଣ ମଳିକ ସେହିରାସ୍ତା ଦେଇ ଯାଉଥିବାବେଳେ ତାକୁ ଉଦ୍ଧାର କରିଥିଲା । ଏହି ଘଟଣାରେ ନାବାଳିକାର ପରିବାର ଲୋକେ ତିହିଡି ଥାନାରେ ଅଭିଯୋଗ କରିବା ପରେ ଥାନା କେଶ୍ ନଂ ୭୭/୨୦୧୬, ପେସ୍କୋ ଆଇନ୍‌ର ଦଫା ୩୭୬ ଓ ଧା୪ରାରେ ଅଭିଯୁକ୍ତ ପ୍ରଦୀପକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ଘଟଣାରେ ପୋସ୍କୋ କୋର୍ଟରେ ସ୍ପେଶାଲ କେଶ୍ ନଂ ୭/୧୬ ମାମଲା ବିଚାର ଚାଲିଥିଲା । ଅଭିଯୁକ୍ତ ସେହିଦିନ ଠାରୁ ବିଚାରାଧୀନ ବନ୍ଦୀ ଭାବେ ଭଦ୍ରକ ଜେଲ୍‌ରେ ବନ୍ଦୀ ଜୀବନ କଟାଉଥିଲେ । ଆଜି ବିଚାର କରି ମାନ୍ୟବର ବିଚାରପତି ଅଭିଯୁକ୍ତ ପ୍ରଦୀପକୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ କାରାଦଣ୍ଡାଦେଶ ଶୁଣାଇଛନ୍ତି । ଏହି ମାମଲାରେ ପୀଡିତାଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ମନୋରଂଜନ ଦାସ ମାମଲା ପରିଚାଳନା କରିଥିଲେ ।

# ହୃଦଘାତରେ ଯୁବ ବ୍ୟବସାୟୀଙ୍କ ପରଲୋକ

କେନ୍ଦ୍ରାପଡା,୧୯।୯ (ନି.ପ୍ର): କେନ୍ଦ୍ରାପଡା ପୋରାଂଚଳ ଅନ୍ତର୍ଗତ ଦିଲାରପୁର ଗ୍ରାମର ଯୁବ ବ୍ୟବସାୟୀ ତଥା ସମାଜ ସେବୀଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ଦିଲାରପୁର ଗ୍ରାମର ସେକ ସାବିର୍ ଅଲ୍ଲୀ ଦୀର୍ଘଦିନ ହେଲା ଅସୁସ୍ଥ ଥାଇ ଚିକିତ୍ସାଧିନ ଥିଲେ । ଗୁରୁବାର ଅପରାହ୍ନରେ ତାଙ୍କର ପରଲୋକ ହୋଇଯାଇଛି । ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ । ସ୍ୱର୍ଗତଃ ସାବିର୍ ଅଲ୍ଲୀ ବହୁ ଅନୁଷ୍ଠାନରେ ସଭାପତି ଓ ସଂପାଦକ ଭାବେ ନିଷ୍ଠାପର ସହ କାମ ତୁଲାଉଥିଲେ ।

# ପବିତ୍ର ବିଶ୍ୱକର୍ମା ପୂଜା ଅବସରରେ ବିଏମ୍‌ଏସ୍ ପକ୍ଷରୁ ମାସ୍କ ଓ ସାନିଟାଇଜର ବଣ୍ଟନ



ପାରାଦ୍ୱୀପ,୧୯।୯ (ନି.ପ୍ର): ପ୍ରତ୍ୟେକ ବର୍ଷ ବନ୍ଦର ଓ ଶିଳ୍ପ ସହର ପାରାଦ୍ୱୀପରେ ଧୂମ୍ ଧାମରେ ପାଳିତ ହୁଏ ଦେବ ଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଉତ୍ସବ । ଚଳିତ ବର୍ଷ ବିଶ୍ୱମହାମାରୀ କରୋନା କଟକଣା ଯୋଗୁଁ ଫିକା ପଡିଛି ବିଶ୍ୱକର୍ମା ପୂଜା । ପାରାଦ୍ୱୀପର ଅନ୍ୟତମ ପ୍ରତିଷ୍ଠିତ ଶ୍ରମିକ ସଂଗଠନ ଭାରତୀୟ ବନ୍ଦର ମଜଦୁର ସଭା (ବିଏମ୍‌ଏସ୍) ପକ୍ଷରୁ ନିରାଡମ୍ବର ଭାବେ ବିଶ୍ୱକର୍ମା ପୂଜା ନୂଆବଜାର ସ୍ଥିତ ୟୁନିୟନ କାର୍ଯ୍ୟାଳୟ ଠାରେ ପାଳିତ ହୋଇଯାଇଛି । ଗୁରୁବାର ଦିନ ୟୁନିୟନ କାର୍ଯ୍ୟାଳୟ ଠାରେ ସଭାପତି ରାକେଶ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ନୂଆବଜାର ଅନ୍ତେବାସୀଙ୍କୁ ମାସ୍କ ଓ ସାନିଟାଇଜର ବଣ୍ଟନ କରାଯାଇଥିଲା । ବିଏମ୍‌ଏସ୍ ରାଜ୍ୟ କାର୍ଯ୍ୟକର୍ତ୍ତା କୃଷ୍ଣ ଚନ୍ଦ୍ର ମିଶ୍ର, ଜିଲ୍ଲା ସଭାପତି ଅକ୍ଷୟ ଦାସଙ୍କ ସମେତ ସାଧାରଣ ସମ୍ପାଦକ ଶ୍ରୀକାନ୍ତ ରାୟ, ଭବେନ୍ଦ୍ର ଦାଶଙ୍କ ସମେତ ସଦସ୍ୟମାନେ କୋଭିଡ୍ ନିୟମ ପାଳନ କରି ମାସ୍କ ଓ ସାନିଟାଇଜର ବଣ୍ଟନ କରିଥିଲେ ।

# ବଜରଙ୍ଗ ଦଳର ସାଂଗଠନିକ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ

କେନ୍ଦ୍ରାପଡା,୧୯।୯ (ନି.ପ୍ର): କେନ୍ଦ୍ରାପଡା ବିଶ୍ୱ ହିନ୍ଦୁ ପରିଷଦର ତିନିମୁହାଣୀ ସ୍ଥିତ କାର୍ଯ୍ୟାଳୟରେ ଏକ ବୈଠକ କରାଯାଇ ବଜରଙ୍ଗ ଦଳର ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଛି । ବିଶ୍ୱ ହିନ୍ଦୁ ପରିଷଦର ଜିଲ୍ଲା ସଭାପତି ବାନାମ୍ବର ସାହୁଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ବଜରଙ୍ଗ ଦଳର ସଂଯୋଜକ ଭାବେ ସତ୍ୟପ୍ରିୟ ଜେନା ଓ ସହ ସଂଯୋଜକ ଭାବରେ ନିରଞ୍ଜନ ସୁଆରଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି । ଏହି ଦୁଇ କର୍ମକର୍ତ୍ତା ମାନେ ଦଳକୁ ଆଗେଇ ନେବା ପାଇଁ ଚେଷ୍ଟା କରିବେ ବୋଲି ମତ ପ୍ରକାଶ କରିଛନ୍ତି ।

# କଲର କ୍ଲାଉଡ୍ ପବ୍ଲିକ୍ ସ୍କୁଲ୍ ବନ୍ଦ କରିବାକୁ ନିର୍ଦ୍ଦେଶ

ଧର୍ମଶାଳା,୧୯।୯ (ନି.ପ୍ର): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ବଜାରରେ ଥିବା କଲର କ୍ଲାଉଡ୍ ପବ୍ଲିକ୍ ସ୍କୁଲ୍‌ର ବନ୍ଦ କରିବା ପାଇଁ ଜିଲ୍ଲା ଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି । ସ୍କୁଲ୍ ଖୋଲିବା ପାଇଁ ଆବଶ୍ୟକ ଅନୁମତି କିମ୍ବା ରେଜିଷ୍ଟ୍ରେସନ୍ ପ୍ରମାଣପତ୍ର ନ ଥିବା ଜଣାପଡିଛି । ଯାଜପୁର ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ଚିଠି ନମ୍ବର-୪୯୦୩ ଅନୁସାରେ,ଜାରକା ବଜାରରେ କଲର କ୍ଲାଉଡ୍ ପବ୍ଲିକ୍ ସ୍କୁଲ୍ ନାମରେ ଏକ ଘରୋଇ ବିଦ୍ୟାଳୟ ଖୋଲାଯାଇ ୨୦୦୦/୨୧ ଶିକ୍ଷାବର୍ଷ ପାଇଁ ବେଆଇନ ଭାବେ ନାମଲେଖା ଆରମ୍ଭ ହୋଇଥିଲା । ଏହାକୁ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଖବରକାଗଜରେ ବିଜ୍ଞାପନ ପ୍ରକାଶ କରିବା ପରେ ଜିଲ୍ଲା ଶିକ୍ଷାବିଭାଗ ପକ୍ଷରୁ ଏହାର ତଦନ୍ତ କରାଯାଇଥିଲା । ଧର୍ମଶାଳା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହାର ତଦନ୍ତ କରାଯାଇ ରିପୋର୍ଟ ଦିଆଯିବା ପରେ ଏହି ସ୍କୁଲ୍‌କୁ ବନ୍ଦ କରିବା ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ନୋଟିସ୍ କରାଯାଇଛି । ଏଥିରେ ଯଦି ବିଦ୍ୟାଳୟ କର୍ତ୍ତୃପକ୍ଷ ଖିଲାପ କରନ୍ତି ତେବେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶିକ୍ଷାବିଭାଗ କହିଛି । ଅନ୍ୟ ପକ୍ଷରେ ବେଆଇନ ଭାବେ ଆରମ୍ଭ ହୋଇଥିବା ଏହି ସ୍କୁଲକୁ ପ୍ରାଥମିକ ଅନୁମତି ଓ ପରେ ରେଜିଷ୍ଟ୍ରେସନ୍ ପ୍ରମାଣପତ୍ର ନପାଇବା ପର୍ଯ୍ୟନ୍ତ ସ୍କୁଲ ଖୋଲି ପାରିବେ ନାହିଁ ବୋଲି ଉକ୍ତ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି । ଏ ସଂପର୍କରେ ଧର୍ମଶାଳା ବିଡିଓ,ବିଇଓ ଓ ପୁଲିସ୍‌ଙ୍କୁ ମଧ୍ୟ ଅବଗତ କରାଯାଇଛି । ତେବେ ସ୍କୁଲ୍ କର୍ତ୍ତୃପକ୍ଷଙ୍କ ପ୍ରତକ୍ରିୟା ନେବାପାଇଁ ଚେଷ୍ଟା କରାଯାଇ ଥିଲେ ମଧ୍ୟ ସମ୍ଭବ ହୋଇନଥିଲା ।

# ଅସହାୟ ବାସହରାଙ୍କୁ କମ୍ବଳ ବଂଟନ



ବାରିପଦା,୧୯।୯ (ନି.ପ୍ର): କରୋନା ମହାମାରୀ ଜନୀତ କଟକଣା ପାଇଁ ଲୋକେ ରୋଜଗାର ହରାଇ ବହୁ ଦୁଃଖ ଦୈନ୍ୟତାରେ କାଳାତିପାତ କରୁଥିବା ବେଳେ ନିକଟ ଅତୀତରେ ବାରିପଦାରେ ଦେଖାଯାଇଥିବା ପ୍ରବଳ ବର୍ଷା ଓ ବନ୍ୟା କାରଣରୁ ବିଭିନ୍ନ ବସ୍ତି ଅଂଚଳର ବହୁଲୋକ ଅସହାୟ ଅବସ୍ଥାରେ ରହିଛନ୍ତି । ସେମାନଙ୍କୁ ବନ୍ୟା ପରେ ପଲିଥିନ ଆଦି ବାରିପଦା ତହସିଲଦାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ବେଳେ ଗତକାଲି ରାତିରେ ମୟୂରଭଞ୍ଜର ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିବେକାନନ୍ଦ ସାହୁଙ୍କ ତତ୍ତ୍ୱାବଧାନ କ୍ରମେ ବାରିପଦା ଶୂନଗଡିଆ ଅଂଚଳର ବାସହରା ପରିବାର ମାନଙ୍କୁ କମ୍ବଳ ବଂଟନ କରାଯାଇଥିବାର ଦେଖିବାକୁ ମିଳିଛି । ଏଭଳି କାର୍ଯ୍ୟକୁ ସ୍ଥାନୀୟ ଅଂଚଳରେ ପ୍ରଶଂସା କରାଯାଇଛି ।

# କରୋନା ସହାୟତା ଏବେ ଜିଲ୍ଲା ଯୋଗାଣ ବ୍ୟବସ୍ଥାର ପୋଲ୍ ଖୋଲୁଛି : ସହାୟତା ନେଇନଥିବା କାର୍ଡଧାରୀଙ୍କ ସମ୍ପର୍କରେ ଜିଲ୍ଲା ବ୍ୟାପୀ ଯାଂଚ୍ ଲାଗି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ରାଉରକେଲା,୧୯।୯ (ନି.ପ୍ର): କରୋନା ସମୟରେ ପ୍ରତି ରାସନ କାର୍ଡ ଧାରୀଙ୍କୁ ୧ ହଜାର ଟଙ୍କା ଲେଖାଏଁ ଦେବା ଲାଗି କେନ୍ଦ୍ର ସରକାର ସୁନ୍ଦରଗଡ ଜିଲ୍ଲାକୁ ଅର୍ଥ ଯୋଗାଇ ଦେବା ପରେ, ରାଉରକେଲା ମହାନଗର ସମେତ ୩ଟି ମୁନିସପାଲିଟି ଓ ୧୭ଟି ବ୍ଲକରେ ବହୁ କାର୍ଡଧାରୀ ଏହି ଅର୍ଥ ନେଇନଥିବା ଘଟଣା ସଂପର୍କରେ ଆରଟିଆଇ ମାଧ୍ୟମରେ ସମସ୍ତ ସୂଚନା ଆଣି ଏହାର ଯାଂଚ୍ ଲାଗି କଂଗ୍ରେସ ଦଳର ପୂର୍ବତନ ରାଜ୍ୟ ସଂପାଦକ ରଶ୍ମିରଂଜନ ପାଢୀ ଦାବି କରିଥିଲେ , ଏହା ପରେ ରାଜ୍ୟର ବିଭିନ୍ନ ଖବର କାଗଜରେ ଏହି ଖବର ବାରମ୍ବାର ପ୍ରକାଶ ପାଇବା ସହ ଆସିଥିବା ଅର୍ଥ ମଧ ଫେରିଗଲା । ଫଳରେ କେନ୍ଦ୍ର ସରକାରୀ ସହାୟତା ଏକ ପ୍ରକାର ସବୁ କଥା ଧରାଇଦେଲା ବୋଲି ଆଲୋଚନା ଚାଲିଛି । ବର୍ତ୍ତମାନ ଜିଲ୍ଲା ସାରା ଏହି ସହାୟତା ନେଇ ନଥିବା ଲୋକ ମାନଙ୍କ ସଂପର୍କରେ ଯାଂଚ କରି ୭ ଦିନ ଭିତରେ ରିପୋର୍ଟ ଦାଖଲ କରିବା ଲାଗି ଜିଲ୍ଲାପାଳ ସୁନ୍ଦରଗଡ ନିଖିଲ ପବନ କଲ୍ୟାଣ ତାଙ୍କ ଚିଠି ନମ୍ବର,୧୬୯୧ ତା ୯-୯-୨୦ ଅନୁଯାଇ ଜିଲ୍ଲାର ୩ଟି ମୁନିସପାଲିଟି ଓ ସମସ୍ତ ବିଡିଓଙ୍କୁ ଚିଠି ଲେଖିଥିବା ଖବର ମିଳିଛି । ଏହି କଥା ପ୍ରଥମେ ରାଉରକେଲା ମହାନଗର ଅଂଚଳରେ ଜଣାପଡିଥିଲା । ଏଠାରେ ୧୯୩୨ ଜଣ ହିତାଧିକାରୀ ଏହି ୧୦୦୦ ଟଙ୍କା ସହାୟତା ନେଇ ନଥିଲେ । ୨୦୧୬-୧୭ ମସିହାରୁ ଯେଉଁମାନେ ପ୍ରତିମାସ ଚାଉଳ, ଗହମ ଓ କିରାସିନ ନେଉଥିଲେ ସେମାନେ ତାଙ୍କ ପରିଚୟ ଦେଇ ଏହି ଟଙ୍କା କାହିଁକି ନେଲେ ନାହିଁ ବୋଲି ସବୁଆଡେ ଆଲୋଚନା ହେଲା । ପରେ ଏହି କଥା ଜିଲ୍ଲା ବ୍ୟାପି କଥା ଉଠିବା ପରେ ଯାଂଚ୍ ଲାଗି ଆଦେଶ ହେଲା । ଜିଲ୍ଲାପାଳଙ୍କ ଚିଠି ଅନୁଶାରେ, ରାଉରକେଲାକୁ ଛାଡିଦେଲେ ଜିଲ୍ଲାର ୩ ମୁନିସପାଲିଟି ଓ ବ୍ଲକରେ ୫୦୯୬ ହିତାଧିକାରୀ ଏହି ୧୦୦୦ ଟଙ୍କା ସହାୟତା ନେଇ ନାହାଁନ୍ତି । ଯଦି ରାଉରକେଲାକୁ ମିଶାଇ ଦିଆଯାଏ ତେବେ ମୋଟ୍ ଜିଲ୍ଲାରେ ୭୦୨୮ ଜଣ ରାସନ କାର୍ଡ ଧାରୀ ଏହି ସହାୟତା ନେଇ ନାହାନ୍ତି । ତେବେ ବର୍ତ୍ତମାନ ପ୍ରଶ୍ନ ଉଠୁଛି ଏମାନେ କିଏ ? ଶ୍ରୀ ପାଢି ଏହି ହିସାବକୁ ନେଇ କହିଛନ୍ତି ଯେ, ସେ ଏହାର ସଂଖ୍ୟା ୮ରୁ ୧୦ ହଜାର ବୋଲି ଆକଳନ କରିଥିଲେ, ବର୍ତ୍ତମାନ ସରକାରୀ ସୂଚନା ପାଖା ପାଖି ସେଇଆ, ତେଣୁ ଜିଲ୍ଲା ପ୍ରଶାସନର ଯାଂଚ୍ ସମେତ ରାଜ୍ୟ ଭିଜିଲାନ୍ସ ଡିଜି ଏନେଇ ଯାଂଚ୍ କରି ରାଜ୍ୟରେ ୫-ଟିର କାର୍ଯ୍ୟକାରିତାକୁ ନେଇ ପ୍ରମାଣ ଦିଅନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି । ଜିଲ୍ଲାପାଳ ଦେଇଥିବା ସୂଚନା ଅନୁସାରେ, ବିରମିତ୍ରପୁର ପୌରାଂଚଳରେ ୫୬ ଜଣ, ରାଜଗାଙ୍ଗପୁରରେ ୯୦ ଜଣ, ସୁନ୍ଦରଗଡ ପୌରାଂଚଳରେ ୨୪୯ ଜଣ, ବାଲିଶଙ୍କରାରେ ୧୨୫, ବଡଗାଁରେ ୫୫ ଜଣ, ବିଶ୍ରାରେ ୭୪ ଜଣ, ବଣାଇରେ୧୬୮ ଜଣ, ଗୁରୁଣ୍ଡିଆରେ ୨୨୫, ହେମଗିରିରେ ୩୧୧, କୋଇଡାରେ ୫୯୩, କୁଆଁରମୁଣ୍ଡାରେ ୧୩୬ ଜଣ, କୁତ୍ରାରେ୧୦୯, ଲହୁଣିପଡାରେ ୭୫୦ ଜଣ, ଲାଠିକଟାରେ ୫୪୭ ଜଣ, ଲେଫ୍ରିପଡାରେ ୪୪୪ ଜଣ, ନୂଆଗାଁରେ ୩୨୫ ଜଣ, ରାଜଗାଙ୍ଗପୁର ବ୍ଲକରେ ୧୦୨ ଜଣ, ସବଡେଗାରେ ୫୨ ଜଣ, ସୁନ୍ଦରଗଡରେ ୩୭୯ ଜଣ ଓ ଟାଙ୍ଗରପାଲିରେ ୩୦୬ ଜଣ ଏହି କରୋନା ସହାୟତା ନେଇ ନାହାନ୍ତି । ତେବେ ରାଉରକେଲା ଓ ଜିଲ୍ଲାରେ ମୋଟ ଯେଉଁମାନେ ଏହି ସହାୟତା ନେଲେ ନାହିଁ ଓ ପଇସା ଫେରିଗଲା ସେମାନେ ଆଜିଯାଏ ଲକ୍ଷ ଲକ୍ଷ ଟନ ଗହମ, ଚାଉଳ ଓ କିରାସିନ ଉଠାଇ ନେଇସାରିଛନ୍ତି । ତେବେ ସେମାନେ କିଏ ସେମାନଙ୍କ ଠିକଣା କଣ, ସେମାନେ କେଉଁ ଡିଲର ଦ୍ୱାରା ଏସବୁ ସହାୟତା ନେଉଥିଲେ, ତାହାର ସତ୍ୟା ସତ୍ୟ ପଦାକୁ ଆସିଲେ ସବୁ ଲୁଟ୍ ପାଟର ମୂଳ ଲୋକ କିଏ ତାହା ପଦାକୁ ଆସିପାରିବ । କିନ୍ତୁ, ରାଉରକେଲାରେ ଯାଂଚ୍ ନେଇ ଜିଲ୍ଲାପାଳ ଉପଜିଲ୍ଲାପାଳଙ୍କୁ ଦାୟିତ୍ୱ ଦେବା ପରେ ଏସବୁ ଯାଂଚ୍ ଯୋଗାଣ ବିଭାଗ ଅଧିକାରୀ ଓ କେତେକ ଯୋଗାଣ ନିରୀକ୍ଷକ କରୁଥିବା ଖବର ମିଳିଛି । ଏମାନଙ୍କ ସହ ଜଣେ ଅଧିକାରୀ ରହିଛନ୍ତି ଯିଏକି ଅତିତରେ ବିଭିନ୍ନ ଅଫିସରେ କିରାଣୀ ଦାୟିତ୍ୱରେ ଥିଲେ, ନିକଟରେ ଆଇଆରଏସ ପାଇ ଉଚ୍ଚ ପଦକୁ ଯାଇଛନ୍ତି । ଏମାନେ ବିଭିନ୍ନ ଯାଗାକୁ ଯାଉଛନ୍ତି ସବୁ ଡିଲରଙ୍କୁ ଡାକି ଗୋଟାଏ ଟେବୁଲରେ ମିଠା ଜଳଖିଆ ଖାଇ ସାରି କଣ ରିପୋର୍ଟ ଆଣୁଛନ୍ତି ତାହା ସମୟ କହିବ ବୋଲି କୁହାଯାଉଛି । ନିକଟରେ ଏହି ଯାଂଚକାରୀ ଦଳ କେତେକ ଡିଲରଙ୍କ ପାଖରେ ୯ରୁ ୧୦ଟି ଏହିଭଳି କାର୍ଡ ଥିବା ଜାଣି ପଚରା ଉଚରା କରିବା ପରେ ସେମାନେ କହିଛନ୍ତି ଏସବୁ ସେମାନଙ୍କୁ ଅଫିସରୁ ମିଳିଛି । ଯଦି ଏହା ସତ୍ୟ ତେବେ ଯୋଗାଣ ବିଭାଗ ଅଧିକାରୀ ଓ ନୀରିକ୍ଷକ ଏହି ଘୋଟାଲାକୁ କିଭଳି ଯାଂଚ କରିବେ ତାହା ଅନୁମାନ କରାଯାଇପାରେ ।

# ଅନାଲୋଚିତ ସୌନ୍ଦର୍ଯ୍ୟ

ଭାରତ ଓ ଚୀନ୍ ସୀମାରେ ପାଙ୍ଗୋଙ୍ଗ ହ୍ରଦ ଅଞ୍ଚଳରେ ଥିବା 'ଫିଙ୍ଗର ଏରିଆ'କୁ ନେଇ ବିବାଦ ଲାଗି ରହିଛି । ତେବେ ସୀମା ବିବାଦ ଭିତରେ ପାଙ୍ଗୋଙ୍ଗ ଅଞ୍ଚଳର ସୌନ୍ଦର୍ଯ୍ୟରେ କିଛି ଫରକ ପଡ଼ିନାହିଁ । ଯଦିଓ ଏହି ସ୍ଥାନକୁ ପର୍ଯ୍ୟଟକଙ୍କୁ ସେପରି ଯାତାୟତ ହୋଇନଥାଏ ଏହା କିନ୍ତୁ ପ୍ରକୃତିପ୍ରେମୀଙ୍କ ପାଇଁ ଖୁବ୍ ଆକର୍ଷଣୀୟ ସ୍ଥାନ । ପାଙ୍ଗୋଙ୍ଗ ସମେତ ଦେଶର ପାଞ୍ଚଟି ଏପରି ଅନାଲୋଚିତ, କିନ୍ତୁ ରମଣୀୟ ସ୍ଥାନ ସମ୍ପର୍କରେ-



### ପାଙ୍ଗୋଙ୍ଗ ହ୍ରଦ, ଜାମ୍ମୁ-କାଶ୍ମୀର:

ଲେହର ଏବଂ ଲଦାଖ ସହ ଏହି ହ୍ରଦର ସୌନ୍ଦର୍ଯ୍ୟ '୩ ଇଡିଅଟ୍ସ' ଚଳଚ୍ଚିତ୍ରରେ ପ୍ରଦର୍ଶିତ ହୋଇଥିଲା । ଏଥିରେ କରୀନା କପୁର ବିବାହ ବେଦୀରୁ ଉଠି ସ୍କୁଟରରେ ଯେଉଁ ସ୍ଥାନକୁ ଆସିଥିଲେ ତାହା ପାଙ୍ଗୋଙ୍ଗ ହ୍ରଦ ଅଞ୍ଚଳ । ହିମାଳୟ ପାର୍ବତ୍ୟାଞ୍ଚଳରେ ଖୁବ୍ ଉଚ୍ଚ ସ୍ଥାନରେ ଏହି ହ୍ରଦ ରହିଛି । ଏହା 'ପାଙ୍ଗୋଙ୍ଗ ତ୍ସୋ' ନାମରେ ବି ପରିଚିତ । ଏହି ହ୍ରଦ ଭାରତର ଲଦାଖଠାରୁ ଚୀନ୍ ନିୟନ୍ତ୍ରଣାଧୀନ ତିବ୍ବତ ପର୍ଯ୍ୟନ୍ତ ପ୍ରାୟ ୧୩୪ କିଲୋମିଟର ଲମ୍ବିଛି । ଏହାକୁ ନେଇ ଚାଲିଥିବା ଅନୁଧ୍ୟାନ ସଫଳ ହେଲେ ଏହି ହ୍ରଦ ଦକ୍ଷିଣ ଏସିଆର ପ୍ରଥମ ଟ୍ରାନ୍ସ-ବାଉଣ୍ଡାରୀ ୱେଟଲ୍ୟାଣ୍ଡ ଭାବେ ପରିଚିତ ହେବ । ପାଙ୍ଗୋଙ୍ଗ ଲୁଣି ପାଣିର ହ୍ରଦ ହୋଇଥିଲେ ବି ଥଣ୍ଡା ପଡ଼ିଲେ ଜମାଟ ବାନ୍ଧିଯାଏ । ଏହା ଏଲ୍ଏସି ଅଞ୍ଚଳରେ ଅଞ୍ଚଳରେ ଥିବାରୁ ଏଠାକୁ ଯିବାଲାଗି ସ୍ୱତନ୍ତ୍ର ଅନୁମତି ପତ୍ର ଜରୁରୀ ।



### ତାର୍କର୍ଲି ବେଳାଭୂମି, ମହାରାଷ୍ଟ୍ର:

ମୁମ୍ବାଇ ସହରରୁ ମାତ୍ର କେତେଘଣ୍ଟା ଗାଡ଼ିରେ ଯିବା ପରେ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ତାରକର୍ଲି ବେଳାଭୂମିରେ ପହଞ୍ଚି ହେବ । ସ୍ନାର୍କେଲିଂ ଏବଂ ସ୍କୁବା ଡାଇଭିଂ ପରି ରୋମାଞ୍ଚକର କ୍ରୀଡ଼ା ପସନ୍ଦ କରୁଥିବା ବ୍ୟକ୍ତିଙ୍କ ପାଇଁ ଏହା ଖୁବ୍ ଭଲ ସ୍ଥାନ । ଶିବାଜି ମହାରାଜଙ୍କ ଦ୍ୱାରା ନିର୍ମିତ ସିନ୍ଧୁଦୁର୍ଗ ଏଠାକାର ଅନ୍ୟତମ ଆକର୍ଷଣ । ସମୁଦ୍ର ସହ ନଦୀ, ପାଲଟଣା ଡଙ୍ଗା, ଡଲ୍ଫିନ୍ ଆଦି ପର୍ଯ୍ୟଟକଙ୍କୁ ଏହି ସ୍ଥାନ ପ୍ରତି ଆକୃଷ୍ଟ କରିଥାଏ ।





### ମାଜୁଲି, ଆସାମ:

ବ୍ରହ୍ମପୁତ୍ର ନଦୀ ମଧ୍ୟରେ ଥିବା ମାଜୁଲି ବିଶ୍ୱର ସର୍ବବୃହତ ମଧୁର ଜଳ ଦ୍ୱୀପାଞ୍ଚଳ ଭାବେ ପରିଚିତ । ଏଠାରେ ଶତାଧିକ ବର୍ଷ ପୁରୁଣା ଆସାମ ସଭ୍ୟତାର ସାଂସ୍କୃତିକ ଗୁରୁତ୍ୱ, ପ୍ରାଚୀନ ଅସ୍ତ୍ରଶାସ୍ତ୍ର, ବାସନ, ଅଳଙ୍କାର ଏବଂ ଅନ୍ୟାନ୍ୟ ବସ୍ତୁ ସଂରକ୍ଷିତ କରି ରଖାଯାଇଛି । ଏହା ଗୁଆହାଟୀଠାରୁ ୩୪୭ କିଲୋମିଟର ଏବଂ ଜୋରହାଟଠାରୁ ମାତ୍ର ୨୦ କିଲୋମିଟର ଦୂରରେ ଅବସ୍ଥିତ । ଏଠାରେ ପ୍ରାୟତଃ ଜନଜାତିମାନେ ବାସ କରନ୍ତି । ସେମାନଙ୍କ ଚଳଣି ଓ ପରମ୍ପରା ଏଠାକାର ପ୍ରମୁଖ ଆକର୍ଷଣ ହୋଇଥିବା ବେଳେ ମାଜୁଲିକୁ ଆସାମର ସାଂସ୍କୃତିକ ରାଜଧାନୀ ବୋଲି ବି କୁହାଯାଏ ।



### ତୱାଙ୍ଗ, ଅରୁଣାଚଳ ପ୍ରଦେଶ:




ଏହା ଏଠାକାର ଏକ ଶାନ୍ତ ଶୈଳ ନିବାସ ବା ହିଲ୍ ଷ୍ଟେସନ । ତେବେ ବାରମ୍ବାର ବଦଳୁଥିବା ପାଣିପାଗ ଏବଂ ଭୂସ୍ଖଳନ ଯୋଗୁ ଏଠାକୁ ଆସିବା ଖୁବ୍ କଷ୍ଟଦାୟକ ହୋଇଥାଏ । ସମୁଦ୍ର ପତନଠାରୁ ୩୦୪୮ ମିଟର ଉଚ୍ଚରେ ଥିବା ତୱାଙ୍ଗ ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ସୁନ୍ଦର ବୌଦ୍ଧମଠ, ଅର୍କିଡ ଉଦ୍ୟାନ ତଥା ନିଆରା ସୁସ୍ୱାଦୁ ଖାଦ୍ୟ ପାଇଁ ପରିଚିତ । ଏହା ମଧ୍ୟ ଷଷ୍ଠ ଦଲାଇଲାମା ସାଙ୍ଗୟାଙ୍ଗ ଗ୍ୟାତ୍ସୋଙ୍କ ଜନ୍ମସ୍ଥାନ ।

## ଚଣା ପଲଉ

ଘରେ ଅତିଥି ଅଭ୍ୟାଗତ ହଠାତ୍ ଆସି ପହଞ୍ଚିଲେ, ସେମାନଙ୍କ ପାଇଁ କ'ଣ ସୁଆଦିଆ ରନ୍ଧାହେବ, ତାହା ହିଁ ଗୃହିଣୀଙ୍କ ଚିନ୍ତା ପାଲଟିଯାଏ । ଘରେ ସବୁବେଳେ କାବୁଲି ଚଣା ମହଜୁଦ୍ ରଖନ୍ତୁ । ଏହାକୁ ବ୍ୟବହାର କରି ଆପଣ ତରକାରି ଓ ପଲଉ ପ୍ରସ୍ତୁତ କରିପାରିବେ ।



**ଆବଶ୍ୟକ ସାମଗ୍ରୀ:**
ସିଝା କାବୁଲି ଚଣା ୧ କପ୍, ୧କପ୍ ବାସୁମତି ଚାଉଳ, ତେଜପତ୍ର ୨ଟି, ୨ବଡ଼ ଚାମଚ ଘିଅ, ଅଧ ଛୋଟ ଚାମଚ ଜିରା, ଚିମୁଟାଏ ହେଙ୍ଗୁ, ୧ ଛୋଟ ଚାମଚ ପାନମହୁରି, ୨ଟି ଡାଲଚିନି ଖଣ୍ଡ, ଗୁଜରାତି ୩-୪ ଟି, ୧କପ୍ ପିଆଜ କଟା, ୨ ଛୋଟ ଚାମଚ ଅଦା-ରସୁଣ ପେଷ୍ଟ, ଅଧ କପ୍ ଗାଜର କଟା (ଛୋଟ ଆକାରରେ), ଫୁଲକୋବି କଟା ଅଳ୍ପ, ଅଧ କପ୍ ଟମାଟୋ କଟା, ଅଧ ଛୋଟ ଚାମଚ ଲାଲ୍ ଲଙ୍କା ଗୁଣ୍ଡ, ଅଧ ଚାମଚ ଗରମ ମସଲା ଗୁଣ୍ଡ, ୧ ବଡ଼ ଚାମଚ କସୁରି ମେଥି, ଲୁଣ ସ୍ୱାଦାନୁସାରେ ।

**ପ୍ରସ୍ତୁତି:** ପ୍ରଥମେ ଚାଉଳକୁ ଭଲରେ ଧୋଇ ପାଣିରେ ବତୁରାଇ ୧୫ ମିନିଟ୍ ରଖିବେ । ଏବେ ଚୁଲା ଲଗାଇ ବଡ଼ କଡ଼େଇ ବସାନ୍ତୁ । ଘିଅ ପକାଇ ତେଜପତ୍ର, ଡାଲଚିନି, ଗୁଜରାତି ପକାଇ ସେକେଣ୍ଡ ଭାଜିନେବେ । କଟା ପିଆଜ ପକାଇ ହାଲକା ବାଦାମୀ ରଙ୍ଗ ପର୍ଯ୍ୟନ୍ତ ଭାଜନ୍ତୁ, ଏହା ପରେ ଅଦା-ରସୁଣ ପେଷ୍ଟ ପକାଇ ୫ ମିନିଟ୍ କଷିନେବେ । ମସଲା କଷି ହେବା ପରେ କାବୁଲି ବୁଟ, ଫୁଲକୋବି, ଗାଜର, ଟମାଟୋ, ଲୁଣ ପକାନ୍ତୁ । ମସଲା ସହ ପରିବା ମିଶିବା ପରେ ଗରମ ମସଲା ପକାଇ ପାଣି ଦେବେ । ପାଣି ସାମାନ୍ୟ ଫୁଟିବା ପରେ ଚାଉଳକୁ ସେହି ପାଣି ପକାଇ ଘୋଡ଼ାଇ ଦିଅନ୍ତୁ । କିଛି ସମୟ ପରେ ଘୋଡ଼ଣି ଖୋଲି କସୁରି ମେଥି ପକାଇ ଗରମାଗରମ ଚଣା ପଲଉ ସପରିବାର ଖାଇବାର ମଜା ନିଅନ୍ତୁ ।

## ଛୁଟିରେ କିଛି ପରିବର୍ତ୍ତନ

ଛୁଟି ହେଲେ ଘରେ ସାଙ୍ଗସାଥୀଙ୍କ ଆସର ଜମିବା ସ୍ୱାଭାବିକ । ଅନ୍ୟମାନଙ୍କ ଭଳି ଆପଣ ବି ଚାହାନ୍ତି ଆପଣଙ୍କ ଘର ଖୁବ୍ ଆକର୍ଷଣୀୟ ଦେଖାଯାଉ । କିନ୍ତୁ କିପରି କରିବେ ଜାଣିପାରନ୍ତି ନାହିଁ । କିନ୍ତୁ କିଛି ଛୋଟ ଛୋଟ ପରିବର୍ତ୍ତନ ଆପଣଙ୍କ ଘରକୁ ଦେଇପାରିବ ନୂଆ ଓ ଟ୍ରେଣ୍ଡି ଲୁକ୍ ।



**ଜିନିଷ ସଜ୍ଜା:**
ନୂଆ ଲୁକ୍ ଦେବା ପାଇଁ ପ୍ରଥମେ ରୁମ୍ ଭିତରର ପ୍ରତ୍ୟେକ ଜିନିଷ ସଜାଡ଼ିବାକୁ ପଡ଼ିବ । ପ୍ରତ୍ୟେକଟି ଜିନିଷ ନିଜ ନିଜ ସ୍ଥାନରେ ରହିଥିବା ଦରକାର । ଫ୍ରିଜ୍, ବେଡରୁମ୍, ୱାର୍ଡରୋବ୍, କିଚେନ୍‌ରେ ପଡ଼ି ରହିଥିବା ଜିନିଷକୁ ସଜାଡ଼ି ରଖନ୍ତୁ ।

**ଅଳ୍ପ ରଙ୍ଗ:**
କମ୍ ଖର୍ଚ୍ଚରେ ଲିଭିଙ୍ଗ୍ ରୁମ୍ ବଦଳାଇବାକୁ ଚାହୁଁଥିଲେ ରଙ୍ଗ ସହିତ ଖେଳନ୍ତୁ । କାନ୍ଥର ରଙ୍ଗ ବଦଳାଇବା ଦରକାର ନାହିଁ । କାଉଚର କୁଶନ୍ କଭରକୁ ମଧ୍ୟ ପରିବର୍ତ୍ତନ କରିପାରିବେ । ଫ୍ଲୋରାଲ, ହଳଦିଆ, ପିଙ୍କ୍, ନୀଳ ରଙ୍ଗରେ ସଜାଇପାରିବେ । ଧ୍ୟାନ ରଖିବେ ଯେ ଏହା ଯେମିତି କାନ୍ଥର ରଙ୍ଗ ସହିତ ମେଳ ଖାଉଥିବ ।



**ଫୁଲରେ ସଜା:**
ଘର ସାଜସଜ୍ଜା ପାଇଁ ଫୁଲ ସବୁଠୁ ଭଲ ବିକଳ୍ପ ହୋଇପାରିବ । ଘରର ସବୁ ରୁମ୍‌କୁ ଫୁଲରେ ସଜାଇ ପାରିବେ । ଆପଣଙ୍କ ପସନ୍ଦର କୌଣସି ଫୁଲକୁ ଡାଇନିଙ୍ଗ୍ ଟେବଲ୍ ବେଡରୁମ୍, ବାଲକୋନି ଏବଂ କିଚେନ୍‌ରେ ରଖି ସଜାଇପାରିବେ ।

**ଗେଷ୍ଟରୁମ୍:**
ସାଙ୍ଗସାଥୀ ଆସିଲେ ଆରାମ ପାଇଁ ନିଶ୍ଚୟ ଆପଣଙ୍କ ଗେଷ୍ଟରୁମ୍ ଯାଉଥିବେ । ତେଣୁ ଏହି ରୁମ୍‌ଟିର ସାଜସଜ୍ଜା କରିବାକୁ ଭୁଲନ୍ତୁ ନାହିଁ । କୁଲନ୍ କଭର ବଦଳାଇ ନିଅନ୍ତୁ । କଣ୍ଟ୍ରାଷ୍ଟିଙ୍ଗ୍ ରଙ୍ଗରେ ଗେଷ୍ଟରୁମ୍‌ର ଲୁକ୍ ପରିବର୍ତ୍ତନ କରିବା ସବୁଠୁ ସହଜ ଉପାୟ ।

## ଟି-ଲେନ୍ଥ ଡ୍ରେସ୍

ଟି-ଲେନ୍ଥ ଡ୍ରେସ୍ ଆଣ୍ଠୁ ତଳକୁ ଏବଂ ଆଙ୍କେଲ ଉପରକୁ ରହିଥାଏ । ନା ଅଧିକ ଖୋଲା ନା ଅଧିକ ଢାଙ୍କି ରଖିଥାଏ । ତେଣୁ ଏବେ ଏହି ଷ୍ଟାଇଲ୍ ଟ୍ରେଣ୍ଡରେ । ବର୍ଷାଦିନ ପାଇଁ ଟି-ଲେନ୍ଥ ଡ୍ରେସ୍ ପରଫେକ୍ଟ । ଆଙ୍କେଲ ଉପରକୁ ରହୁଥିବାରୁ ବର୍ଷାରେ ଆପଣଙ୍କ ଡ୍ରେସ୍ ଖରାପ ହେବାର ସମ୍ଭାବନା କମ୍ । ବଲିଉଡ୍ ସେଲିବ୍ରିଟିଙ୍କ ମଧ୍ୟ ଏହି ଷ୍ଟାଇଲ୍ ଖୁବ୍ ପସନ୍ଦ । ତେବେ ଟି-ଲେନ୍ଥ ଡ୍ରେସ୍‌କୁ ଆପଣ କିପରି ଷ୍ଟାଇଲ୍ ଷ୍ଟେଟମେଣ୍ଟରେର ସାମିଲ କରିବେ ଜାଣନ୍ତୁ କିଛି ଟିପ୍ସ ।



### ଫ୍ଲୋରାଲ କଟନ୍:

ଫ୍ଲୋରାଲ ପ୍ରିଣ୍ଟ ଡ୍ରେସ୍ ସୁନ୍ଦର ଲାଗିଥାଏ । ଏହି ପ୍ରିଣ୍ଟର ଟି-ଲେନ୍ଥ ଡ୍ରେସ୍ ଏଲିଗାଣ୍ଟ ଲୁକ୍ ଦେଇଥାଏ । ତେବେ ଏହା ଯଦି କଟନ୍ ହୋଇଥିବ ଆହୁରି ଭଲ । କାରଣ ଆପଣ ଏହାକୁ ଡେଲି ରୁଟିନ୍‌ରେ ମଧ୍ୟ ସାମିଲ୍ କରିପାରିବେ ।

### ବଲି ଫିଟିଙ୍ଗ୍:

ଯଦି ଆପଣ ସ୍ଲିମ୍ ଟ୍ରିମ୍ ଅଛନ୍ତି ତା' ହେଲେ ବଡି ଫିଟିଙ୍ଗ୍ ଟି-ଲେନ୍ଥ ଡ୍ରେସ୍ ନିଅନ୍ତୁ । ଆଉଟିଙ୍ଗ୍ ଏବଂ ପାର୍ଟି ପାଇଁ ବଡି ଫିଟିଙ୍ଗ୍ ଡ୍ରେସ୍ ଭଲ ମାନିଥାଏ । ସିମରି, ବବଲଗମ୍ ପିଙ୍କ୍, ରୟାଲ୍ ବ୍ଲୁ, ଆଇଭୋରି ରେଡ୍ ରଙ୍ଗର ଡ୍ରେସ୍ କ୍ୟାରି କରନ୍ତୁ ଅନ୍ୟଙ୍କଠାରୁ ଭିନ୍ନ ଲାଗିବେ ।

### ଅଫ୍ ସୋଲ୍ଡର:

ଅଫ୍-ସୋଲ୍ଡର ଟପ୍ ଝିଅମାନଙ୍କର ଖୁବ୍ ପସନ୍ଦ । ହେଲେ ଏଥର ଟପ୍ ବଦଳରେ ଟି-ଲେନ୍ଥ ଅଫ୍ ସୋଲ୍ଡର ଡ୍ରେସ୍ ନିଅନ୍ତୁ । ଷ୍ଟାଇଲିଶ୍ ଲୁକ୍ ଦେଇଥାଏ । ସାଙ୍ଗମାନଙ୍କ ସହ ଆଉଟିଂରେ ପିନ୍ଧି ଯାଇପାରିବେ । ସିଲ୍କ, କଟନ୍, କାନଭାସ୍, ଭେଲଭେଟ୍ ଫ୍ୟାବ୍ରିକ୍ ନିଅନ୍ତୁ ।

### ଫର୍ ଡ୍ରେସ୍:

ପୁରୁଣା ଡିଜାଇନର୍ ଡ୍ରେସ୍ ପିନ୍ଧି ବିରକ୍ତ ହୋଇଗଲେଣି କି ? ଫର୍ ଡ୍ରେସ୍ ସାମିଲ କରନ୍ତୁ ୱାର୍ଡରୋବ୍‌ରେ । ଟି-ଲେନ୍ଥ ଫର୍ ଡ୍ରେସ୍ ଫ୍ୟାଶନେବଲ ଲୁକ୍ ଦେଇଥାଏ । ଥିମ୍ ପାର୍ଟି ପାଇଁ ଏହି ଡିଜାଇନର୍ ଡ୍ରେସ୍ ବେଷ୍ଟ ହୋଇଥାଏ । ଯଦି ଆପଣ ଏହି ଡ୍ରେସ୍‌ରେ ଆରାମ ଅନୁଭବ କରନ୍ତି, ତା'ହେଲେ ସବୁ ସମୟରେ କ୍ୟାରି କରିପାରିବେ ।

### ଷ୍ଟାଇପଡ୍ ଟୁ-ପିସ୍:

ଷ୍ଟାଇପଡ୍ ପାଟର୍ନ ଡିଜାଇନ୍ ସବୁବେଳେ ହିଟ୍ । ଷ୍ଟାଇପଡ୍ ଟୁ-ପିସ୍ ଟି ଲେନ୍ଥ ଡ୍ରେସ୍‌କୁ ବର୍ଷାଦିନିଆ ଫଙ୍କି ଫୁଟୱିୟର ସହିତ ମ୍ୟାଚ୍ କରି ପିନ୍ଧିପାରିବେ । ବର୍ଷାଦିନେ ଏହି ଡିଜାଇନର୍ ଡ୍ରେସ୍‌କୁ ଆରାମରେ କ୍ୟାରି କରିପାରିବେ । କୁଲ୍ ଲୁକ୍ ଦେଇଥାଏ ।







ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର ୪
୨୦ସେପ୍ଟେମ୍ବର ୨୦୨୦, ରବିବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଧୈର୍ଯ୍ୟ ଆବଶ୍ୟକ...

ସମସ୍ତେ ଜାଣନ୍ତି, କରୋନା ଭୂତାଣରୁ କିଛି ପ୍ରକୃତିକ ବିଷାଣରୁ ନୁହେଁ । ଏହା ଚୀନ ଦେଶର ଉହାନ ପ୍ରଦେଶର ଗବେଷଣାଗାରରୁ ସୃଷ୍ଟି ହୋଇଥିବା ଭୂତାଣୁ । ମନୁଷ୍ୟଦ୍ୱାରା ସୃଷ୍ଟ କରୋନା ଭୂତାଣୁ ଏବେ ସାରା ବିଶ୍ୱକୁ ଥରହର କରି ରଖିଛି । ଜନ ସହିତ ଧନ କ୍ଷୟରର ଧାରା ଏତେ ବ୍ୟାପକ ହୋଇଛି, ତାହା ଅଭାବନୀୟ ଓ ଅପୂରଣୀୟ । ଆମେରିକା ଭଳି ଶକ୍ତିଶାଳୀ ଦେଶ ଭୂତାଣୁ ସଂକ୍ରମଣରେ ଶୀର୍ଷରେ ରହିଛି । ଏପର୍ଯ୍ୟନ୍ତ ସଂକ୍ରମଣ ଓ ମୃତ୍ୟୁହାରରେ ଦ୍ୱିତୀୟ ଶୀର୍ଷରେ ରହିଆସିଥିବା ବ୍ରାଜିଲକୁ ପଛରେ ପକାଇଦେଇ ଭାରତ ତାହାର ସ୍ଥାନ ନେଇ ସାରିଛି । ସଂକ୍ରମଣ ଓ ମୃତ୍ୟୁହାର ଯେଉଁଭଳି ତୀବ୍ରତାର ସହ ବଢ଼ି ଚାଲିଛି କିଏ କହିପାରିବ ଖୁବ୍ ଶୀଘ୍ର ଆମ ଦେଶ ପ୍ରଥମ ହୋଇନଯିବ ! ମାନବ ସମ୍ବଳ ତମାମ୍ ବିଶ୍ୱରେ ବିପନ୍ନ ହୋଇସାରିଛି । କଳକାରଖାନାରେ ରୀତିମତ ତାଲା ପଡ଼ିବା ଭଳି ସ୍ଥିତି ଦେଖା ଦେଇଥିବାବେଳେ ବିଶ୍ୱ ଅର୍ଥନୀତି କିଭଳି ସଙ୍କଟଗ୍ରସ୍ତ ତାହା ବିଶ୍ୱବାସୀ ଦେଖୁଛନ୍ତି । ବଡ଼ ଓ ଧନୀ ଦେଶମାନଙ୍କ କଥା ଯାହା ଯେମିତି ଏସିଆ ଓ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଦେଶଗୁଡ଼ିକରେ ବୃହତ୍ ଆର୍ଥିକ ସଙ୍କଟ ସୃଷ୍ଟି ହେବାକୁ ଯାଉଛି । ଆକଳନ କରାଯାଇଛି, ଏହି କ୍ଷେତ୍ରଗୁଡ଼ିକରେ ଦେବାଳିଆ ମାମଲା ୩୦୫ ପ୍ରତିଶତ ବଢ଼ିଯିବାର ଆଶଙ୍କା ରହିଛି । ବ୍ୟାଙ୍କ ଓ ଆର୍ଥିକ ସଂସ୍ଥାଗୁଡ଼ିକରେ ଯେଉଁ ଏନ୍‌ପିଏ ରହିଛି, ତାହା ଋଣ ସ୍ଥଗିତାଦେଶ ଭଳି ଧାରକ-ମିତ୍ର ପଦକ୍ଷେପ ନିଆଗଲେ ହୁଏତ ବହୁ ପରିମାଣରେ ବଢ଼ିଯାଇପାରେ । ଯେତେଗୁଡ଼ିଏ କମ୍ପାନି ଏମିତିରେ ଋଣଗ୍ରସ୍ତ ଅଛନ୍ତି, ସେମାନେ ପରିଶୋଧରେ ବିଫଳ ହେବାର ଆଶଙ୍କା ଯଥେଷ୍ଟ ବେଶୀ ହୋଇଯିବ । ବିଶ୍ୱ ଆର୍ଥିକ ସ୍ଥିତିକୁ ପୂରାମାତ୍ରାରେ ବିଗାଡ଼ି ଦେଇଥିବା କୋଭିଡ୍-୧୯ ବର୍ତ୍ତମାନ ଯେଉଁ ସ୍ତରରେ ରହିଛି, ହୁଏତ ତାହା ଆଗକୁ ଅଧିକ କ୍ଷତି ଘଟାଇବ । ଏମିତିରେ ଦେବାଳିଆ ସ୍ତରରେ ଥିବା ବ୍ୟବସ୍ଥାକୁ ସୁଧାର ଗୁଳାକୁ ଆଣିବାକୁ ଯେତେ ଯାହା ଉଦ୍ୟମ ହେବ, ତାହାର ତୁରନ୍ତ ସୁଧାର ଏତେ ଶୀଘ୍ର ସମ୍ଭବ ହୋଇନପାରେ । ଏହା ନେଇ ଅର୍ଥଶାସ୍ତ୍ରୀମାନଙ୍କ ଅନୁମାନ ଯାହା, ସର୍ବତ୍ର ଅସମାନତା ଓ ବିକାଶ ବ୍ୟବଧାନ ବଢ଼ିବାକୁ ଯାଉଛି । ଯଦି ସ୍ୱଚ୍ଛଳ ତଥା ସମ୍ପନ୍ନ ବର୍ଗ ଓ ଆର୍ଥିକ ଅସ୍ୱଚ୍ଛଳଙ୍କ ଭିତରେ ବ୍ୟବଧାନ ବଢ଼ିଯିବ, ସାମାଜିକ ଅସନ୍ତୁଳନ ସାମଗ୍ରିକ ଭାବେ ବିପନ୍ନ ହୋଇପଡ଼ିବ । ବିଶ୍ୱ ବ୍ୟାଙ୍କ, ଆନ୍ତର୍ଜାତିକ ମୁଦ୍ର କୋଷ ଭଳି ସଂସ୍ଥା ଆସନ୍ନ ସଙ୍କଟ ନେଇ ପୂରାପୂରି ଚିନ୍ତାରେ ପଡ଼ିଯାଇଛନ୍ତି । ବିକଶିତ ତଥା ବିକାଶଶୀଳ ଦେଶଗୁଡ଼ିକ ଭିତରେ ଏଯାଏଁ ରହିଆସିଥିବା ଆର୍ଥିକ ତଥା ବାଣିଜ୍ୟିକ ସମ୍ପର୍କ ପୂର୍ବଭଳି ରହିପାରିବ ନାହିଁ । କୋଭିଡ-୧୯ ସଂକ୍ରମଣ ରୋକିବା ପାଇଁ ଧନୀ ଓ ଦରିଦ୍ର ଦେଶ ସହ ରାଜକୋଷର ସିଂହଭାଗ ସାରିଦେବାରେ ଲାଗିଛନ୍ତି । କିଏ ଜଣେ ସେହି ପ୍ରକ୍ରିୟା କେତେଦିନ ଚାଲିବ ? ପ୍ରତିଷେଧକ ଟିକାର ବିକାଶ ଶୀଘ୍ର ଚୂଡ଼ାନ୍ତ ରୂପ ନେବାରେ ସାମୟିକ ସମସ୍ୟା ରହୁଛି । ବର୍ଷ ଶେଷ କିମ୍ବା ଆରବର୍ଷ ଆରମ୍ଭ ବେଳକୁ ପ୍ରତିଷେଧକ ଟିକା ବିକଶିତ ହୋଇ ବଜାରକୁ ଛଡ଼ାଯିବ ବୋଲି କୁହାଯାଉଛି । ଯେଉଁ ଚୀନ୍ ଦେଶ କରୋନା ଭୂତାଣୁର ଜନକ ବୋଲି ସମସ୍ତେ ଜାଣନ୍ତି, ତାହା ମଧ୍ୟ ଟିକା ବିକାଶ ଦୌଡ଼ରେ ରହିଛି । ରୁଷ ଦେଶ ପ୍ରଥମ ପର୍ଯ୍ୟାୟ ଟିକା ଯୋଗାଇବା ପ୍ରୟାସରେ ମଧ୍ୟ ଅଗ୍ରଣୀ ଥିବାର କୁହାଯାଉଥିବାବେଳେ ଧନୀ ରାଷ୍ଟ୍ରସମୂହ ଏହାରି ଭିତରେ କୁଆଡ଼େ ୫୧୫ ଟିକା ପାଇଁ ଅଗ୍ରୀମ ଦେଇ ସାରିଲେଣି । କେଉଁ ଦେଶ ଓ କ୍ଷେତ୍ର ଭୂତାଣୁ ସଂକ୍ରମଣ ଲାଗି କେତେ କ୍ଷତିଗ୍ରସ୍ତ, ତାହାର ହିସାବ ପାଇଁ ସମୟ ନାହିଁ । ଯେମିତିହେଲେ ଜନ ଓ ଧନର ସୁରକ୍ଷା ସହିତ ଆର୍ଥିକ ଅଧୋଗତି ପ୍ରକ୍ରିୟାକୁ ରୋକାଯାଇ ସୁଧାର ଗୁଳାରେ ପକାଇବାକୁ ହେବ । ମାନବ ସମ୍ବଳ ବିପୁଳ ଅଂଶ ବେରୋଜଗାରୀର ଶିକାର ହୋଇସାରିଲେଣି । ଶିଳ୍ପ ଅଭିବୃଦ୍ଧି ସହିତ ନିର୍ମାଣ ଶିଳ୍ପ ମଧ୍ୟ ନିମ୍ନମୁଖୀ ହୋଇସାରିଛି । ଭାରତ ଭଳି ବିକାଶମୁଖୀ ରାଷ୍ଟ୍ର ବିଶ୍ୱ ସମୁଦାୟରେ ଉତ୍ପନ୍ନ ସଙ୍କଟର ଅଂଶବିଶେଷ । କୌଣସି ବ୍ୟକ୍ତିଙ୍କ ଶରୀରର ନିର୍ଦ୍ଦିଷ୍ଟ ଅଙ୍ଗରେ ପୀଡ଼ା ବା ଯନ୍ତ୍ରଣା ହେଲେ ତାହା ସମଗ୍ର ସତ୍ତାକୁ ପୀଡ଼ା ଦିଏ । ସେହି ନ୍ୟାୟରେ କରୋନା ଦ୍ୱାରା ହୋଇଥିବା ବିପର୍ଯ୍ୟୟରୁ ରକ୍ଷା ପାଇବାକୁ ହେଲେ ସାମୂହିକ ଉପଚାର ଆବଶ୍ୟକ । ସୁଧାର ଗୁଳାକୁ ବିପର୍ଯ୍ୟୟ ଅର୍ଥନୀତିକୁ ଆଣିବାକୁ ହେଲେ ଅବଶ୍ୟ ସମୟ ଲାଗିବ ବୋଲି କୁହାଯାଇପାରେ ।




## "ମିଛ ସମ୍ପର୍କ"...

**ଅମରନାଥ ବାରିକ୍**

କରିଥିଲି ଆଶା ବିଶ୍ୱାସ ଭରଷା
ଦେଲୁ ପୁଣି କାହିଁ ଧୋକା
ସପନରେ କେବେ ଭାବି ମୁଁ ନଥିଲି
ହେବି ବୋଲି ଦିନେ ଏକା।

ଦେଇଥିଲୁ ଦିନେ ମତେ ପ୍ରତିଶୃତି
ସାଥିରେ ରହିବା ପାଇଁ
ପ୍ରେମ ମନ୍ଦିରକୁ ନିଜ ହାତେ ଆମେ
ନିଜେ ତ ଗଢ଼ିବା ପାଇଁ।

ଆଶା ଅସୁମାରୀ ରହିଲା ଅଧାରେ
ମିଛ ସମ୍ପର୍କକୁ ନେଇ
ବଞ୍ଚିବାକୁ ହେବ ବିରହ ବେଦନା
ଗରଳକୁ ଓଠେ ପିଇ।

ଲିଭିଗଲା ହସ ପୁରୁଣା ଦିନର
ଭାଙ୍ଗିଲା ପ୍ରେମ ନଅର
ପଥହରା ହୋଇ ବଞ୍ଚିବା ଶିଖିଲି
ତୋଠାରୁ ପ୍ରଥମ ଥର।

ପ୍ରେମ ବାଜୀଗର ଥିଲି ସୌଦାଗର
ପ୍ରୀତି ବଣିକ ହାଟରେ
ସ୍ନେହ ମମତାକୁ ସାଉଁଣ୍ଟୁ ଥିଲି ମୁଁ
ସମ୍ପର୍କ ସୂତା ଖିଅରେ।

ଛିଡ଼ିଗଲା ଡୋରି ବୁଡ଼ିଆଣି ପରି
ଛନ୍ଦିହେଲି ତୋ ଜାଲରେ
ପାଦରେ ଶିକୁଳି ପାରୁନି ମୁକୁଳି
ପଡ଼ିଗଲି ତୋ ମାୟାରେ।

+ କୟାଁ, ମଙ୍ଗଳପୁର, ଯାଜପୁର
ମୋ:୯୫୪୦୩୦୮୦୯୫

# ମଦ୍ୟପାନରେ ଓଡ଼ିଶା ଦିଲ୍ଲୀ ଏବଂ ମହାରାଷ୍ଟ୍ରଠାରୁ ଆଗରେ

**ସୁବ୍ରତ କର**



ଏହା ମୋର ମନଗଢ଼ା କଥା ନୁହଁ । ଏହା ସରକାରଙ୍କ ପରିସଂଖ୍ୟା ବିଭାଗର ଖବର । ବଡ଼ ଖବର ହେଲା ଏହି ମଦ୍ୟପାନ ଯୋଗୁ ମୃତ୍ୟୁର ହାର ବା ସଂଖ୍ୟାରେ ଓଡ଼ିଶା ଦେଶରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ପ୍ରଥମେ ଉତ୍ତରପ୍ରଦେଶ ଏବଂ ଏହାପରେ ଓଡ଼ିଶା । ଆମ ସରକାର ଏବଂ ଆମ୍ଭେମାନେ ଗର୍ବ ଅନୁଭବ କରିବା କଥା, କାରଣ ଏବେ ବି ଓଡ଼ିଶା ଦେଶରେ ଗରିବ ରାଜ୍ୟ ହିସାବରେ ପରିଗଣିତ ହୁଏ । ସରକାର ବହୁବର୍ଷ ଲାଗି ରହିଛନ୍ତି ଏହାକୁ ସ୍ୱେଶାଲ ଷ୍ଟେଟ୍‌ସ ରାଜ୍ୟରେ ଆଣିବା ପାଇଁ ଯଦି ଲୋକଙ୍କ ପାଖରେ ପଇସା ନାହିଁ ତେବେ ମଦ ପିଇବା ପାଇଁ ପଇସା ଆସୁଛି କେଉଆଡ଼ୁ ? ଏବଂ ଏହି ମଦ ଦେଶି ନୁହଁ ବିଦେଶି ଏବଂ ଦାମିକା । ବିଶେଷ ସୁତ୍ରରୁ ଜଣା ପଡ଼ିଛି ଓଡ଼ିଶାରେ ଗତ ତିନିବର୍ଷରେ

> **ବିଶେଷ ସୁତ୍ରରୁ ଜଣା ପଡ଼ିଛି ଓଡ଼ିଶାରେ ଗତ ତିନିବର୍ଷରେ ମଦ ପିଇ ଦୂର୍ଘଟଣାରେ ମୃତ୍ୟୁର ସଂଖ୍ୟା ୪୦୦୦ରୁ ଉର୍ଦ୍ଧ୍ୱ । ଏହାଛଡ଼ା ମଦ ପିଇ ଅନ୍ୟାନ୍ୟ ଗଣ୍ଡଗୋଳରୁ ମୃତ୍ୟୁ ଅନେକ ବେଶି ଏବଂ ଏବେ ଘରେ ଘରେ ଅଶାନ୍ତିର ମୂଳ କାରଣ ମଦ ଏବଂ ଆଉ ଏକ ନିଶା ଧଳା ଜହର । ଏବେ ଲେଖା ମଦ ଉପରେ ସ୍ଥିତ ରହିବ କାରଣ ଧଳା ଜହର ପାଇଁ ଆଉ ଏକ ଅଧ୍ୟାୟର ଆବଶ୍ୟକତା ରହିଛି ।**

ମଦ ପିଇ ଦୂର୍ଘଟଣାରେ ମୃତ୍ୟୁର ସଂଖ୍ୟା ୪୦୦୦ରୁ ଉର୍ଦ୍ଧ୍ୱ । ଏହାଛଡ଼ା ମଦ ପିଇ ଅନ୍ୟାନ୍ୟ ଗଣ୍ଡଗୋଳରୁ ମୃତ୍ୟୁ ଅନେକ ବେଶି ଏବଂ ଏବେ ଘରେ ଘରେ ଅଶାନ୍ତିର ମୂଳ କାରଣ ମଦ ଏବଂ ଆଉ ଏକ ନିଶା ଧଳା ଜହର । ଏବେ ଲେଖା ମଦ ଉପରେ ସ୍ଥିତ ରହିବ କାରଣ ଧଳା ଜହର ପାଇଁ ଆଉ ଏକ ଅଧ୍ୟାୟର ଆବଶ୍ୟକତା ରହିଛି । ଓଡ଼ିଶା ତୁଳନାରେ ମଦଜନିତ ଦୁର୍ଘଟଣାରେ ମୃତ୍ୟୁ ଦୀଲ୍ଲୀ ଏବଂ ମୁମ୍ବାଇରେ ଯଥେଷ୍ଟ କମ୍ ଏବଂ ଯଥାକ୍ରମେ ୬୭୫ ଏବଂ ୧୩୫୦ । ଆମ ରାଜ୍ୟରେ କୋରନାରେ ମୃତ୍ୟୁ ଏବେ ସୁଦ୍ଧା ୬୦୦ରୁ ୭୦୦ ମଧରେ ଏବଂ ୬ ମାସ ସମୟ ମଧରେ । ଏ ପର୍ଯ୍ୟନ୍ତ କୋରନା ରୋଗ ସଂକ୍ରାନ୍ତ ଖର୍ଚ୍ଚ ପ୍ରାୟ ୨୦୦୦ କୋଟି ଟଙ୍କା । କିନ୍ତୁ ମଦ ମୃତ୍ୟୁ ୪୦୦୦ ହଜାରରୁ ଉର୍ଦ୍ଧ୍ୱ ହେଲେ ମଧ ସରକାର ଏବେ ମଧ ବେଖାତିର ମନଭାବ ପୋଷଣ କରିଆସିଛନ୍ତି, କାରଣ ସରକାର ମଦ ବିକି ବର୍ଷକୁ ପ୍ରାୟ ୩୫୦୦ କୋଟିରୁ ୪୦୦୦ କୋଟି ଟଙ୍କା ରୋଜଗାର କରୁଛନ୍ତି । ଲୋକ ମରୁଛନ୍ତି ମଦ ପିଇ ଏହା ପାଇଁ ସରକାର କେବେ ଦୁଃଖ ପ୍ରକାଶ କରନ୍ତି ନାହିଁ କିମ୍ବା ଆର୍ଥିକ ସାହାଯ୍ୟର କୌଣସି ଯୋଜନା କରି ନାହାନ୍ତି । ଏହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ଆପଣଙ୍କ ପାଖରେ ଥୋଉଛି ଏବଂ ସେ ହେଲା ଗତକାଲି ଭୁବନେଶ୍ୱର ସହରର ଏଆର ଫିଲ୍ଡ ଥାନା ଅନ୍ତର୍ଗତ ଦୁଇ ନାବାଳକ (୧୨ ଏବଂ ୧୫ ବର୍ଷ) ତାଙ୍କର ମା'ଙ୍କୁ ଲୁହା ଛଡ଼ରେ ମୁଣ୍ଡରେ ମାରି ମାରି ଦେଇଛନ୍ତି ଏବଂ ଏହାର ମୂଳ କାରଣ ହେଲା ସେମାନଙ୍କ ମା ପ୍ରତିଦିନ ମଦ ପିଉଥିଲେ ଏବଂ ବାପା ଏବେ ଜେଲରେ । ସରକାର କହନ୍ତୁ ଏବଂ ଏହି ଦୁଇଟି ନାବାଳକର ଦାଇତ୍ୱ ସରକାର ବହନ କରିବେ କି ? କାହିଁକି ଏହା ପାଇଁ ସରକାର ଦାୟୀ ନ ରହିବ ? ଏମିତି କେତେଦିନ ଚାଲିବ ?

# ଚାଲିଗଲେ ଅସହାୟ ରୋଗୀଙ୍କ ଦେବଦୂତ

## ସେବକ ଶ୍ରୀ ବଲ୍ଲଵଚରଣ ସାହୁଙ୍କ ଏହାଦଶାହ ଉପଲକ୍ଷେ

**(ତା.୨୦.୦୯.୨୦୨୦)**

**ଶରତ ଚନ୍ଦ୍ର ନାୟକ**



ସଂସାର ତପୋବନର ଅନ୍ୟତମ ସନ୍ୟାସୀ, ଦୀନଦରିଦ୍ର ପାଇଁ ଯାହାର ହୃଦୟର କୋହ, ଲୁହ ଓ ସମବେଦନାରୁ ପ୍ଲାବିତ ହୋଇଥାଏ ପବିତ୍ର ଗଙ୍ଗୋତ୍ରୀ। "ମାନବ ସେବାହିଁ ମାଧବ ସେବା" ମନ୍ତ୍ରରେ ଅଭିମନ୍ତ୍ରିତ ଦରଦି ମଣିଷଟିଏ ସ୍ୱର୍ଗତଃ ବଲ୍ଲଭ ଚରଣ ସାହୁ। ବିଶ୍ୱ ମାନବବାଦ ଚିନ୍ତା ଚେତନାରେ ଉଦ୍‌ବୁଦ୍ଧ ସୁନ୍ଦର ସୁଠାମ ଅନୁପମ ମଣିଷଟି ସେବା ହିଁ ଜୀବନର ଚର୍ଯ୍ୟାଗିତି ବୋଲି ମାନି ନେଇଥିବା ଜନେ ଭିନ୍ନ ମଣିଷ ଥିଲେ ସେ। ୧୯୮୯ ମସିହା ବୈଶାଖ୍ୟ ମାସରେ କେଉଁ ଏକ ମାହେନ୍ଦ୍ର ବେଳାରେ ଆମ ଉଭୟଙ୍କ ମଧରେ ହୋଇଥିଲା ସାକ୍ଷାତ୍ ଯାହାକି ଶେଷ ସମୟ ପର୍ଯ୍ୟନ୍ତ କୌଣସି ପାର୍ଥକ୍ୟବୋଧର ପ୍ରଶ୍ନ ଉଠିନାହିଁ। ଆପଣଙ୍କର ମୋହନୀୟ କାର୍ଯ୍ୟକଳାପ ଆଦିବାସୀ ଅଧୁଷିତ ମୟୂରଭଞ୍ଜ ଜିଲ୍ଲାର ନିମ୍ନ ଓ ନିମ୍ନ ମଧବିତ ଶ୍ରେଣୀର ଅଧିବାସୀମାନେ ଅର୍ଥ ଶଙ୍କଟରେ ଥାଇ ବାରିପଦାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆସି ପହଂଚି ଗଲେ ସମସ୍ତଙ୍କ ଦୃଷ୍ଟିନିବଦ୍ଧଥାଏ ସେହି ଧଳା ଫରଫର ପୋଷାକ ପିନ୍ଧିଥିବା ଅସହାୟ ମଣିହର ଦେବଦୂତ ବୋଲାଉଥିବା ବଲ୍ଲଭଚରଣ ସାହୁ ବାବୁଙ୍କ ଉପରେ। ଅବାବୀ ଅସହାୟ ରୋଗୀଙ୍କୁ ସ୍ୱଉପାର୍ଜିତ ଅର୍ଥରୁ ଔଷଧ ପଥ୍ୟ କିଣିଦେବା, କାହାର ଲୁଗା କି ଗୁଦର ନାହିଁ, ତାକୁ ଯୋଗାଇ ଦେବା, ଡାକ୍ତରଙ୍କ ସହ ପରାମର୍ଶ କରି ସୁବନ୍ଦୋବସ୍ତ କରାଇ ଦେବା, କାହା ପାଖରେ ଲୋକ ନଥିଲେ ନିଜ ହାତରେ ଝାଡା, ବାନ୍ତି ଆଦି ସଫା କରିଦେବା ଇତ୍ୟାଦି ଏକ ନିତ୍ୟ ନୈମିତିକ କାର୍ଯ୍ୟ ଥିଲା ତାଙ୍କର । ଏହା ବ୍ୟତୀତ କୌଣସି ଶଙ୍କଟାପନ୍ନ ଅବସ୍ଥାରେ ଥିବା ରୋଗୀ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ ହେଲେ, ଆବଶ୍ୟକ ପଡିଲେ ଆମ୍ବୁଲାନସ୍ ଖର୍ଚ୍ଚ କରି ପଠାଇବା, କୌଣସି ଆକସ୍ମିକ ଦୁର୍ଘଟଣା ଜନିତ ବ୍ଲଡ ର ଆବଶ୍ୟକତା ହେଲେ ନିଜ ଶରୀରରୁ ରକ୍ତଦାନ କରିଥାଆନ୍ତି। ନିଜ ଚିର ପରିଚିତ ନିରୋଜ କୁମାର ପୁଥାଳ ନାମକ ଭଦ୍ରବ୍ୟକ୍ତିଙ୍କୁ ଡାକି ରକ୍ତ ସଂଗ୍ରହ କରାଇ ଦିଅନ୍ତି। ପ୍ରତିଦିନ ସକାଳ ୯ ଟାରୁ ପ୍ରାୟ ୨ ଘଣ୍ଟା ସେହି ଡାକ୍ତରଖାନାରେ ସମୟ କଟାନ୍ତି। ଦେବ ସେବା ବନ୍ଦ ହୋଇଯାଇ ପାରେ, ମାତ୍ର ସାହୁବାବୁଙ୍କ ରୋଗୀସେବା ବନ୍ଦ ହେବାର ଦେଖାଯାଇ ନାହିଁ। ଅନେକ ସମୟରେ ଡାକ୍ତରମାନେ ମଧ ରୋଗିମାନଙ୍କୁ କହିଥାଆନ୍ତି ବ୍ୟସ୍ତ ହୁଅ ନାହିଁ। ଏହି ନିକଟରେ ଦ୍ରୌପଦୀ ବସ୍ତ୍ରାଳୟ ନାମରେ ଗୋଟିଏ ଲୁଗା ଦୋକାନ ଅଛି ସାହୁ ବାବୁଙ୍କୁ ଦେଖା କରିବ ଯାଅ, ସେ ତୁମର ବ୍ୟବସ୍ଥା କରିଦେବେ। ଏହା ହେଲା ଡାକ୍ତରଖାନା ପରିସରରେ ସାହୁ ବାବୁଙ୍କର ଆଦର୍ଶ କର୍ମଧାରା।

ମୟୂରଭଞ୍ଜ ଜିଲ୍ଲାରେ କୌଣସି ସ୍ଥାନରେ ବିଶ୍ୱଶାନ୍ତି ଯଜ୍ଞଠାରୁ ଗ୍ରାମଦେବତୀ ପୂଜା ପର୍ଯ୍ୟନ୍ତ ସବୁଠାରେ ସାହୁବାବୁଙ୍କର ବଦାନ୍ୟତା ଅତୁଳନୀୟ। ବାରିପଦାର ମହାମନ୍ତ୍ର ସଂଘ ଆନୁକୂଲ୍ୟରେ ଅସହାୟ ପିଲାଙ୍କର ବ୍ରତକର୍ମ, ଶବଦାହ କର୍ମ ଏଥିରେ ନିଜକୁ ନିୟୋଜିତ କରିବା ତାଙ୍କର ସହୃଦୟତାର ପରଚୟ ଦିଏ। କୋଷ୍ଠା ଗ୍ରାମର ୪୫ ବର୍ଷଧରି କାଳିପୂଜା ଉପଲକ୍ଷେ ଆୟୋଜିତ ହେଉଥିବା ଅନ୍ନବସ୍ତ୍ର ଯଜ୍ଞ ତାଙ୍କ ବଦାନ୍ୟତାର ତୁଳନା ନାହିଁ। ମର୍ଣଦା ଗ୍ରାମରେ ଅନ୍ନବସ୍ତ୍ର ଯଜ୍ଞ, ଗଡଗଡିଆ ଗ୍ରାମରେ ଅନ୍ନବସ୍ତ୍ର ଯଜ୍ଞ, ଶିକିଡିଆ ଗ୍ରାମରେ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରତିଷ୍ଠା ଓ ତାର ପର୍ବପର୍ବାଣୀ ପାଳନ, ଭଦ୍ରକର ଗୁଆମାଳ ଗ୍ରାମରେ ହେଉଥିବା ପୂଜାପାଠ ଯଜ୍ଞ, ବସ୍ତାଠାରେ ଆୟୋଜିତ ଭଗବତୀ ପୂଜା, କପ୍ତିପଦାର ଆମ୍ବପିଚ୍ଛୁଡା ଇତ୍ୟାଦି ପୀଠ ମାନଙ୍କରେ ସମ୍ପୂର୍ଣ୍ଣ ନିଜସ୍ୱ ରୋଜଗାରରୁ ପାର୍ଣ୍ଣଦାନ କରିଥାନ୍ତି। ଅନ୍ଧମୂକ ବଧିର ସ୍କୁଲ ପିଲାମାନଙ୍କ ପାଇଁ ବିଭିନ୍ନ ସାହାର୍ଯ୍ୟ ବ୍ୟତୀତ, ମଣ୍ଡଳ କାରାଗାର ଅନ୍ତେବାସୀଙ୍କ ପାଇଁ ସୁବନ୍ଦୋବସ୍ତ, ବନ୍ୟା ବିପତିରେ ଅଣ୍ଟାଭିଡି ବାହାରିବା, ଏ ସମସ୍ତ ବାଦେ ଛେଳିଆ ଗ୍ରାମରେ ପ୍ରତି ବର୍ଷ ହେଉଥିବା ହିଙ୍ଗୁଳା ମେଳା ପାଇଁ ନିଜ ହାତରୁ ଅର୍ଥ ଖର୍ଚ୍ଚ କରି ଆମ୍ବୁଲାନ୍ସ, ଡକ୍ଟର, ନର୍ସ, ଫାର୍ମାସିଷ୍ଟ ଏବଂ ଔଷଧ ନେଇ ସେଠାରେ ସେବା କେନ୍ଦ୍ର ଅନୁଷ୍ଠିତ ହୁଏ ଓ ପାନୀୟ ଜଳ ବାରିପଦାରୁ ଟାଙ୍କି ଯୋଗେ ନେଇ ଜନସାଧାରଣଙ୍କୁ ଯୋଗାଇଥାନ୍ତି। ଏ ସମସ୍ତ ଆନ୍ତରିକତା ସହିତ ନିଜକୁ ନିୟୋଜିତ କରିବା ବିଶ୍ୱ ମାନବଧର୍ମର ଉଦାହରଣ ସୃଷ୍ଟି କରିଥାଏ। ବାରିପଦା କଚେରୀଠାରେ ମୋହରିର ସଂଘ ଆନୁକୂଲ୍ୟରେ ସର୍ବସାଧାରଣଙ୍କ ଜଳପାନ ପାଇଁ ନିଜ ଖର୍ଚ୍ଚରେ ପାଣି ଟାଙ୍କି ସୁବନ୍ଦୋବସ୍ତ କରିଦେଇଥିବା ତାଙ୍କ ମହନୀୟତାର ଉଦାହରଣ ସୃଷ୍ଟି କରିଥାଏ।

ଜିଲ୍ଲାରେ ଥିବା ଯେ କୌଣସି କବି ସାହିତ୍ୟିକ ଆଲୋଚନା ଚକ୍ରରେ ତାଙ୍କ ସଂପୃକ୍ତି ରହିଥାଏ। ଜିଲ୍ଲାସ୍ତରୀୟ ବଳାଙ୍ଗୀ ମହୋତ୍ସବ, ଓଡିଆ ଜାଗରଣ ମଂଚର ସେ ଜଣେ ଆଜୀବନ ସଦସ୍ୟ। ଆନ୍ତର୍ଜାତିକ ବିପତି ଘୋଷିତ ହୋଇଥିବା ବାରିପଦା ମଧୁବନ ଠାରେ ସଦ୍‌ଗୁରୁ ନିଗମାନନ୍ଦଙ୍କର ଧର୍ମୀୟ ଅଧିବେଶନରେ ଅକସ୍ମାତ ନିଆଁ ଲାଗି ପୋଡି ଯାଇଥିବା ହଜାର ହଜାର ଭକ୍ତଙ୍କର ସେବାରେ ତାଙ୍କର ସ୍ୱେଚ୍ଛାକୃତ ଅବଦାନ ପାଇଁ ମାନବଧର୍ମ ସମ୍ମିଳନୀ ତାଙ୍କୁ ସେବକ ଶ୍ରୀ ସମ୍ମାନରେ ବିଭୂଷିତ କରିଥିଲା। ଏହିଭଳି ଶହଶହ ଅନୁଷ୍ଠାନ ତାଙ୍କୁ ବହୁ ସମ୍ମାନରେ ସମ୍ମାନିତ କରିଛନ୍ତି ଯାହାର ତୁଳନା ନାହିଁ।

କିଏ କହେ ସେ ଜଣେ ଠାକୁରଙ୍କ ଚଳନ୍ତି ପ୍ରତିମା ଆଉ କିଏ କହେ ଗରିବର ବନ୍ଧୁ, କିଏ କହେ ମଣିଷ ନୁହେଁ ତ ଦେବତା। ଏହିପରି ତାଙ୍କର ଜୀବନର ଇତିହାସକୁ ସେନିଜେ ନିଜର ତ୍ୟାଗପୂତ କର୍ମ ବଳରେ ସୃଷ୍ଟି କରିଯାଇଛନ୍ତି। ଯଦି ଗଣତାନ୍ତ୍ରିକ ସରକାରଙ୍କ ଦୃଷ୍ଟିଭଙ୍ଗୀ ଖୁବ୍ ମୌଳିକସ୍ତରକୁ ଭେଦ କରି ପାରି ଥାଆନ୍ତି, ତା ହେଲେ ମଦର ଟେରେସାଙ୍କ ପରି କେତେ ସମ୍ମାନ ପାଇଥାନ୍ତେ ତାର କଳନା ନାହିଁ। ରାଜ୍ୟପାଳଙ୍କଠାରୁ ରାଷ୍ଟ୍ରପତି ପର୍ଯ୍ୟନ୍ତ ସମ୍ମାନ ଗୁଡିକ ଅଜାପି ହୋଇ ପଡିଥାନ୍ତା। ପଦ୍ମଶ୍ରୀ ଠାରୁ ପଦ୍ମଭୂଷଣ ପର୍ଯ୍ୟନ୍ତ ସମ୍ମାନ ଗୁଡିକ ତାଙ୍କ ପାଇଁ ମଧ କମ ହୋଇଥାନ୍ତା। ସେ କେବେ ଜୀବନରେ ସମ୍ମାନ ପଛରେ ଗୋଡେଇ ନାହାନ୍ତି। ସେ କହନ୍ତି ଆମେ କଣ କରୁଛୁ କେବଳ ଭଗବାନ ଜାଣିଲେ ହେଲା।

ସେହି ଅପୂର୍ବ ଦିବ୍ୟପୁରୁଷ ଜଣକ ସଂସାରର ସମସ୍ତ ମାୟାବନ୍ଧନକୁ କାଟି ଦେଇ ଗତ ତା.୧୦/୯/୨୦୨୦ ସନ୍ଧ୍ୟା ୬ ଘଟିକା ସମୟରେ ଏପୋଲୋ ଚିକିତ୍ସାଳୟ ଭୁବନେଶ୍ୱରରେ ମହାପ୍ରୟାଣ ଲାଭ କଲେ। ମୟୂରଭଞ୍ଜ ବାସୀ ବହୁ କିଛି ତାଙ୍କ ଉଦ୍ଦେଶ୍ୟରେ କରିବାକୁ ପ୍ରୟାସ କରିଥିଲେ ମଧ "ବିଶ୍ୱତ୍ରାସ କରୋନା" ପାଇଁ ସମସ୍ତେ ଆଖି ମଳିମଳି କାନ୍ଦବା ପାଇଁ ବାଧ ହୋଇଛନ୍ତି। ମୟୂରଭଞ୍ଜ ମାଟି ମା କୋଳରେ ଏହି ଦିବ୍ୟ ପୁରୁଷଙ୍କର ଅବର୍ତ୍ତମାନରେ ଯେଉଁ ଶୂନ୍ୟତା ସୃଷ୍ଟି ହୋଇଛି ତାହା ଅପୂରଣୀୟ ।

ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଠାରେ ପ୍ରାର୍ଥନା ଏହି ମହାପୁରୁଷ ସେବକଶ୍ରୀ ସାହୁବାବୁଙ୍କୁ ତାଙ୍କ ଶ୍ରୀଚରଣରେ ଶାନ୍ତି ଦିଅନ୍ତୁ ଏତିକି କାମନା।

ଓଁ ଶାନ୍ତି

+ ବାରିପଦା, ମୟୂରଭଞ୍ଜ
ମୋବାଇଲ-୮୦୯୩୨୦୦୭୩୧

# ହିଂସକ

**ଡ଼. ବିଦ୍ୟାଧର ପଣ୍ଡା**



'ବାବୁ! ବାବୁ! ଆଜି ଦିନକ ବାବୁ। ଖାଲି ଆଜି ଦିନକ ପାଇଁ ନେହୁରା ହେଉଛି। କାଲି ଦଶଟାରେ ଆମର ପରୀକ୍ଷା ଅଛି। ଏପର୍ଯ୍ୟନ୍ତ ମୋ'ପାଠ ସରିନି। ଏବେ ରାତି ନଅଟା ହୋଇଛି। ଆଉ ଦି'ଘଂଟାରେ ମୋ'ପଢା ସରିଯିବ। ମୋତେ ଦୟାକର ବାବୁ। ଘରେ କିରୋସିନି ନାହିଁ। କାଲି ପରୀକ୍ଷା ନଥିଲେ ମୁଁ କୁହନ୍ତିନି। ବଦଳରେ ମୋତେ ଯାହା କହିବେ ମୁଁ କରିବି। କାଲି ପରୀକ୍ଷା ଦେଇ ଆସିଲା ପରେ ତୁମ ବଗିଚ୍ଛରେ ସବୁଫୁଲ କୁଣ୍ଡରେ ପାଣି ଦେବି। ଗ୍ୟାରେଜଘରେ ଯେତେ ଉଇ ଲାଗିଛି ସବୁ ଛଡେଇ ଗତଥର ପରି ପେଟ୍ରୋଲ୍ ଢାଳିବି। ସବୁଦିନେ ଘଂଟାଏଲେଖା ଅଗଣାରେ ଗଦାହୋଇଥିବା ନଡିଆପତ୍ରରୁ ମଝିକାଠି ଗୁଡିକ ଛଡେଇ ଛାଂଚୁଣି ବାନ୍ଧିଦେବି। ତୁମକୁଅ ବେଢାରୁ ସବୁଶିଉଳି ଖପରାରେ ରାମ୍ପରାମ୍ପି ଛଡେଇ ପୁରା ସଫା କରିଦେବି। ଆଜି ଦିନକ ମୋତେ ତୁମଫାଟକ ଲାଇଟି ଜଳେଇ ପଢିବାକୁ ଦିଅ। ସଦାବେଳେ ତୁମ ବୋଲ ମାନିବି। କାର୍‌ଚକା ରେଣ୍ଟିରେଣ୍ଟି ପୁରା ଚିକ୍‌ଚିକ୍ କରିଦେବି। ସୁଇଚ୍ ଟିପ ବାବୁ। ବାବୁ! ବାବୁ! ଆଜି ଦିନକ ବାବୁ। ଖାଲି ଆଜି ଦିନକ ଫାଟକ ଲାଇଟି ଜଳୁଥାଉ। କାଲି ଆମର ବିଜ୍ଞାନ ପରୀକ୍ଷା ଅଛି। ଏ'ପର୍ଯ୍ୟନ୍ତ ମୋର ଅଧାପାଠ ବାକିଅଛି। ଆଉରି ଦୁଇଘଂଟା କି ତିନିଘଂଟା ପଢିଲେ ଯାଇ ସରିବ। ଆଜିପାଇଁ ମୋତେ ଟିକେ ଦୟା କରନ୍ତୁ ବାବୁ। ଡିବିରି ଶୁଖିଲା ପଡିଛି, ଠୋପାଏ ହେଲେ କିରୋସିନି ନାହିଁ। କାଲି ପରୀକ୍ଷା ନଥିଲେ ମୁଁ କୁହଂନି। ମୋତେ ଯାହା କହିବେ ମୁଁ ସବୁକାମ କରିବି। ଲାଇଟି ଜଳାଅ ବାବୁ! ଲାଇଟି ଲଗାଅ ବାବୁ। ବାବୁ! ବାବୁ!' ଏମିତି କରୁଣ ସ୍ୱରରେ ପଡୋଶୀର ସପ୍ତମ ଶ୍ରେଣୀରେ ପଢୁଥିବା ବାରବର୍ଷର ପୁଅ ବିଦୁ ଲକ୍ଷ୍ମୀଧର ବାବୁଙ୍କୁ ଅନୁରୋଧ କରି ଶେଷରେ ନିରାଶ ହେଲା। ବାବୁ କିଛି ସମୟ ବାଲ୍କୋନୀରୁ ତାର ବୁକୁଫଟା ଗୁହାରିଗୁଡା ଶୁଣିଲେ, ହେଲେ ଏ'କାନରେ ପୁରେଇ ସେ'କାନରେ ବାହାର କରିଦେଲେ। ଉଚ୍ଚସ୍ୱରରେ ଗାଳିକରି ଫାଟକ ଲାଇଟି ଦୁଇଟିଯାକ ଲିଭେଇ ଘର ଭିତରକୁ ପଶି କବାଟ କିଳିଲେ।

ସବୁଦିନେ ଫାଟକ ଲାଇଟି ସାରାରାତି ଜଳେ। କିନ୍ତୁ ଆଜି ସେହି ଲାଇଟିଆଲୁଅରେ ବିଦୁ ପଢିବାକୁ ବସିଛି ବୋଲି ଲକ୍ଷ୍ମୀଧର ବାବୁଙ୍କର ଦେହସହୁନି। ପଡୋଶୀଘରର ପୁଅ ବିଦୁ ବହୁତ ହୁସିଆର। ଲକ୍ଷ୍ମୀଧରବାବୁ ଗ୍ରହାନ୍ତି ଗାଁରେ ସିଏ ଏକା କେବଳ ଧନୀ ଥାଆନ୍ତୁ। ବାକିଲୋକମାନେ ଗରିବ ରହିଲେ ତାଙ୍କ କାମଧନ୍ଦା ସବୁଦିନେ ପାଇଁ କରିବେ। ବାଡି ବାଛିବେ, ଗଛ ପୋତିବେ। ଏ'ପିଲାଟି ବଡବାବୁଙ୍କ ପୁଅ ମିଟୁସାଙ୍ଗରେ ଏକା ସ୍କୁଲ୍‌ରେ ଏକାଶ୍ରେଣୀରେ ପଢେ। ପୁଅକୁ କାର୍‌ରେ ଆଣିବାକୁ ସ୍କୁଲ୍ ଗଲାବେଳେ ଶିକ୍ଷକଙ୍କଠାରୁ ୟା'ବିଷୟରେ ବହୁତ ପ୍ରଶଂସା ଶୁଣି ମନଭିତରେ ନିଆଁ ଲାଗିଯାଇଛି। ପରୀକ୍ଷାରେ ତା'ଙ୍କ ପୁଅର ତିରିଶ ପ୍ରତିଶତ ନମ୍ବର ରହିଲା ବେଳକୁ ଇଏ ପେଜପିଆ ଛୁଆ ଅଶି ପ୍ରତିଶତ ନମ୍ବର ରଖୁଛି। ବହୁତ ଭଲ ପଢୁଛି। ତେଣୁ ସିଏ ଭାବୁଛନ୍ତି ଇଏ ପାଠପଢିଲେ କାଳେ ବଡଲୋକ ହୋଇଯିବ? ମୋ'କୋଠା ସବୁଠାରୁ ଉଚ୍ଚା, ତା'ଠାରୁ ଏ'ଟୋକା ଯଦି ପଢାପଢି କରି ବଡକୋଠା କଲା ମୋ' ଇଜ୍ଜତ ରହିବ ଟି! ଶଳା! କହୁଛି ବାବୁ ସୁଇଚି ଟିପ। ବଲ୍ ଜଳାଅ। ଲାଇଟି ମାଗୁଛି। ପରୀକ୍ଷାରେ ମୋ'ପୁଅଠୁ ବେଶୀନମ୍ବର ଯିଏ ରଖିବ ତାକୁ ମୁଁ ମୋ ଫାଟକଲାଇଟି ଜଳେଇ ପଢିବାକୁ ସୁଯୋଗ ଦେବି! ଯାଉ ଶଳା ଅନ୍ଧାରରେ କେମିତି ପଢୁଛି ପଢୁ! ଆମେ ଫାଟକ ଲାଇଟି ଲଗଉଛୁ ଗୋଟାଏ ସୋ' ପାଇଁ। ଇଆ ବୋଲି ସବୁଦିନେ ସେହି ଖମ୍ବତଳେ ତୁ ବସିକି ପାଠପଢିବୁ! ଗାଁର ତୁ ଏକା ଜାଣ ଭାରି ସିଆଣିଆ ଟୋକା! ଏମିତି ଭାବିଭାବି ନିସ୍ତବ୍ଧ ରାତିରେ ଲକ୍ଷ୍ମୀଧରବାବୁ ହଠାତ୍ ଗର୍ଜନକରି ଉଠିଲେ, 'ଯା ଯା, ସେ ଫାଟକ ପାଖରୁ ଗ୍ଲଳିଯା'। (କ୍ରମଶଃ)

+ ପ୍ଲଟ-୧୭/୧୫,ପଂଚଶଖା ନଗର, ଢୁମୁଢୁମା, ଭୁବନେଶ୍ୱର-୭୫୧୦୧୯
ମୋ- ୯୪୩୯୧୨୮୦୫୦




## କରୋନା ତୁ କରିତ୍‌କର୍ମା..



**ଦୀପ୍ତି ମିଶ୍ର**

'କରୋନା, 'କରୋନା' ବୋଲି
ପଡ଼େ ବ୍ରହ୍ମାଣ୍ଡେ ହୁରି
ଚତୁର୍ଦ୍ଦିଗେ ଖେଳାଇଛୁ ତୁ
ଆତଙ୍କ ଲହରୀ।
ତୋ ଭଳି ଭୂତାଣୁକୁ
ସୃଷ୍ଟି କଲା ଚାଇନା
ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟାର
ତୁ ହେଲୁ ନମୁନା
କେଡ଼େ ନିର୍ବୋଧ ନୁହେଁ
ତୋର ସୃଷ୍ଟିକର୍ତ୍ତା
ତୋତେ ସୃଷ୍ଟି କରି ହେଲା
ବିଶ୍ୱର ବିନାଶକର୍ତ୍ତା
ଲକ୍ଷ ଲକ୍ଷ ନୀରିହ
ଦେଲେଣି ପ୍ରାଣବଳୀ
ଓଲଟାଇ ଦେଲୁ ତୁ
ସମଗ୍ର ଜୀବନ ଶୈଳୀ।
ଦୀର୍ଘଦିନ ଧରି ତୁ
ଚାଲୁଛି ଗ୍ରାସ କରି
କେତେ ଯେ ଗଲେଣି
ନିଜ ଜୀବିକାକୁ ହାରି।
ବାଧକ ସାଜିଲୁ
ହୋଇ ମାନବ ଦ୍ରୋହୀ
କାନ୍ଦୁଛି ବିଶ୍ୱ ନାଗରିକ
ସ୍ୱାଧୀନତା ହରାଇ
ଚତୁର୍ଦ୍ଦିଗ କଲୁଣି ତୁ
ହାହାକାର ମୟ
କେବଳ ଉଦ୍ଧାରିବେ ସେହି
ପ୍ରଭୁ ଦୟାମୟ।
ସୀମା ଲଂଘିଲୁ ତୋର
ପ୍ରକୋପ ଦେଖାଇ
ଆଉ କେତେ କାଳ
ତୋ ସହ କରିବୁ
ଲଢ଼େଇ।
ମହା ସଂଗ୍ରାମର ବେଳ ଏବେ
କରୋନା ଯୋଦ୍ଧାଙ୍କର
ହେଉ ତାଙ୍କ ଜୀବନ
ପ୍ରଚଣ୍ଡ ଶକ୍ତିର ଆଧାର।

+ କଳିଙ୍ଗ ବିହାର, ଭୁବନେଶ୍ୱର,
ଦୂରଭାଷ : ୯୦୪୦୦୨୭୪୦୦

## ଅଦିନେ ଉଠିବ ଝଡ...



**ପ୍ରଶାନ୍ତ କୁମାର ନାଥ**

ତୁମେସିନା ପ୍ରିୟାତୁମ ପାଇଁ ଆଜି
ବାଛିନେଲ ନୂଆ ନୀଡ
ହେଲେ ମୋହୃଦୟେ ତୁମରି ବିହୁନେ
ଅଦିନେ ଉଠିବ ଝଡ ।

ତୁମେସିନାମୋତେ ପର କରି ଯିବ
ଆପଣାରହେବଲୁହ
ମୁଁ ସିନା ଝୁରିବି ତୁମକୁଏକାକୀ
ତୁମ ପାଖେ ନୂଆମୁହଁ ।

ତୁମ ଦିନ ସିନା କଟିବ ଶାନ୍ତିରେ
ପାଇ ଏକ ନୂଆସାଥୀ
ହେଲେ ମୋତେ ପ୍ରିୟା
ଜଳେଇ ମାରିବ
ଆମସେ ପୁରୁଣାସ୍ମୃତି ।

ତୁମେ ପରଶିବ କାହା ହୃଦୟରେ
ପ୍ରେମକୁ ତୁମର ନେଇ
ମୋତେ ମାରୁଥିବ ଅଭୁଲାମୂହୁର୍ତ୍ତ
ନିଦାଘର ଝାଞ୍ଜି ହୋଇ ।

ତୁମ ପାଖେ ସିନା ଲାଗି ରହିଥିବ
ନୂଆ ସମ୍ପର୍କର ଭିଡ
ତୁମେ ଗଲାପରେ
ଜୀବନରେ ମୋର
ଅଦିନେ ଉଠିବ ଝଡ ।

+ ସୁନ୍ଦରପୁର, ଉତ୍ତରକୂଳହାଟ୍,
ପ୍ରୀତିପୁର, ଯାଜପୁର ।
ମୋ-୦୮୮୯୨୩୦୧୧୪୩

## ଆମ୍ବ କଷ୍ଟାର୍ଡ



**ଏବେ ବଜାରରେ ପାଚିଲା ଆମ୍ବ ପ୍ରଚୁର ପରିମାଣରେ ଉପଲବ୍ଧ । ଏହାକୁ ନେଇ ସ୍ୱାଦିଷ୍ଟ କଷ୍ଟାର୍ଡ ପ୍ରସ୍ତୁତ କରି ସମସ୍ତଙ୍କୁ ଖୁସି କରିପାରିବେ ।**

**ଆବଶ୍ୟକ ସାମଗ୍ରୀ:** ପାଚିଲା ଆମ୍ବ-୨ଟି (୬୦୦ଗ୍ରାମ୍) ଭାନିଲା କଷ୍ଟାର୍ଡ ପାଉଡର-୨ ବଡ଼ ଚାମଚ (୨୦ ଗ୍ରାମ), ଚିନି-୧/୨ କପ୍, ଡାଳିମ୍ବ ମଞ୍ଜି ୧/୨ କପ୍, ତାଜା କ୍ରିମ୍-୧ କପ୍ (୨୦୦ ଗ୍ରାମ), କଟାଯାଇଥିବା କାଜୁ ବାଦାମ- ୧/୪ କପ୍, ବାଦାମ-୮ ରୁ ୧୦ଟି ଓ ପେସ୍ତା- ୧୫ରୁ ୨୦ଟି, କ୍ଷୀର-ଅଧା ଲିଟର ।

**ପ୍ରସ୍ତୁତି:**

କଷ୍ଟାର୍ଡ ପ୍ରସ୍ତୁତ କରିବା ଲାଗି ବଡ଼ ଚାମଚରେ ୩-୪ ଚାମଚ କଞ୍ଚାକ୍ଷୀର ଏକ ପାତ୍ରରେ ନେଇ ସେଥିରେ କଷ୍ଟାର୍ଡ ପାଉଡର ମିଶାଇ ଭଲଭାବେ ଗୋଳାଇବେ । ବଳକା କ୍ଷୀର ଆଉ ଏକ ପାତ୍ରରେ ସିଝାଇଦେବେ । ଏହି କ୍ଷୀରର ଫୁଟିଲେ ଆଞ୍ଚ କମାଇ ଗୋଳାଇଥିବା କଷ୍ଟାର୍ଡ ସେହି କ୍ଷୀରରେ ପକାଇ ଘାଣ୍ଟିବେ ଯେପରି ଏହି ମିଶ୍ରଣ କ୍ଷୀରରେ ପୂରା ମିଶିଯିବ । ୬-୭ ମିନିଟ୍ ପର୍ଯ୍ୟନ୍ତ ଏହା ଗାଢ଼ ହେବା ଯାଏ ଗୋଳାଇ ଚାଲିବେ ଯେପରି ଗୋଟା ରହିବ ନାହିଁ କିମ୍ବା ପାତ୍ରର ତଳେ ମିଶ୍ରଣ ଲାଗିଯିବ ନାହିଁ । ୬ ମିନିଟ ହେବା ପରେ ଗ୍ୟାସ୍ ବନ୍ଦ କରି ମିଶ୍ରଣକୁ ଥଣ୍ଡା କରନ୍ତୁ । ମଝିରେ ମଝିରେ ଗୋଳାଇବା ଜରୁରୀ । ନଚେତ୍ ଉପରେ ସର ବସିଯିବ ।

ଏବେ ଆମ୍ବକୁ ଚୋପା ଛଡ଼ାଇ ଖଣ୍ଡଖଣ୍ଡ କରି କାଟିଦିଅନ୍ତୁ । ଉଭୟେ ଛୋଟ ଏବଂ ବଡ଼ ଖଣ୍ଡ କରି କାଟିବେ । ବଡ଼ ଖଣ୍ଡରୁ ଶସ ବାହାର କରିବା ସହିତ ଛୋଟଗୁଡ଼ିକୁ କଷ୍ଟାର୍ଡରେ ପକାଇବେ । ଅଙ୍ଗୁରକୁ ମଧ ୨ ଖଣ୍ଡ କରି କାଟିବେ । ଏବେ ବଡ଼ ଆମ୍ବଖଣ୍ଡ ଓ ଚିନି ମିକ୍ସର ଜାର୍‌ରେ ପକାଇ ପେଷ୍ଟ ପ୍ରସ୍ତୁତ କରି ରଖନ୍ତୁ । କ୍ରିମ୍‌କୁ ମନ୍ଥିବା ପାଇଁ ଗୋଟିଏ ଛୋଟ ଏବଂ ଗୋଟିଏ ବଡ଼ ପାତ୍ର ଆଣିବେ । ବଡ଼ ପାତ୍ରରେ ବରଫ ଟ୍ରେରୁ ସବୁ ବରଫ ପକାଇ ତା' ଉପରେ ଛୋଟ ପାତ୍ର ରଖି ସେଥିରେ ଫ୍ରିଜରୁ କାଢ଼ିଥିବା କ୍ରିମ୍ ପକାନ୍ତୁ । ଇଲେକ୍ଟ୍ରିକ୍ ବ୍ଲେଣ୍ଡରରେ ଏହାକୁ ଗୋଳାଇ ଗାଢ଼ କ୍ରିମ୍ ପ୍ରସ୍ତୁତ କରିବେ । ତେବେ କଷ୍ଟାର୍ଡ ପାଇଁ କ୍ରିମ୍ ଯେପରି ବେଶୀ ଗାଢ଼ ନହୁଏ । ସବୁ ସାମଗ୍ରୀ ପ୍ରସ୍ତୁତ ହୋଇସାରିବା ପରେ କଷ୍ଟାର୍ଡ ମିଶ୍ରଣ ସହିତ ପ୍ରଥମେ ଆମ୍ବ ଏବଂ ଚିନିର ପେଷ୍ଟ ଓ କ୍ରିମ୍‌କୁ ଏକାଠି ମିଶାଇଦେବେ । ଥରେ ବ୍ଲେଣ୍ଡର ସହାୟତାରେ ମିଶାଇବା ଭଲ । ପରଷିବା ଲାଗି ଛୋଟ ଛୋଟ ପାତ୍ର ଆଣି ସେଥିରେ ଅଧା ପର୍ଯ୍ୟନ୍ତ କଷ୍ଟାର୍ଡ ମିଶ୍ରଣ ରଖନ୍ତୁ । ଏହାପରେ ଛୋଟଛୋଟ କଟାଯାଇଥିବା ଆମ୍ବ ଅଙ୍ଗୁର ଏବଂ ଡାଳିମ୍ବ ମଞ୍ଜି ପକାଇବା ପରେ ସେଥିରେ କଟାଯାଇଥିବା କାଜୁ, ବାଦାମ ଓ ପେସ୍ତା ପକାନ୍ତୁ । ବଳକା ମିଶ୍ରଣ ଏକ ବଡ଼ ପାତ୍ରରେ ବାହାର କରି ସେଥିରେ ମଧ କଟା ଆମ୍ବ ଅଙ୍ଗୁର, ଡାଳିମ୍ବ ମଞ୍ଜି, ଡ୍ରାଏଫ୍ରୁଟସ୍ ପକାଇ ଦେବେ । ସବୁ ପାତ୍ର ୧ ଘଣ୍ଟା ପାଇଁ ଫ୍ରିଜରରେ ରଖନ୍ତୁ । ପ୍ରସ୍ତୁତ ହୋଇଯିବ ଥଣ୍ଡା ଥଣ୍ଡା ସ୍ୱାଦିଷ୍ଟ ଆମ୍ବ କଷ୍ଟାର୍ଡ ।

# ମାସ୍କ ଚର୍ଚ୍ଚା

**ଅସଲରେ କାଶ କିମ୍ବା ଛିଙ୍କ ବେଳେ ମୁହଁରୁ ବାହାରୁଥିବା ଜଳବୁନ୍ଦା ବାହାରକୁ ଯାଇ ନପାରି ମାସ୍କରେ ରହିଯାଏ । ତେଣୁ ଏହା ଅନ୍ୟକୁ ସଂକ୍ରମିତ କରିବା କିମ୍ବା ଅନ୍ୟଦ୍ୱାରା ସଂକ୍ରମିତ ହେବାଠାରୁ ସୁରକ୍ଷିତ ରଖେ । ଦେଶରେ କରୋନା ସଂକ୍ରମଣ ସଂଖ୍ୟା ବଢ଼ି ଚାଲିଛି । ଏହି ସଂକ୍ରମଣରୁ ସୁରକ୍ଷିତ ରହିବା ଲାଗି ସାନିଟାଇଜର ସହ ମାସ୍କ ସବୁଠାରୁ ବଡ଼ ଅସ୍ତ୍ର ପାଲଟିଛି । ସିଡିସି, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପରି ସଂସ୍ଥାଗୁଡ଼ିକ ମାସ୍କ ପିନ୍ଧିବା ପାଇଁ ସାଧାରଣ ଲୋକଙ୍କୁ ବାରମ୍ବାର ନିବେଦନ କରୁଛନ୍ତି । କେନ୍ଦ୍ର ଏବଂ ରାଜ୍ୟ ସରକାର ମାସ୍କ ପିନ୍ଧିବା ପାଇଁ ଲୋକଙ୍କୁ ନିବେଦନ କରୁଥିଲେ ବି ଏଯାବତ୍ ସମସ୍ତେ ଏ ସଂକ୍ରାନ୍ତରେ ସଚେତନ ହେଉନାହାନ୍ତି । ବଜାରରେ ଉପଲବ୍ଧ ମାସ୍କର ବିଶେଷତ୍ୱ ଜାଣି ନିଜ ପାଇଁ ଠିକ୍ ମାସ୍କ ବାଛନ୍ତୁ ଏବଂ ସଂକ୍ରମଣରୁ ସୁରକ୍ଷିତ ରହନ୍ତୁ । ଏବେ ଆଉ କେତେକ ସ୍ୱତନ୍ତ୍ର ମାସ୍କ ବି ଚର୍ଚ୍ଚାକୁ ଆସିଲାଣି ।**



**ଏନ୍ ୯୫ ମାସ୍କ:**




କରୋନା ମହାମାରୀ ସମୟରେ ଏନ୍-୯୫ ମାସ୍କ ସବୁଠାରୁ ଅଧିକ ଚର୍ଚ୍ଚାରେ ରହିଛି । ଏହା ଅତି କ୍ଷୁଦ୍ର କଣିକା (୦.୩ ମାଇକ୍ରନ୍)କୁ ପ୍ରାୟ ୯୫ ପ୍ରତିଶତ ରୋକିପାରେ । ମଣିଷର କେଶ ୭୦ରୁ ୧୦୦ ମାଇକ୍ରନ ଚଉଡ଼ା ହୋଇଥିବା ବେଳେ ଏନ୍-୯୫ ଅତି କ୍ଷୁଦ୍ର କଣିକା ରୋକିବାରେ ସଫଳ ହୋଇଥାଏ । ପଲିଷ୍ଟର ଏବଂ ଅନ୍ୟ ସିନ୍ଥେଟିକ୍ ଫାଇବରରେ ତିଆରି ଏହି ମାସ୍କ ଥରଟିଏ ବ୍ୟବହାର କରିହେବ । ତେବେ ତ୍ୱଚା ଏବଂ ମାସ୍କ ଭିତରେ ଯେପରି କୌଣସି ଖାଲିସ୍ଥାନ ନରହେ । ଏହା ଛୋଟ ପିଲା ଏବଂ ଦାଢ଼ି ଥିବା ମଣିଷଙ୍କ ମୁହଁରେ ଠକ୍ ଭାବେ ଲାଗିପାରେ ନାହିଁ । ଭାଲ୍‌ଭ ଥିବା ପରି ମାସ୍କ ସାଧାରଣତଃ ନିର୍ମାଣ କ୍ଷେତ୍ରରେ ବ୍ୟବହାର କରାଯାଇଥାଏ ।

**ସର୍ଜିକାଲ ମାସ୍କ:**



ଏନ୍-୯୫ରୁ ଟିକେ କମ୍ ପ୍ରଭାବଶାଳୀ । ଏଥିରୁ କେତେକ ଲ୍ୟାବ୍ ପରିବେଶରେ ଛୋଟ କଣିକାଗଡ଼ିକୁ ୬୦ରୁ ୮୦ ପ୍ରତିଶତ ପର୍ଯ୍ୟନ୍ତ ରୋକିପାରେ । ଠିକ୍ ଭାବେ ପିନ୍ଧା ଯାଇଥିଲେ ଏହା କରୋନା ସଂକ୍ରମଣରୁ ସୁରକ୍ଷା ଦେବାରେ ସହାୟକ ହୋଇଥାଏ । ଏଗୁଡ଼ିକ ଡିସ୍‌ପୋଜେବ୍‌ଲ ମାସ୍କ ।

**କପଡ଼ା ମାସ୍କ:**



ସୂତା କପଡ଼ାରେ କଫି ଫିଲ୍ଟର, ପେପର ଟାୱେଲ ବ୍ୟବହାର କରି ଏହି ମାସ୍କ ପ୍ରସ୍ତୁତ କରାଯାଇଥାଏ । ଏହା ୦.୩ ମାଇକ୍ରନ୍‌ର କଣିକାକୁ ୨୩ ରୁ ୩୩ ପ୍ରତିଶତ ପର୍ଯ୍ୟନ୍ତ ରୋକିପାରେ । ଏଭଳି ମାସ୍କ ଭଲଭାବେ ତିଆରି କଲେ ଏହା ସର୍ଜିକାଲ ମାସ୍କ ପରି ସୁରକ୍ଷା ଦେଇଥାଏ । ନାକ ଏବଂ ଚିବୁକକୁ ସମ୍ପୂର୍ଣ୍ଣ ଘୋଡ଼ାଇ ପାରୁଥିବା ଆକାରରେ ଦୁଇ ସ୍ତର କପଡ଼ା ଦେଇ ଏହି ମାସ୍କ ପ୍ରସ୍ତୁତ କରିବା ଉଚିତ । ଏହାକୁ ଠିକ୍ ଭାବେ ପିନ୍ଧିବା ସହ ସାମାଜିକ ଦୂରତା ଏବଂ ବାରମ୍ବାର ହାତ ଧୋଇବା ପ୍ରତି ଯତ୍ନ ନେବା ଅଧିକ ସୁରକ୍ଷିତ ରଖିବ ।

**ସୁନା ମାସ୍କ:**



ଦେଶରେ କରୋନା ସଂକ୍ରମଣ କ୍ଷେତ୍ରରେ ମହାରାଷ୍ଟ୍ରର ସ୍ଥିତି ସବୁଠାରୁ ଖରାପ ଥିବା ବେଳେ ଏହି ରାଜ୍ୟର ଜଣେ ବାସିନ୍ଦା ନିଜ ସଉକ ଲାଗି ସୁନା ତିଆରି ମାସ୍କ ପିନ୍ଧି ଚର୍ଚ୍ଚାକୁ ଆସିଛନ୍ତି । ପୁନେ ଅନ୍ତର୍ଗତ ପିମ୍ପରି ଚିଞ୍ଚୱାଡ଼ା ବାସିନ୍ଦା ଶଙ୍କର କୁରାଡେ ଏହି ମାସ୍କ ପିନ୍ଧୁଛନ୍ତି । ଏହା ଖୁବ୍ ପତଳା ଏବଂ ଏଥିରେ ଛୋଟ ଛୋଟ କଣା ରହିଥିବାରୁ ଶ୍ୱାସକ୍ରିୟାରେ କୌଣସି ସମସ୍ୟା ହେଉନଥିବା ଶଙ୍କର କହନ୍ତି । ତେବେ ସୁନାରେ ତିଆରି ଏହି ମାସ୍କକୁ ପିନ୍ଧିବା ଲାଗି ସାଧାରଣ ଇଲାଷ୍ଟିକ୍ ଲଗାଯାଇଛି । ପୂର୍ବରୁ ହାଇଦ୍ରାବାଦର କେତେକ ଅଳଙ୍କାର ବ୍ୟବସାୟୀ ସୁନା ମାସ୍କ ତିଆରି କରି ଚର୍ଚ୍ଚାକୁ ଆସିଥିଲେ ।

**ପିଲାଙ୍କ ମନ ମୋହୁଛି କାର୍ଟୁନ ମାସ୍କ:**

କରୋନା ମହାମାରୀରୁ ସୁରକ୍ଷିତ ରହିବା ଲାଗି ମାସ୍କ ପିନ୍ଧିବା ଜରୁରୀ ହୋଇଥିଲେ ମଧ ପିଲାମାନଙ୍କୁ ଏହା ପିନ୍ଧାଇବା କାଠିକର ପାଠ ହୋଇଯାଉଛି । ତେବେ ସେମାନଙ୍କୁ ମାସ୍କ ପ୍ରତି ଆକୃଷ୍ଟ କରିବା ଲାଗି ବଜାରକୁ ଆସିଛି କାର୍ଟୁନ ମାସ୍କ । ଡୋରେମନ୍, ସିନ୍‌ଚାନ୍, ପେପା ପିଗ୍, ମିକି ମାଉସ୍, ପୋକେମନ୍ ପରି ଏକାଧିକ ପ୍ରିୟ କାର୍ଟୁନ ଚରିତ୍ରଙ୍କ ଛବି ଥିବା ମାସ୍କ ଦେଖି ପିଲାମାନେ ବି ଖୁସି ।





## ସୁନା କଇଁଚିରେ କେଶକଟା




କୋହ୍ଲାପୁରରେ ଜଣେ ସେଲୁନ୍ ମାଲିକ ସୁନା କଇଁଚିରେ ଗ୍ରାହକଙ୍କ କେଶ କାଟି ଚର୍ଚ୍ଚାକୁ ଆସିଛନ୍ତି । ସେ ହେଲେ ରାମଭାଉ ଶଙ୍କପାଲ । ରାମଭାଉଙ୍କର କୋହ୍ଲାପୁର ବଜାରରେ ଏକ ସେଲୁନ୍ ରହିଛି । ଲକ୍‌ଡାଉନ୍ ପରେ ସେଲୁନ ପୁଣି ଥରେ ଖୋଲିଥିବା ଯୋଗୁ ଖୁସି ହୋଇ ନିକଟରେ ସେ ନିଜର ପ୍ରଥମ ଗାହକଙ୍କର କେଶ ସୁନା କଇଁଚିରେ କାଟିବାର ବ୍ୟବସ୍ଥା କରିଥିଲେ । ଏ ସଂପର୍କରେ ରାମଭାଉ କହିଛନ୍ତି, ଲକ୍‌ଡାଉନ୍ ଯୋଗୁ ଆମ ବ୍ୟବସାୟ ବହୁତ ପ୍ରଭାବିତ ହୋଇଛି । ସେଲୁନ୍ ମାଲିକ ଏବଂ କର୍ମଚାରୀଙ୍କୁ ଭୟଙ୍କର ଆର୍ଥିକ ଅନଟନ ଦେଇ ଗତି କରିବାକୁ ପଡ଼ିଛି । କିଛି ସେଲୁନ୍ ମାଲିକ ଅର୍ଥାଭାବ ଯୋଗୁ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଛନ୍ତି । ଏଭଳି ପରିସ୍ଥିତିରେ ପୁଣି ଥରେ ସେଲୁନ୍ ଖୋଲୁଥିବାରୁ ସେମାନେ ଖୁବ୍ ଖୁସି ଅଛନ୍ତି । ସେହି ଖୁସିକୁ ଜାହିର କରିବା ଲାଗି ସେ ନିଜ ଦୋକାନକୁ ଆସିଥିବା ପ୍ରଥମ ଗ୍ରାହକଙ୍କର କେଶ ସୁନା କଇଁଚିରେ କାଟିବା ଲାଗି ସ୍ଥିର କରିଥିଲେ । ଅନେକ ବର୍ଷ ହେଲା ସେ ଏହି ବ୍ୟବସାୟରେ ଥିବାବେଳେ ନିଜ ସଞ୍ଚିତ ଅର୍ଥରୁ ୨ ସୁନା କଇଁଚି କିଣିଛନ୍ତି । ତାଙ୍କରର ଏହି ୨ କଇଁଚି ୧୦ ତୋଳା ସୁନାରେ ପ୍ରସ୍ତୁତ ହୋଇଛି ।

## ଏକ୍ସ-ରେରୁ ଜଣାପଡ଼ିବ କରୋନା




କରୋନା ଟେଷ୍ଟ ସଂଖ୍ୟା ବଢ଼ାଇବା ପାଇଁ ସରକାର କରୋନା ଟେଷ୍ଟିଂର ମୂଲ୍ୟ ହ୍ରାସି କରିଛନ୍ତି । ତଥାପି ଲୋକେ ଏ ନେଇ ସନ୍ତୁଷ୍ଟ ନାହାନ୍ତି । ଏହି ସମୟରେ ଆଇଆଇଟି ଗାନ୍ଧିନଗରର ଏମ୍ ଟେକ୍ ଛାତ୍ର କୁଶପାଲ ସିଂହ ଯାଦବ ଏକ ନୂଆ ସଫ୍ଟୱେର ବିକଶିତ କରିଛନ୍ତି । ତାଙ୍କ ସହଯୋଗୀ ପ୍ରଫେସର ଏଥିରେ ତାଙ୍କୁ ସାହାଯ୍ୟ କରିଛନ୍ତି । ସେମାନଙ୍କ କହିବା ଅନୁସାରେ, ଛାତି ଏକ୍ସ-ରେ ମାଧ୍ୟମରେ କରୋନା ଚିହ୍ନଟ କରାଯାଇ ପାରିବ । ଗବେଷଣାରେ ସାମିଲ ପ୍ରଫେସର କୃଷ୍ଣା ମିୟାପୁରମ କହନ୍ତି, କରୋନା ରୋଗୀଙ୍କ ଚିହ୍ନଟ ନିମନ୍ତେ କୃତ୍ରିମ ବୁଦ୍ଧିମତାସମ୍ପନ୍ନ ଏକ ସଫ୍ଟୱେର ବିକଶିତ କରିଛନ୍ତି । ଏହା ଏକ ଅନ୍‌ଲାଇନ୍ ଉପକରଣ । ବ୍ୟକ୍ତି କରୋନା ସଂକ୍ରମିତ ଅଛନ୍ତି କି ନାହିଁ, ତାହା ଏକ୍ସ-ରେ ମାଧ୍ୟମରେ ଚିହ୍ନଟ କରେ । ପ୍ରାଥମିକ ଚିକିତ୍ସା ନିମନ୍ତେ ଏହି ଉପକରଣ ପ୍ରୟୋଗ କରାଯାଇପାରେ ବୋଲି ଗବେଷକମାନେ ଦାବି କରୁଛନ୍ତି । ଏ ନେଇ କୁଶପାଲ କହନ୍ତି, କରୋନାର ଟେଷ୍ଟଂ ସୁବିଧାକୁ ଦୃଷ୍ଟିରେ ରଖି ଏହି ସଫ୍ଟୱେର ସେ ପ୍ରସ୍ତୁତ କରିଛନ୍ତି । ବିଶ୍ୱସନୀୟ ଉପକରଣର ବିକାଶ ନିମନ୍ତେ ଉଚିତ ଆଲ୍‌ଗୋରିଦମ ଓ ତଥ୍ୟ ଆବଶ୍ୟକ ହୁଏ । ଏହି ମାମଲାରେ ସଦ୍ୟ ବିକଶିତ ଉପକରଣ ଉଗଯୋଗ ହେବ । ବ୍ୟାପକ ସ୍ତରରେ ଏହାର ପ୍ରୟୋଗ କରାଯାଇପାରେ ବୋଲି ସେ କହିଛନ୍ତି ।

## ସ୍ୱାସ୍ଥ୍ୟ ମନ୍ତ୍ର



ଭୁରୁସୁଙ୍ଗ ପତ୍ର ଦ୍ୱାରା କେଶର ଅଧିକାଂଶ ସାଧାରଣ ସମସ୍ୟା ଦୂର କରାଯାଇପାରେ । ଏଥି ପାଇଁ ଲୋଡ଼ା ଏକ କପ୍ ଖାଣ୍ଟି ନଡ଼ିଆ ତେଲ, ଚଉଠ କପ୍ ଭୁରୁସୁଙ୍ଗ ପତ୍ର ଓ ଏକ ଚାମଚ ମେଥି । ପ୍ରଥମେ ଏକ ପାତ୍ରରେ ନଡ଼ିଆ ତେଲ ଗରମ କରନ୍ତୁ । ତାତିଗଲା ପରେ ଭୁରୁସୁଙ୍ଗ ପତ୍ର ଓ ମେଥି ପକାନ୍ତୁ । ଅଳ୍ପ ଆଞ୍ଚରେ ଫୁଟାନ୍ତୁ । ତେଲରୁ ଫେଣ ଓ ଫୋଟକା ସଂପୂର୍ଣ୍ଣ ଚାଲିଗଲେ, ଥଣ୍ଡା କରନ୍ତୁ । ବାର ଘଣ୍ଟା ପରେ ଛାଣି, ମେଥି ଓ ଭୁରୁସୁଙ୍ଗ ପତ୍ର ବାହାରକରିଦିଅନ୍ତୁ । ଏହି ତେଲ ସପ୍ତାହରେ ଦୁଇ ଦିନ କେଶରେ ମାଲିସ କରନ୍ତୁ । ଏକ ଘଣ୍ଟା ପରେ ସାମ୍ପୁ ଦ୍ୱାରା ମୁଣ୍ଡ ଧୁଅନ୍ତୁ । ନିୟମିତ ବ୍ୟବହାର ଦ୍ୱାରା ରୁପି ଓ କେଶ ଝଡ଼ିବା ସମସ୍ୟା ଦୂରହୁଏ ।

## ଚଟଣିରି ବଗିଚା


**ଖାଇବା ଥାଳିରେ ଚଟଣି ରହିଥିଲେ ସାଦାସିଧା ଖାଦ୍ୟ ବି ଖୁବ୍ ରୁଚିକର ହୋଇଯାଏ । ପ୍ରାୟତଃ ଘରେ ପୋଦିନା, ଧନିଆ, ଲଙ୍କା ଚଟଣି ତିଆରି ହୁଏ । ଏବେ ଲକ୍‌ଡାଉନ ଏବଂ ସଟ୍‌ଡାଉନ ମଧ୍ୟରେ ମନପସନ୍ଦର ପନିପରିବା ଯଦି ଆଣି ପାରୁନଥାନ୍ତି, ବିଭିନ୍ନ ପ୍ରକାର ଚଟଣି କରି ଖାଦ୍ୟର ସ୍ୱାଦ ବଢ଼ାଇ ପାରିବେ । ଏଥିପାଇଁ ଘରେ ଚଟଣି କରି ଖାଦ୍ୟର ସ୍ୱାଦ ବଢ଼ାଇ ପାରିବେ । ଏଥିପାଇଁ ଘରେ ଚଟଣି ବଗିଚା କରିବା ସବୁଠାରୁ ଭଲ ଉପାୟ ।**

**କେମିତି କରିବେ:**

ପ୍ରତ୍ୟେକ ଭାରତୀୟଙ୍କ ରୋଷେଇଘରେ ଗୋଟା ଧନିଆ, ଶୁଖିଲା ଲଙ୍କା ନିଶ୍ଚୟ ରହିଥିବ । ଏହାକୁ ମଞ୍ଜି ଭାବେ ବ୍ୟବହାର କରାଯାଇପାରେ । ପୋଦିନା ଡାଙ୍ଗ, ଟମାଟୋ ଚାରା ମଧ ମିଳିପାରିବ ।



ପାଚିଲା ଟମାଟୋ ମଞ୍ଜିରୁ ବି ଗଛ ହୋଇପାରିବ । ପ୍ରଥମେ କୁଣ୍ଡଗୁଡ଼ିକୁ ଖତ ମାଟି ଦେଇ ପ୍ରସ୍ତୁତ କରିବା ପରେ ସେଥିରେ ମଞ୍ଜି ଲଗାନ୍ତୁ । ପୁରୁଣା ପ୍ଲାଷ୍ଟିକ ବୋତଲ, ଟିଣ ଡବା ତଥା ଅବ୍ୟବହୃତ ବ୍ୟାଗ୍‌ରେ ବି ଏହି ଗଛ ଲଗାଇହେବ । ଗୋଟା ଧନିଆକୁ ପାଣିରେ ଭିଜାଇ ଗଜା କରିବା ପରେର ମାଟିରେ ବୁଣି ଉପରେ ଅଳ୍ପ ମାଟି ଘୋଡ଼ାଇ ଦିଅନ୍ତୁ । ଲଙ୍କା ମଞ୍ଜିକୁ ଖାଲି ବୁଣିଦେଲେ ବି ସେଥିରୁ ଗଛ ଉଠିଯାଏ । ପୋଦିନା ଡାଙ୍ଗ ବାଲିମିଶା ମାଟିରେ ପୋତିଲେ ଏହା ଭଲ ଭାବେ ବଢ଼ିପାରେ । ଟମାଟୋ ଗଛଗୁଡ଼ିକୁ ଟିକେ ଛାଡ଼ି ଛାଡ଼ି ଲଗାଇବା ଭଲ । ଗୋଟିଏ କୁଣ୍ଡରେ ବହୁତ ଗଛ ଭର୍ତ୍ତି ନକରି ସୀମିତ ସଂଖ୍ୟକ ରଖିଲେ ଏହା ଭଲ ବଢ଼ିଥାଏ । ଗୋଟିଏ ପ୍ରକାର ଗଛ ଏକାଧିକ କୁଣ୍ଡରେ ଲଗାଇଲେ ବିଭିନ୍ନ ସମୟରେ ପର୍ଯ୍ୟାପ୍ତ ପରିମାଣରେ ପାଇପାରିବେ । ନିଜ ହାତ ପାଆନ୍ତାରେ ଲଙ୍କା, ପୋଦିନା, ଧନିଆ ଏବଂ ଟମାଟୋ ମିଳିବା ପରେ ଚଟଣି କରିବା ନିଶ୍ଚୟ ସହଜ ହୋଇଯିବ ।



# ବିଜେପିରେ ଯୋଗ ଦେଲେ କଂଗ୍ରେସ ଛାଡିଥିବା ତିର୍ତୋଲ ନେତା ରାଜକିଶୋର ବେହେରା

ଭୁବନେଶ୍ୱର,୧୯।୯ (ନି.ପ୍ର): ଗତକାଲି କଂଗ୍ରେସ ଛାଡ଼ିଥିବା ତିର୍ତୋଲର ବରିଷ୍ଠ ନେତା ରାଜକିଶୋର ବେହେରା ଆଜି ବିଧିବଦ୍ଧ ଭାବେ ବିଜେପିରେ ଯୋଗ ଦେଇଛନ୍ତି । କଂଗ୍ରେସ ଦଳର ବରିଷ୍ଠ ନେତା ତଥା ଗତ ୨୦୧୯ ସାଧାରଣ ନିର୍ବାଚନରେ ତିର୍ତୋଲ ବିଧାନସଭା ପ୍ରାର୍ଥୀ ଶ୍ରୀ ରାଜକିଶୋର ବେହେରା ନିଜ ସମର୍ଥକଙ୍କ ଗ୍ରହଣରେ ବିଜେପିରେ ଯୋଗଦାନ କରିଛନ୍ତି । ଶୁକ୍ରବାର ଦିନ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଶ୍ରୀ ବେହେରାଙ୍କ ସମେତ ଜଗତସିଂହପୁରର ପୂର୍ବତନ ବିଧାୟକ ଶ୍ରୀ କୈଳାଶ ମଲ୍ଲିକ, ତିର୍ତୋଲ ବ୍ଲକର ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ୍ତ ନାୟକ, ବିରତୋଳା ସରପଂଚ ରୁକସାନା ବେଗମ୍, ମୁଳିସିଙ୍ଗ ସରପଂଚ ଅନ୍ନପୂର୍ଣ୍ଣା ବିଶ୍ୱାଳ, ପଂଚାୟତ ସମିତି ସଦସ୍ୟା ଜ୍ୟୋର୍ତିମୟୀ ମହାନ୍ତି, ସଂଯୁକ୍ତା ଜେନା, ରାଣୀ ଚାପେବାର, ବିରତୋଳା ନାଏବ ସରପଂଚ ଅବଦୁଲ୍ କାଦିର ଖାନ୍, ପୂର୍ବତନ ସମିତି ସଭ୍ୟ ଶରତ ମଲ୍ଲ, ମିନତୀ ଦଳେଇ, କଟରା ଅଂଚଳର ବରିଷ୍ଠ ନେତା ଅଶୋକ ମଲ୍ଲିକ, ମୁଳିସିଙ୍ଗ ଗ୍ରାମର ରଶ୍ମୀରଂଜନ ବିଶ୍ୱାଳ, ବିରିତୋଳା ଗ୍ରାମର ଲତିଫୁଦ୍ଦିନ, ବନବିହାରୀ ସାମଲ, ମେହେତାବ ଅଲ୍ଲୀ, ନିଆଜ ହକିମ୍, ସଦ୍ଦାମ ହୁସେନ୍, ସିକନ୍ଦର ଆଲମ ପ୍ରମୁଖ ଏବଂ ଚପଡା ଗ୍ରାମ ପୂର୍ବତନ ସରପଂଚ ଅଲେଖ ନାୟକ, ବରଗୋଳା ଗ୍ରାମ ପଂଚାୟତର ପୂର୍ବତନ ସରପଂଚ ବିମଳା ଜେନା, ତରିକୁନ୍ଦ ଗ୍ରାମ ପଂଚାୟତର ପୂର୍ବତନ ସରପଂଚ ସୁରେନ୍ଦ୍ର ରାଉତ, ବରଗୋଳା ଗ୍ରାମର ପ୍ରଦୀପ ସ୍ୱାଇଁ ପ୍ରମୁଖ ଅନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି । ରାଜ୍ୟ ଉପସଭାନେତ୍ରୀ ଶ୍ରୀମତୀ ପ୍ରଭାତି ପରିଡା, ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଅନୁସୁଚିତ ମୋର୍ଚ୍ଚା ରାଜ୍ୟ ସଭାପତି ତଥା ପୂର୍ବତନ ସାଂସଦ ବିଭୁ ତରାଇ, ଜଗତସିଂହପୁର ଜିଲ୍ଲା ପ୍ରଭାରୀ ଶାରଦା ପ୍ରଧାନ ପ୍ରମୁଖ ସମସ୍ତ ନୂତନ ସଦସ୍ୟଙ୍କୁ ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ । ରାଜକିଶୋର ବେହେରା କଂଗ୍ରେସର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଥିବା ନେଇ ସେ ଗତକାଲି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ । ସେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଂଜନ ପଟ୍ଟନାୟକଙ୍କ ନିକଟକୁ ନିଜର ଇସ୍ତଫା ପତ୍ର ପଠାଇ ଦେଇଥିଲେ । ଶ୍ରୀ ବେହେରା ବିଜେପିରେ ଯୋଗ ଦେଇ ଏହାର ପ୍ରାର୍ଥୀ ଭାବରେ ତିର୍ତୋଲରୁ ଉପନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି ।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୩୦୮ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୧୯।୯ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୮୨ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୯୬୩ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୫୬୦ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

## ମହିଳା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଶରତ ଚନ୍ଦ୍ର ଜୟନ୍ତୀ ପାଳିତ



ବାରିପଦା,୧୯।୯ (ନି.ପ୍ର): ମହାନ ମାନବବାଦୀ ସାହିତ୍ୟିକ ଶରତ ଚନ୍ଦ୍ରଙ୍କ ୧୪୫ ତମ ଜନ୍ମ ଜୟ'ୀ ଯଥାଯୋଗ୍ୟ ମର୍ଯ୍ୟାଦାର ସହ ଯଶିପୁର ଠାରେ ପାଳିତ ହୋଇ ଯାଇଛି । ଏହି ଉପଲକ୍ଷେ ଏସୟୁସିଆଇ (କମ୍ୟୁନିଷ୍ଟ) କାର୍ଯ୍ୟାଳୟ ପରିସରରେ ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ, ମୟୁରଭଞ୍ଜ ଜିଲ୍ଲା କମିଟି ସମ୍ପାଦିକା କମ୍ରେଡ୍ ଦ୍ରୌପଦୀ ମହା'ଙ୍କ ପରିଚାଳନାରେ ମହାନ ସାହିତ୍ୟିକ ଶରତ ଚନ୍ଦ୍ରଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏସୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ କମିଟି ସଦସ୍ୟ ତଥା ପୂର୍ବତନ ବିଧାୟକ କମ୍ରେଡ଼ ଶମ୍ଭୁନାଥ ନାଏକ, ରାଜ୍ୟ କମିଟିର ଅନ୍ୟତମ ସଦସ୍ୟ ସଦାଶିବ ଦାସ, ଦ୍ରୌପଦୀ ମହା', ଆଶା କର୍ମୀ ଦମୟନ୍ତୀ ମହା', ସଦସ୍ୟା ସବିତା ଦାସ, ରାଧିକା ହୋ, ସତ୍ୟେନ ମହା' ପ୍ରମୁଖ ଶରତ ଚନ୍ଦ୍ରଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଅପରାହ୍ନରେ ଶରତ ସାହିତ୍ୟ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ।

## ବିଜେପି ଯୁବମୋର୍ଚ୍ଚା ତରଫରୁ ରକ୍ତଦାନ ଶିବିର

କେନ୍ଦ୍ରାପଡା,୧୯।୯ (ନି.ପ୍ର): ଭାରତର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୦ ତମ ଜନ୍ମଦିନ ଅବସର ରେ "ସେବା ସପ୍ତାହ" ର ଚତୁର୍ଥ ଦିନରେ କେନ୍ଦ୍ରାପଡା ଦୁହୁରିଆ ସ୍ଥିତ ଜିଲ୍ଲା କାର୍ଯ୍ୟାଳୟରେ ବିଜେପି ଯୁବମୋର୍ଚ୍ଚା ତରଫରୁ ରକ୍ତଦାନ ଶିବିର ର ଆୟୋଜନ ହୋଇଯାଇଛି । ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ରକ୍ତଦାନ ଶିବିରରେ ୭୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବ ମୋର୍ଚ୍ଚା ଜିଲ୍ଲା ସଭାପତି ଦିଲିପ ଦାସ , ବିଧାୟକ ପାର୍ଥୀ ସୁନାକର ବେହେରା, ଜିଲ୍ଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ,ଦେବାଶିଷ ଦାସଙ୍କ ସହ ଯୁବନେତା ଅଭିମନ୍ୟୁ ଗୋଛାୟତ, ନେହେରୁ ସାହୁ, ଉପୀନ ରାଉତ, ଉମାକାନ୍ତ ନାୟକ, ମୁକ୍ତିକାନ୍ତ ସ୍ୱାଇଁ, ମଞ୍ଜୁଲତା ମଲିକ, ବାସୁଦେବ ତ୍ରିପାଠୀ, ସୁବ୍ରତ ତ୍ରିପାଠୀ ପ୍ରମୁଖ ରକ୍ତଦାନ କରିବା ସହ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ପୁରୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ



ପୁରୀ,୧୯।୯ (ନି.ପ୍ର): ପାଥରପୁରୀ ଛାତ୍ରାବାସ ଉପରେ ଜବରଦଖଲ କରି ସରକାର ଯେଉଁ ବ୍ଲୁ ଫ୍ଲାଗ୍ ବିଚ କୁ ରାସ୍ତା କରିବା ନିମନ୍ତେ ଛାତ୍ରାବାସ ର ଭୂମି ନିଜ ଅକ୍ତିଆର କୁ ନେଇ ଯେଉଁଭଳି ଏକଛତ୍ରବାଦ ଶାସନ ଚଲେଇଛନ୍ତି ତାକୁ ବିରୋଧ କରିବାକୁ ଯାଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପୁରୀ ନଗରର ଅନେକ ବିଦ୍ୟାର୍ଥୀ କାର୍ଯ୍ୟକର୍ତାମାନେ କୋଭିଡ୍-୧୯ ର ସମସ୍ତ ନିୟମକୁ ଅନୁପାଳନ କରି ପାଥରପୁରୀ ଛାତ୍ରାବାସ ଠାରେ ଏକତ୍ରିତ ହୋଇ ଏକ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ସେଠାରୁ ଛାତ୍ରଛାତ୍ରୀ ମାନେ ଏକ ଶାନ୍ତି ପୂର୍ଣ୍ଣ ପଦଯାତ୍ରା ରେ ବାହାରି ପୁରୀ ଜିଲାପାଳ ଙ୍କ କାର୍ଯ୍ୟାଳୟ ପହଂଚି ଥିଲେ । ପୁରୀ ଜିଲାପାଳ ଙ୍କୁ ଏକ ଦାବି ପତ୍ର ଦିଆଯାଇଛି । ଏହାର ଏକ ନକଲ ଓଡିଶା ର ମହାମହିମ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ଗଣଶିକ୍ଷାମନ୍ତ୍ରୀ ଙ୍କୁ ଦିଆଯାଇଛି ।

## ଟି.ଏମ.ସି. ବିଲ ପୈଠ ଦାବିରେ ସରପ ମାନେ ଧାରଣାରେ

ଭଦ୍ରକ, ୧୯/୯ (ହି.ସ.) - ଭଣ୍ଡାରିପୋଖରୀ ବ୍ଲକର ୨୩ ପ ।ୟତରେ କୋଭିଡ ମହାମାରୀ ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଅସ୍ଥାୟୀ ମେଡିକାଲ କେନ୍ଦ୍ର(ଟି.ଏମ.ସି.) ପରିଚାଳନା କରିଥିବା ପ ।ୟତ ଗୁଡିକର ବିଲ ପୈଠ ଦାବି କରି ବିଭିନ୍ନ ପ ।ୟତର ସରପ ମାନେ ଶୁକ୍ରବାର ବ୍ଲକ ସମମୁଖରେ ଧାରଣା ଦେଇଥିଲେ । ଗତ ଜୁନ ମାସ ୨୩ ତାରିଖରୁ ପ ।ୟତ ସ୍ତରରେ ଅସ୍ଥାୟୀ ମେଡିକାଲ କେନ୍ଦ୍ର(ଟି.ଏମ.ସି.) ବନ୍ଦ କରାଯାଇ ସାରିଛି । ପ ।ୟତ ପକ୍ଷରୁ ଅସ୍ଥାୟୀ ମେଡିକାଲ କେନ୍ଦ୍ର(ଟି.ଏମ.ସି.) ପରିଚାଳନା ବାବଦକୁ ଖର୍ଚ୍ଚ କରିଥିବା ଅର୍ଥ ପାଇବା ପାଇଁ ବ୍ଲକରେ ବିଲ ଗତ ଜୁନ ମାସ ଶେଷ ସୁଦ୍ଧା ଦାଖଲ କରିସାରିଥିଲେ । ହେଲେ ବ୍ଲକ କ ୃପକ୍ଷ ବିଲ ପୈଠ କରିନଥିଲେ । ଚଳିତ ସେପ୍ଟେମ୍ବର ୮ ତାରିଖ ଦିନ ସାତ ଦିନ ମଧ୍ୟରେ ବିଲ ଅର୍ଥ ପୈଠ ପାଇଁ ବ୍ଲକ ପ୍ରଶାସନକୁ ସରପ ମାନେ ମିଳିତ ଭାବେ ଜଣାଇଥିଲେ । ଅନ୍ୟଥା ଧାରଣା ଦେବେ ବୋଲି ଚେତାବନୀ ଦେଇଥିଲେ । ବ୍ଲକ ପ୍ରଶାସନ ପକ୍ଷରୁ ଗତ ୧୧ ତାରିଖରେ ସରପ ମାନଙ୍କ ଦାବି ସମ୍ପର୍କରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଜଣାଇ ଦିଆଯାଇ ଏଥିନେଇ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା । ମାତ୍ର କୌଣସି ସୁଫଳ ନମିଳିବାରୁ ଶୁକ୍ରବାର ବିଜୟ ଶଙ୍କର ମହାନ୍ତି, ବିଜୟ କୁମାର ସ୍ୱାଇଁ, ମନୋଜ କୁମାର ନାୟକ, ପ୍ରଶାନ୍ତ କୁମାର ସାହୁ, ଜଗବନ୍ଧୁ ଦାସ, ସୁବାସ କାଣ୍ଡି, ବଦ୍ରୀନାରାୟଣ ରାଉତ, ମାଳଦା ସରପ ପ୍ରତିନିଧି ପ୍ରତ୍ୟୁଷ ସାମଲ, ସରସଦା ସରପ ପ୍ରତିନିଧି ରାମଚନ୍ଦ୍ର ସେନାପତି, ରହଣିଆ ସରପ ପ୍ରତିନିଧି ବିରେନ୍ଦ୍ର ନାୟକ ପ୍ରମୁଖ ସରପ ମାନେ ଧାରଣା ଦେଇଥିଲେ । ଆଗାମୀ ସାତ ଦିନ ମଧ୍ୟରେ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ବିଡିଓ ଦେବା ପରେ ଧାରଣା ସ୍ଥଗିତ ରଖାଯାଇଛି । ଫଟୋ-ସରପ ଙ୍କ ଧାରଣା ।

# ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଏଲଆରସି ଓ ଏଲଇସି ପ୍ରଦାନରେ ବିଳମ୍ବକୁ ବସ୍ତିବାସିନ୍ଧା ସଂଘର ନିନ୍ଦା

ବାରିପଦା,୧୯।୯ (ନି.ପ୍ର): ବାରିପଦା ବସ୍ତିବାସିନ୍ଦା ସଂଘର ପାଲବଣି କାର୍ଯ୍ୟାଳୟ ପରିସରରେ ଆଜି ସଂଘର ସଭାପତି ନନ୍ଦ କୁମାର ମାହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ଓଡ଼ିଶା ସରକାରଙ୍କ ଅଧିନିୟମ ଅନୁସାରେ ସହରର ଭୂମିହୀନ ବସ୍ତିବାସିନ୍ଦାଜମି ଅଧିକାର ପ୍ରମାଣ ପତ୍ର(ଏଲଆରସି) ଓ ଜମି ଅଧିକାର ଯୋଗ୍ୟ ପ୍ରମାଣପତ୍ର(ଏଲଇସି) ପ୍ରଦାନ କ୍ଷେତ୍ରରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନର ବିଳମ୍ବ ଉପରେ ଆଲୋଚନା କରାଯାଇ କ୍ଷୋଭ ପ୍ରକାଶ କରାଯିବା ସହ ଏହାକୁ ନିନ୍ଦା କରାଯାଇଥିଲା । ସେହିପରି ବାରିପଦା ପୌରପରିଷଦରେ ଅନେକ ଦିନ ପୂର୍ବରୁ ମାତ୍ର ୧୪ ଶହ ଏଲଆରସି ବଣ୍ଟନ କରାଯାଇଥିବା ବେଳେ ୬ ଶହ ପ୍ରସ୍ତୁତ କରାଯାଇ ପଡ଼ି ରହିଛି । ଏହାପରେ ପୁଣି ଏଲଇସି ପ୍ରଦାନ ନିମନ୍ତେ ପଦକ୍ଷେପ ନିଆଯାଇ ୨ ହଜାର ଏଲଇସି ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଯାଇଥିବାର ଜଣାପଡ଼ିଛି । ପ୍ରସ୍ତୁତ ହୋଇ ପଡ଼ି ରହିଥିବା ଏଲଆରସି ଓ ଏଲଇସିକୁ ଅବିଳମ୍ବେ ପ୍ରଦାନ କରାଯିବା ନିମନ୍ତେ ସଂଘ ପକ୍ଷରୁ ଦାବି କରାଯାଇଛି । ଅଦ୍ୟାବଧି ପୌରପରିଷଦର ବିଭିନ୍ନ ବସ୍ତିଗୁଡ଼ିକରେ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ । ବାଦ ପଡ଼ିଯାଇଥିବା ସମସ୍ତ ଯୋଗ୍ୟ ବସ୍ତିବାସିନ୍ଦାମାନଙ୍କୁ ସେମାନଙ୍କ ଜମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯିବା ନିମନ୍ତେ ଦାବି କରାଯାଇଛି । ଏଥି ସହିତ ପୌରପରିଷଦରେ ରହିଥିବା ବସ୍ତିଗୁଡ଼ିକରେ ପ୍ରାୟ ୧୭ ହଜାରରୁ ଅଧିକ ପରିବାର ରେଳବାଇ ଜମି, ନାଳ, ନଦୀପଠା ଆଦିରେ ବସବାସ କରୁଥିବା ସମୟରେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଉଚ୍ଛେଦ କରାଯାଉଛି । କିନ୍ତୁ ପ୍ରଥମେ ଥଇଥାନ ପରେ ଉଚ୍ଛେଦ କରାଇବାକୁ ସଂଘ ପକ୍ଷରୁ ଦାବି କରାଯାଇଛି । ପୁଣି ଆବଶ୍ୟକ ଜମି ଅଭାବରେ ପ୍ରଧାନମନ୍ତ୍ରୀ ବାସ ଗୃହ ଯୋଜନାରେ ପକ୍କାଗୃହ ମିଳିବାରେ ବାଧକ ସାଜିଛି । ଏକ୍ଷେତ୍ରରେ ଜମି ଅନୁସାରେ ପକ୍କାଗୃହ ନିର୍ମାଣ ନିମନ୍ତେ ଅର୍ଥ ଯୋଗାଇ ଦେବାକୁ ଦାବି କରିଛନ୍ତି । ଏଣୁ ପୌରାଞ୍ଚଳ ଭୂମିହୀନ ବସ୍ତିବାସିନ୍ଦାମାନଙ୍କର ଦାବି ସମୂହର ଆଶୁ ସମାଧାନ କରାନଗଲେ ସଂଘ ପୁର୍ନବାର ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ ହେବ ବୋଲି ଚେତାବନୀ ଦେଇଛନ୍ତି । ଆଜିର ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ରବି ଗୋସ୍ୱାମୀ, ସମ୍ପାଦକ କାହ୍ନୁ ଚରଣ ବେହେରା, କୋଷାଧକ୍ଷ ପୁରସ୍ତମ ପାତ୍ର, ଅମଳ ଦେ, ସାରଥୀ ମହାନ୍ତ, ଶାନ୍ତିଲତା ଜେନା, ରୀନା ଭଞ୍ଜଦେଓ, ସୁବାସିନୀ ବିନ୍ଧାଣି, ପ୍ରଫୁଲ୍ଲ ମହାନ୍ତି, ସ୍ନେହଲତା ମହାନ୍ତି, ବାସନ୍ତୀ ଦେହୁରୀ, ମହେଶ୍ୱର ବେହେରା, ସେକ୍ ରାଜୁ, ଝରଣା ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ ।

## ନିମ୍ନମାନର କାର୍ଯ୍ୟ ବର୍ଷାରେ ଧୋଇହୋଇଗଲା ପୋଲ ସହ ରାସ୍ତା, ଏକର ଏକର ଚାଷ ଜମି ନଷ୍ଟ

### ଚିତ୍ରକୋଣ୍ଡା ବିଧାୟକ ଖଇରପୁଟ ବ୍ଲକ ଉନୟନ୍ନ କାମର କଲେ ସମୀକ୍ଷା

ହରିଚନ୍ଦନପୁର,୧୯।୯ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଚକ୍ରଧରପୁର ଗ୍ରାମରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଦ୍ୱାରା ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ନିର୍ମିତ ରାସ୍ତା ସହ ପୋଲ ଧୋଇ ହୋଇଗଲା, ଏକର ଏକର ଚାଷ ଜମି ନଷ୍ଟ । ଖବର ଅନୁଯାୟୀ ଚକ୍ରଧରପୁର ଠାରୁ ପାରାଭାଡି ସାହିକୁ ପୂର୍ବରୁ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୫ଲକ୍ଷ ଟଙ୍କାର ଅନୁଦାନ ପରେ ଓଡ଼ିଶା ଖଣିଜ ବିଓରିଙ୍ଗ ଏରିଆ ଡେଭଲପମେଂଟ କର୍ପୋରେସନ ତରଫରୁ ୯୧ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି । ଏତେ ଟଙ୍କା ପ୍ରଦାନ ହୋଇଥିବା ବେଳେ ଏହି ରାସ୍ତା ସହ ରାସ୍ତାର ମଧ୍ୟଭାଗରେ ଥିବା ନଳର ପୋଲ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଗ୍ରାମବାସୀଙ୍କ ଅଭିଯୋଗ ରହିଥିଲା । ୩ଟି ଗ୍ରାମ ତଥା କାଳିମାଟି, ଦୁଧିଆନାଳି, ଚକ୍ରଧରପୁର ଗ୍ରାମ ନିକଟରେ ଥିବା ସମସ୍ତ ଜମିର ପାଣି ଏହି ନାଳରେ ଆସୁଥିବା ବେଳେ ପୋଲ ନିର୍ମାଣରେ ଅନିୟମିତତା । ଏହାକୁ ବିରୋଧ କରି ଗ୍ରାମବାସୀ ବିଭାଗୀୟ କନିଷ୍ଠଯନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ । ହେଲେ ଠିକାଦାର ସହ ସଲାସୁତୁରା ହୋଇ ଲୋକମାନଙ୍କ ଅଭିଯୋଗକୁ କର୍ଣ୍ଣପାତ କରିନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଲୋକମାନଙ୍କ ଅଭିଯୋଗକୁ କର୍ଣ୍ଣପାତ ନକରିବା କାରଣରୁ ବର୍ଷା ପାଣିରେ ପୋଲ ନିକଟରେ ଥିବା ଜତିନ୍ଦ୍ର ନାଏକ, ପଟିଆ ନାଏକ, ଗୋପି ନାଏକ, ରଥିଆ ନାଏକ ଭଳି ଅନେକଙ୍କ ଚାଷ ଜମିର ଫସଲ ନଷ୍ଟ ସହ ରାସ୍ତାର ମାଟି ଜମି ମଧ୍ୟକୁ ଚଢିଯାଇଛି । ଏଥିସହ ପୋଲ ନିର୍ମାଣରେ ଲୁହାଛଡ଼ ନଦେଇ କେବଳ ମେଂଟାଲ, ବାଲି ଓ ଅଳ୍ପ ପରିମାଣର ସିମେଂଟ ଭାଗ ଦେଇ ପୋଲଟି ନିର୍ମାଣ କରାଯାଇଥିବା ନେଇ ପୋଲଟିର ୱାଲ ଗୁଡ଼ିକ ଫାଟିବା ଆରମ୍ଭ କଲାଣି । ତେଣୁ ବେଳ ଥାଉ ଥାଉ ସଠିକ୍ ତଦନ୍ତ କରି ଠିକ୍ ଭାବରେ ପୋଲ ସହ ରାସ୍ତା ନିର୍ମାଣ କାର୍ଯ୍ୟ ନକରାଇଲେ ଆଗାମୀ ଦିନରେ

# ୬ ମାସ ହେଲା ଖୋଲୁନି ଓସେପାର ଅନଲାଇନ୍ ସାଇଟ୍

ଧର୍ମଶାଳା,୧୯।୯ (ନି.ପ୍ର): ୬ମାସ ହେଲା ଖୋଲୁ ନାହିଁ ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା)ର ଅନଲାଇନ୍ ସାଇଟ୍ । ଫଳରେ ଘରୋଇ ସ୍କୁଲ କର୍ତୃପକ୍ଷ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଗତ ମାର୍ଚ୍ଚ ମାସ ଲକ୍ ଡାଉନ୍ ପରଠାରୁ ଶିକ୍ଷା ବିଭାଗର ବିଭିନ୍ନ ଆବେଦନ ପୋର୍ଟାଲ୍ ବନ୍ଦ ହୋଇଯାଇଛି । ସେପ୍ଟେମ୍ବର ମାସ ଅଧା ହେଲାଣି ତଥାପି ସାଇଟ୍ ଖୋଲୁନି । ଫଳରେ ସ୍କୁଲ କର୍ତୃପକ୍ଷ ଏବେ ଅଭିଭାବକମାନଙ୍କ ରୋଷର ଶୀକାର ହେବାକୁ ବସିଲେଣି । ଶିକ୍ଷା ବିଭାଗ ଉପରେ ଆଶା ଓ ବିଶ୍ୱାସ ରଖି ଚଳିତ ଶିକ୍ଷା ବର୍ଷ ନିମନ୍ତେ ଗତ ମାର୍ଚ୍ଚ ମାସରୁ ନାମଲେଖା ସାରିଥିଲେ ମଧ ଏପର୍ଯ୍ୟନ୍ତ ସ୍କୁଲଗୁଡିକ ଚଳାଇବା କ୍ଷେତ୍ରରେ ଆବେଦନ କରିବାରୁ ବ ିତ ହୋଇଛନ୍ତି । ଅନଲାଇନ୍ ପୋର୍ଟାଲ ଖୋଲୁ ନଥିବାରୁ ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କୁ ନାନା କୈଫତ୍ ଦେବାକୁ ପଡୁଛି । ଲକ୍ ଡାଉନ୍ ପାଇଁ ସାଇଟ୍ ବନ୍ଦ ଥିବା ଭାବି ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ମଧ ଓସେପାର ଆବେଦନ ପୋର୍ଟାଲ୍‌ଟି ଏପର୍ଯ୍ୟନ୍ତ ଖୋଲୁ ନାହିଁ । ଏପଟେ ସ୍କୁଲ କର୍ତୃପକ୍ଷ ପିଲାଙ୍କ ନାମ ଲେଖାଇ ଦେଇଥିବା ବେଳେ ସ୍କୁଲ ଅନୁମତି ପାଇଁ ଆବେଦନ ହୋଇ ପାରିନାହିଁ । ବର୍ତମାନ ସ୍କୁଲରେ ପାଠପଢା ବନ୍ଦ ରହିଥିବା ବେଳେ ଅନଲାଇନ୍‌ରେ ଶିକ୍ଷା କାର୍ଯ୍ୟକ୍ରମ ଜାରି ରହିଛି । ଅପରପକ୍ଷେ ନୂଆ ସ୍କୁଲ ଖୋଲିବା ପାଇଁ ଆବେଦନ ପକ୍ରିୟା ଉପରେ ସରକାର କୌଣସି ସ୍ପଷ୍ଟୀକରଣ ରଖୁ ନଥିବାରୁ କର୍ତୃପକ୍ଷଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ସୂଚନା ଥାଉକି,ନୂଆ ଘରୋଇ ସ୍କୁଲ ଖୋଲିବା କ୍ଷେତ୍ରରେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୨୦୧୭-୧୮ ମସିହାରୁ ନୂଆ ଆଇନ ଜାରି କରାଯାଇଛି । ବିଭାଗର ପତ୍ର ସଂଖ୍ୟା-୨୯୫୬/ ୨୧.୨.୧୭ ଅନୁଯାୟୀ,ନୂଆ ସ୍କୁଲ ଖୋଲିବାକୁ ଥିବା କ ୂପକ୍ଷ ସରକାରଙ୍କ ଓସେପା ପୋର୍ଟାଲରେ ଅନଲାଇନ୍ ଜରିଆରେ ପ୍ରଥମେ ପ୍ରମାଣପତ୍ର ପାଇଁ ଆବେଦନ କରିବେ । ଏହାପରେ ଜିଲ୍ଲା ଶିକ୍ଷାଧିକାରୀ ସମ୍ପୃକ୍ତ ସ୍କୁଲର ଆବଶ୍ୟକ ଭି ିଭୂମି ଯା କରିବା ପରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଏ ସମ୍ପର୍କରେ ସୁପାରିଶ କରିବେ । ନିର୍ଦ୍ଦେଶକ ଏଥିରେ ସନ୍ତୁଷ୍ଟି ପ୍ରକାଶ କରିବା ପରେ ଉକ୍ତ ସ୍କୁଲକୁ ୫ ବର୍ଷ ପାଇଁ ପ୍ରମାଣପତ୍ର ପ୍ରଦାନ କରିବା ପାଇଁ ଜିଲ୍ଲା ଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେବେ । ପ୍ରତି ୫ ବର୍ଷରେ ଥରେ ଏହା ପୁର୍ନବାର ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରା ତଦନ୍ତ କରାଯାଇ ପୁନଃ ପ୍ରମାଣପତ୍ର ଯୋଗାଇ ଦିଆଯିବ । ପ୍ରଥମରୁ ୬ଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ନୂଆ ଘରୋଇ ସ୍କୁଲ ଖୋଲିବା କ୍ଷେତ୍ରରେ ଏହି ନୂଆ ନିୟମ ଜାରି କରାଯାଇଛି । ଏହି କ୍ରମରେ ଚଳିତ ଶିକ୍ଷା ବର୍ଷରେ ଖୋଲିବାକୁ ଥିବା ନୂଆ ସ୍କୁଲଗୁଡିକ ଅନଲାଇନ୍ ଆବେଦନରୁ ବ ିତ ହୋଇଛନ୍ତି । ପ୍ରତ୍ୟେକ ଦିନ ସ୍କୁଲ୍ କ ୂପକ୍ଷ ଉକ୍ତ ସାଇଟ୍‌କୁ ଯାଇ ଲଗିନ୍ କରୁଥିଲେ ମଧ କୌଣସି ସୁଫଳ ମିଳୁନାହିଁ । ଗତ ୬ମାସ ହେଲା ଏଭଳି ସମସ୍ୟା ଜାରି ରହିଛି । ଏବେ ସବୁଠି ଛତୁ ଫୁଟିଲା ପରି ଘରୋଇ ସ୍କୁଲ ଖୋଲିବାରେ ଲାଗିଛି । ସ୍କୁଲ ଅନୁମତି ଥାଉ କି ନଥାଉ । କର୍ତୃପକ୍ଷ ସ୍କୁଲ ଖୋଲିବାରେ ବ୍ୟସ୍ତ । ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ନିଜ ନିଜ ସ୍କୁଲ ମାନଙ୍କୁ ଆକୃଷ୍ଟ କରାଯାଉଛି । ଧର୍ମଶାଳା ବ୍ଲକରେ କେତେକ ସ୍କୁଲ ଶିକ୍ଷା ବିଭାଗର ବିନା ଅନୁମତି ଓ ପ୍ରମାଣପତ୍ରରେ ବର୍ଷ ବର୍ଷ ଧରି ଚାଲୁଥିବା ଅଭିଯୋଗ ଉଠିଛି । ଫଳରେ ଅନେକ ସମୟରେ ଅଭିଭାବକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥିପ୍ରତି ଶିକ୍ଷା ବିଭାଗ ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସ ଅବସରରେ ବସ୍ତିରେ ଫଳ ବଂଟନ



ପୁରୀ,୧୮/୯-ଆମର ପ୍ରିୟ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ଜୀ ଙ୍କ ଜନ୍ମଦିନ କୁ ପାଳନ କରାଯାଉଥିବା ସେବା ସପ୍ତାହ ରେ ଆଜି ପୁରୀ ବିଧାନ ସଭା କ୍ଷେତ୍ର ଅନ୍ତର୍ଗତ ଓାର୍ଡ ୩୧ ରେ ଜିଲା ସଭାନେତ୍ରୀ ଜ୍ୟୋତି ମହାପାତ୍ର ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଙ୍କ ନେତୃତ୍ୱରେ ଫଳ ବଂଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମନସ୍ୱନୀ ଦାଶ, ଜୟନ୍ତୀ ପଟ୍ଟନାୟକ, ବାସନ୍ତୀ ବାରିକ, କୁମାରୀ ସାହୁ, ମନୋରମା ନନ୍ଦ, ଆରତୀ ମିଶ୍ର, ରାନୁ ମହାନ୍ତି, ରଘୁନାଥ ଗୋଛିକାର, ହେମନ୍ତ ମହାନ୍ତି, ନେତ୍ରା ବିଶୋଇ, ବିଶ୍ୱନାରାୟଣ ଦାସ, ରାଜେଶ ସାହୁ ସହଯୋଗ କରିଥିଲେ ।

# ଚନ୍ଦ୍ରପୁର ସଦର ପଶୁଡାକ୍ତଖାନାକୁ କେବେ ହସ୍ତାନ୍ତର କରାଯିବ

### ଅଞ୍ଚଳରେ ଗାଈଗୋରୁଙ୍କ ଅବସ୍ଥା ଗୁରୁତର

ଗୁଣୁପୁର,୧୯।୯ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣୁପୁର ଉପଖଣ୍ଡ ଚନ୍ଦ୍ରପୁର ବ୍ଲକ ସଦର ମହକୁମାରେ ନିର୍ମିତ ପଶୁଡାକ୍ତରଖାନା କାମ ଅଧାପନ୍ତରିଆ ହୋଇ ପଡିରହିଛି । ଏହି ପଶୁଡାକ୍ତରଖାନା ନିର୍ମାଣ ନିମନ୍ତେ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମିତ ହୋଇଥିଲା । ପ୍ରାୟ କୋଠାର ସମସ୍ତ କାର୍ଯ୍ୟ ସରିଥିବା ବେଳେ କେବଳ ଚୂନ ଦିଆ କାମଟି ବାକି ରହିଛି । ଆଜକୁ ପ୍ରାୟ ୮/୯ ମାସ ହେବ ଚୁନମାରି ଘରକୁ ହସ୍ତାନ୍ତର କରୁନାହାନ୍ତି ବିଭାଗୀୟ ଅଧିକାରୀ । ଯଦ୍ୱାରା ଚନ୍ଦ୍ରପୁର ଅଞ୍ଚଳର ଗାଇ, ଗୋରୁ, ଛେଳି ଓ ମହିଂଶିମାନଙ୍କୁ ବିଭିନ୍ନ ପ୍ରକାର ରୋଗ ହେଲେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଏହି ବିଷୟରେ ସ୍ଥାନୀୟ ପଶୁଡାକ୍ତର ଶଙ୍କର ହିଆଲଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଔଷଧ ରଖିବା ପାଇଁ ଯାଗା ନାହିଁ କିମ୍ବା ରହିବା ପାଇଁ ଯାଗା ନାହିଁ । ଔଷଧ ପତ୍ର ଯାହା ଆସିଲେ ପୁରୁଣା ଘରେ ରଖିଛନ୍ତି । ତାହାମଧ ଯଦି ବର୍ଷା ହୁଏ ତେବେ ପାଣି ରୁମ୍ ମଧରେ ଗଳୁଚି । ଏବଂ ଏହି ସମ୍ବନ୍ଧରେ ସେ ଉପରିସ୍ତ ଅଧିକାରୀଙ୍କୁ ଜଣାଇ ଦେଇଥିବା କହିଛନ୍ତି । ଯଦି ଏଠାରେ ପଶୁ ଡାକ୍ତର ଖାନା ଥାଇ ଲୋକ ମାନଙ୍କ କାର୍ଯ୍ୟରେ ଆସୁନାହି ତେବେ କାହା ପାଇଁ ଡାକ୍ତର ଖାନା ନିର୍ମାଣ କରାଯାଇଥିବା ଜନ ସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏହାକୁ ଦୃଷ୍ଟି ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନେଇ କାର୍ଯ୍ୟକାରୀ କରିବା ନିମନ୍ତେ ଜନସାଧାରଣ ଦାବି କରିଛନ୍ତି ।

## ଚିତ୍ରକୋଣ୍ଡା ବିଧାୟକଙ୍କ ଖଇରପୁଟ ବ୍ଲକ ଗସ୍ତ

ମାଲକାନଗିରି,୧୯।୯ (ନି.ପ୍ର): ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ବାକା ଖଇରପୁଟ ବ୍ଲକ ଗ୍ରସ୍ତରେ ଯାଇ ପ୍ରଥମେ ଗୋଷ୍ଠୀ ଉନୟନ୍ନ ଅଧିକାରୀ, ବଣ୍ଡା ଓ ଡିଡାଇ ଜନଜାତି ଉନୟନ୍ନ ଅଧିକରୀଙ୍କ ସହ ଆଲୋଚନା କରି କରୋନା ମହାମାରୀ ସମୟରେ ଲୋକମାନେ ଯେପରି ଏମ ଜି ଏନ ଆର ଜି ଏସ କାମରୁ ବଂଚିତ ନ ହେବେ ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେବାସହ ସମସ୍ତେ ଯେପରି କାମ ପାଇବେ ସେ ଦିଗରେ ଗୁରୁତ୍ୱ ଦେବାକୁ କହିଥିଲେ ।ଏଥିସହ ବ୍ଲକରେ ଚାଲିଥିବା ବିଭିନ୍ନ ଉନୟନ୍ନ କାମର ସମୀକ୍ଷା କରିଥିଲେ ।ପରେ ମୁଣ୍ଡାଗୁଡ଼ା ଠାରେ ଅନୁଷ୍ଠିତ ଦଳୀୟ କର୍ମୀ ସମ୍ମିଳନୀ ରେ ଯୋଗଦେଇଥିଲେ ।ବ୍ଲକ ବିଧାୟକ ପ୍ରତିନିଧି ଭାବେ ହରମୋହନ ରାଜୁଙ୍କୁ ସର୍ବ ସମ୍ମତି କ୍ରମେ ଚୟନ କରାଯାଇଥିଲା ।ଏହି କର୍ମୀ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ଖଇରପୁଟ ବ୍ଲକ ଅଧ୍ୟକ୍ଷା କୁମୁଦୁଣୀ କ୍ରିସାନି , ଯୁବନେତା ମହେଶ ବାକା, ସାଧୁ ହନ୍ତାଳ, ବଧୁ ମୁଦୁଲି, ଜଗନ୍ନାଥ ମାଝୀ ଓ ବିଘ୍ନ କ୍ରିସାନିପ୍ରମୁଖ ଉପସ୍ଥିତ ଥିଲେ ।କର୍ମୀ ସମ୍ମିଳନୀ ସରିବା ପରେ ବିଧାୟକ ଶ୍ରୀ ବାକା ଗାଁ କୁ ଯାଇ ଲୋକଙ୍କୁ ମାସ୍କ ବଂଟନ କରିବା ସହ କରୋନା ଠାରୁ କିପରି ଦୁରେଇ ରହିବା ସେ ସମ୍ପର୍କରେ ସଚେତନ କରାଇଥିଲେ ।

## ସିଏସଆଇର ୨୫ତମ ବାର୍ଷିକ ସମ୍ମିଳନୀ

# ଚିକିତ୍ସା ସେବା ଏକ ଉଚ୍ଚତର ଆଧ୍ୟାତ୍ମିକ ସେବା : ରାଜ୍ୟପାଳ

ଭୁବନେଶ୍ୱର,୧୯।୯ (ନି.ପ୍ର): ମଣିଷର ଶରୀର କୋଟି କୋଟି କୋଷରେ ନିର୍ମିତ ଏକ ସୁସଂହତ ସୃଷ୍ଟି । ଏହାର ଆକଳନ ଓ ଅଧ୍ୟୟନ ସହଜ ବ୍ୟାପାର ନୁହେଁ । ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଏହା ଅନ୍ନମୟ କୋଷ ପ୍ରାଣମୟ କୋଷ, ଜ୍ଞାନମୟ କୋଷ, ମନମୟ କୋଷ ଓ ଆନନ୍ଦମୟ କୋଷ ଭାବରେ ବିଭକ୍ତ । ମଣିଷ ଆନନ୍ଦରୁ ଆସିଛି, ଆନନ୍ଦରେ ରହିବ ଏବଂ ପୁଣି ଆନନ୍ଦକୁ ଫେରିଯିବ । କିନ୍ତୁ ଏଥିରେ ବିକୃତି ବେଳେବେଳେ ଦେଖାଦିଏ । ତା'ର ଅନ୍ୟାନ୍ୟ କାରଣ ମଧ୍ୟରେ ଖାଦ୍ୟ, ଚିନ୍ତା ଓ ଆବେଗ ପରିଚାଳନାରେ ତ୍ରୁଟି ଉଲ୍ଲେଖନୀୟ । ଦେହରୂପକ ମନ୍ଦିରରେ ପୂଜକ ଭଳି ପ୍ରବେଶ କରିପାରନ୍ତି ଡାକ୍ତରମାନେ ଏବଂ ଚିକିତ୍ସା ସେବା ଏକ ଉଚ୍ଚତର ଅଧ୍ୟାତ୍ମ ସେବା ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି । ରାଜଭବନରୁ କାର୍ଡିଓଲୋଜିକାଲ୍ ସୋସାଇଟି ଅଫ୍ ଇଣ୍ଡିଆ, ଓଡ଼ିଶା ଚାପ୍ଟରର ୨୫ତମ ବାର୍ଷିକ ସମ୍ମିଳନୀକୁ ଉଦ୍‌ଘାଟନ କରି ରାଜ୍ୟପାଳ ପ୍ରଫେସର ଲାଲ୍ କହିଲେ ଯେ ରୋଗୀ ଓ ଡାକ୍ତରଙ୍କ ମଧ୍ୟ ଏକାତ୍ମ ଭାବ ସୃଷ୍ଟି ନହେଲେ ଚିକିତ୍ସା ସଫଳ ହୁଏ ନାହିଁ । ଡାକ୍ତରମାନେ ରୋଗୀସେବାକୁ ବୃତି ନୁହେଁ: ଏକ ମହାନ ବ୍ରତ ଭାବରେ ଗ୍ରହଣ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ । ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ଚାପ୍ଟରର ଅଧ୍ୟକ୍ଷ ଡଃ. ଆର୍.ଏସ୍. ଏନ୍. ମୂର୍ତ୍ତି, ସାଇଂଟିଫିକ୍ କମିଟିର ଅଧ୍ୟକ୍ଷ ଡଃ. ପି.କେ. ସାହୁ, ଆୟୋଜନ କମିଟିର ସଂପାଦକ ଡଃ. ଏସ୍.ଏନ୍. ରାଉତରାୟ, ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଡଃ. ଏସ୍.ଏସ୍. ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଓଡ଼ିଶା ଚାପ୍ଟରର ସଂପାଦକ ଡଃ. ବି.ଆର୍. ମିଶ୍ର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ଉତ୍ସବରେ ରାଜ୍ୟପାଳଙ୍କ ସଚିବ ଡଃ. ପି.କେ. ମେହେର୍ଦ୍ଦା ଉପସ୍ଥିତ ଥିଲେ ।

# କୃଷି ବିଲ୍‌କୁ ରାଜ୍ୟ ସଭାରେ ବିରୋଧ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟିର ଚିଠି

ଭୁବନେଶ୍ୱର,୧୯।୯ (ନି.ପ୍ର): କେନ୍ଦ୍ର ସରକାର କୃଷିର ଉନ୍ନତି ଓ କୃଷକର ଆୟକୁ ଦ୍ୱିଗୁଣ କରିବା ନାଁରେ ଭାରତ ବର୍ଷର କୃଷି ବ୍ୟବସ୍ଥାକୁ ସବୁଦିନ ପାଇଁ କର୍ପୋରେଟ୍ ଜଗତ ହାତରେ ଟେକିଦେବାର ମସୁଧା କରି ଲୋକସଭାରେ ତିନୋଟି ବିଧେୟକ ଆଗତ କରିଥିଲେ । କୃଷି ଉତ୍ପାଦନ ବ୍ୟାପାର ଏବଂ ବାଣିଜ୍ୟ (ବିକ୍ରି ବୃଦ୍ଧି ଏବଂ ସୁବିଧା) ବିଧେୟକ ୨୦୨୦ (୨) କୃଷକ (ସୁରକ୍ଷା ଓ ସଶକ୍ତିକରଣ), ବୁଝାମଣା ମୂଲ୍ୟ ଆଶ୍ୱସନା ଏବଂ କୃଷି ସେବା ବିଧେୟକ ୨୦୨୦ (୩) ଅତ୍ୟାବଶ୍ୟକୀୟ ବସ୍ତୁ ସଂଶୋଧନ ବିଲ୍, ଯାହାକି ଏନ୍.ଡି.ଏ. ସରକାର ପାଶବିକ ସଂଖ୍ୟାଗରିଷ୍ଠତାକୁ ଲୋକସଭାରେ ଭିତିକରି ଅତି ସହଜରେ ପାରିତ କରିପାରିଛି । ଏହି ତିନିଗୋଟି ବିଧେୟକ ଆସନ୍ତା ରବିବାର ଦିନ ରାଜ୍ୟସଭାରେ ପାରିତ ହେବାର ସମ୍ଭାବନା ରହିଛି । ଏହି କୃଷକ ବିରୋଧି ଅଗଣତାନ୍ତ୍ରିକ କୃଷି ବିଧେୟକକୁ ବିରୋଧ କରି ସମସ୍ତ ବିରୋଧି ଦଳ ଏକ ହୋଇ ଏହାକୁ ବିରୋଧ କରିବାର ସମ୍ଭାବନା ରହିଛି । ଏଭଳିକି ୩୦ ବର୍ଷ ଧରି ଏନ୍‌ଡିଏର ପ୍ରତିଷ୍ଠାତା ସଦସ୍ୟ ଥିବା ଅକାଳୀ ଦଳର ଏକମାତ୍ର କ୍ୟାବିନେଟ୍ ମନ୍ତ୍ରୀ ହରସିମରତ କାଉର ବାଦଲ ମଧ୍ୟ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଇଛନ୍ତି । ଏହି କୃଷି ବିଧେୟକ ଯଦି ରାଜ୍ୟସଭାରେ ପାରିତ ହୋଇଯାଏ ତାହେଲେ ଦେଶର କୃଷି ଓ କୃଷକମାନଙ୍କ ଭାଗ୍ୟକୁ କର୍ପୋରେଟ୍ ଜଗତ ନିୟନ୍ତ୍ରଣ କରିବାର ଯଥେଷ୍ଟ ସମ୍ଭାବନା ଅଛି । କେବଳ କୃଷକମାନେ ତ ନ୍ୟାୟ ପାଇବାରୁ ବଂଚିତ ହେବେ, ତା' ନୁହେଁ ଦେଶର ୧୩୦କୋଟି ଖାଉଟି ମଧ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀକୁ କଳା ବଜାର ଓ ମୁନାଫାଖୋରୀଙ୍କଠାରୁ ଅଧିକ ଦାମ୍‌ରେ କିଣିବାକୁ ବାଧ ହେବେ । କୃଷକଙ୍କୁ ଲାଭ ଦେବା ନାଁରେ ସରକାର ଏହି ବିଲ୍ ଜରୀଆରେ ସର୍ବନିମ୍ନ ସହାୟକ ମୂଲ୍ୟକୁ ମଧ୍ୟ ଉଚ୍ଛେଦ କରିବାର ଯୋଜନା କରିଛନ୍ତି । ଫଳରେ ଯେଉଁ ସର୍ବନିମ୍ନ ସହାୟତା ଚାଷୀ ପାଇପାରୁଛି, ସେତେକ ମଧ୍ୟ ଅବିଳମ୍ବେ ଖତମ୍ ହୋଇଯିବ । ତେଣୁ କୃଷକମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସଭାପତି ତାଙ୍କ ଦଳୀୟ ସାଂସଦମାନଙ୍କୁ ରାଜ୍ୟସଭାରେ ଏହି ବିଲ୍‌କୁ ବିରୋଧ କରିବାକୁ ସମାଜବାଦୀ ପାର୍ଟି ଅନୁରୋଧ କରୁଛି । ପାର୍ଟିର ରାଜ୍ୟସଭାପତି ରବି ବେହେରା ଆଜି ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖିଛନ୍ତି । ଏହି ଚିଠିରେ ସେ ଦର୍ଶାଇଛନ୍ତି ଯେ, ନବୀନ ବାବୁ ସବୁବେଳେ 'ମୋ ସରକାର ଚାଷୀଙ୍କ ପାଇଁ ସମର୍ପିତ' ବୋଲି କହିଆସିଛନ୍ତି । ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ତାଙ୍କ ନେତୃତ୍ୱାଧିନ ସରକାର ସ୍ୱତନ୍ତ୍ର କୃଷି କ୍ୟାବିନେଟ୍ ଗଠନ କରିବା ଭଳି ଐତିହାସିକ ପଦକ୍ଷେପ ମଧ୍ୟ ନେଇଛନ୍ତି । ସେହିଭଳି କୃଷି ଓ କୃଷକମାନଙ୍କର ସଶକ୍ତିକରଣ ପାଇଁ ଜଳସେଚନ ଓ କୃଷିକୁ ଓଡ଼ିଶା ସରକାର ତାଙ୍କ ବଜେଟ୍‌ରେ ସର୍ବାଧିକ ଅର୍ଥପ୍ରଦାନ କରିଛନ୍ତି । କୃଷକମାନଙ୍କୁ ତତ୍କାଳ ଆର୍ଥିକ ଫାଇଦା ଦେବାପାଇଁ ସରକାର 'କାଳିଆ ଯୋଜନା' ମଧ୍ୟ ପ୍ରଚଳନ କରିଛନ୍ତି । ଭୂମିହୀନ କୃଷକ ଏବଂ ଭାଗଚାଷୀମାନଙ୍କୁ ଋଣ ଯୋଗାଇ ଦେବାପାଇଁ ଓଡ଼ିଶା ସରକାର 'ବଳରାମ ଯୋଜନା' ମଧ୍ୟ କାର୍ଯ୍ୟକାରୀ କରୁଛନ୍ତି । ତେଣୁ ରାଜ୍ୟର କୃଷକମାନଙ୍କର ସ୍ୱାର୍ଥ ଦୃଷ୍ଟିରୁ ବିଶେଷତଃ କ୍ଷୁଦ୍ର ନାମମାତ୍ର ଚାଷୀ, ଭାଗଚାଷୀ ଏବଂ କୃଷି ଶ୍ରମିକଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଆସନ୍ତାକାଲି ରାଜ୍ୟସଭାରେ ପାରିତ ହେବାକୁ ଥିବା କୃଷି ବିଧେୟକକୁ ବିରୋଧ କରିବା ପାଇଁ ବିଜେଡ଼ି ସାଂସଦମାନଙ୍କୁ ନିର୍ଦ୍ଦେଶ ଦେବାକୁ ଶ୍ରୀ ବେହେରା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଏହି ଚିଠିରେ ଅନୁରୋଧ କରିଛନ୍ତି । ଏଠାରେ ଉଲ୍ଲେଖଥାଉକି, କୃଷି ବିଧେୟକ ଉପରେ ଲୋକସଭା ବିତର୍କରେ ଭାଗନେଇ ବିଜେଡ଼ି ସାଂସଦ ଶ୍ରୀଯୁକ୍ତ ଅନୁଭବ ମହାନ୍ତି ଏହି ବିଧେୟକକୁ 'ସିଲେକ୍ଟ କମିଟି'କୁ ପଠାଇବାର ଦାବି ଉପସ୍ଥାପିତ କରିଛନ୍ତି । ତେଣୁ ଆସନ୍ତାକାଲି ରାଜ୍ୟସଭାରେ ପାରିତ ହେବାକୁ ଥିବା ଏହି ବିଧେୟକକୁ ବିଜେଡ଼ି ବିରୋଧ କରିବା ପାଇଁ ଶ୍ରୀ ବେହେରା ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ୨୪ ଘଂଟାରେ...

ସେହିପରି ୨୧ ତାରିଖ ମଧ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବା ୭ ଟି ଜିଲ୍ଲାକୁ ଅରେଂଜ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ୧୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ,ଜାରି କରିଛି ପାଣିପାଗ ବିଭାଗ । ଅରେଂଜ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକ ହେଲା ମାଲକାନଗିରି, କୋରାପୁଟ, ବାଲେଶ୍ୱର , ମୟୁରଭଂଜ, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡା । ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକ ହେଲା ଜଗତସିଂହପୁର,କଟକ, ପୁରୀ, ଖୋର୍ଦ୍ଧା , କେନ୍ଦୁଝର, ସୁନ୍ଦରଗଡ, ସମ୍ବଲପୁର, ଅନୁଗୁଳ , ଦେବଗଡ ଓ କଳାହାଣ୍ଡି । ୨୨ ତାରିଖ ମଧ୍ୟରେ ୧୦ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଥିବାରୁ ଦେବଗଡ, ସୁନ୍ଦରଗଡ, କେନ୍ଦୁଝର, ସମ୍ବଲପୁର, ଝାରସୁଗୁଡା, ବରଗଡ, ଅନୁଗୁଳ, ନୂଆପଡା, ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲ୍ଲାକୁ ଅରେଂଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହା ବ୍ୟତୀତ କଳାହାଣ୍ଡି, ନବରଙ୍ଗପୁର ଢେଙ୍କାନାଳ, ବୌଦ୍ଧ , ମୟୁରଭଂଜ ,ଯାଜପୁର, କଟକ, ମାଲକାନଗିରି ଓ କୋରାପୁଟ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

### ୨ ବର୍ଷରେ ଚିଲିକା ...

ଆମର ସନ୍ତସନ୍ତିଆ ଅଂଚଳର ସଂରକ୍ଷଣ ଏବଂ ସୁରକ୍ଷା ପାଇଁ ପ୍ରୋତ୍ସାହନ ମଧ୍ୟ ଯୋଗାଇଛି । ପରିବେଶ ପର୍ଯ୍ୟଟନର ଅପାର ସମ୍ଭାବନା ରଖିଥିବା ଅଂଶୁପା ହ୍ରଦ ଏବଂ ଚିଲିକା ହ୍ରଦ ପରିବ୍ରାଜୀ ପକ୍ଷୀମାନଙ୍କର ବାସଗୃହ ଓ ପ୍ରକୃତି ବିଶେଷଜ୍ଞଙ୍କ ପାଇଁ ମନମୋହିଲା ଭଳି ପରିବେଶ ସଦୃଶ । ଏକ ସ୍ଥିର ଭବିଷ୍ୟତ ପାଇଁ ଭାରତ ସରକାର ଏହି 'ଓଡ଼ିଶାର ଅଳଙ୍କାର'ର ସଂରକ୍ଷଣ ଏବଂ ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ । ସେହିପରି ସହରାଂଚଳର ସ୍ଥିର ଭବିଷ୍ୟତ ପାଇଁ ଆବଶ୍ୟକ ହେଉଥିବା ମୂଲ୍ୟବାନ ଇକୋସିଷ୍ଟମ୍ ନିମନ୍ତେ ସନ୍ତସନ୍ତିଆ ଅଂଚଳ ହେଉଛି ଗୁରୁତ୍ୱପୂର୍ଣ୍ଣ । ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ଓଡ଼ିଶା ଭଳି ରାଜ୍ୟରେ ଏହି ସନ୍ତସନ୍ତିଆ ଅଂଚଳ ଆର୍ଥିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରାକୃତିକ ବିପର୍ଯ୍ୟୟରୁ ମଧ୍ୟ ସୁରକ୍ଷା ଯୋଗାଇବା ପାଇଁ ସହାୟକ ହୋଇଥାଏ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

### ହାଇରିସ୍କ ଥିବା ବ୍ୟକ୍ତି ...

ପାଇଁ ଘରେ ସ୍ୱତନ୍ତ୍ର କୋଠରୀ, ବ୍ୟକ୍ତିଗତ ଶୌଚାଳୟ ଓ ଯତ୍ନ ନେବାଲାଗି ପରିବାରର ଲୋକ ନିହାତି ଆବଶ୍ୟକ । ଏହା ବ୍ୟତୀତ ନାକ ବନ୍ଦ ହେବା, କାଶ ହେବା, ଛାତି ଧକଧକ ହେଲେ, ମୁଣ୍ଡବିନ୍ଧା ହେବା, ଧଇଁସଇଁ ଲାଗିଲେ ସ୍ୱାସ୍ଥ୍ୟ ବିଭାଗ ସହିତ ଯୋଗାଯୋଗ କରନ୍ତୁ । କୋଭିଡ ରୋଗୀଙ୍କୁ ହୋମ ଆଇସୋଲେସନରେ ଥିବା ବେଳେ ସ୍ୱତନ୍ତ୍ର କିଟ୍ ଦିଆଯାଉଛି । ଏଥିରେ ଭିଟାମିନ-ବି, ଭିଟାମିନ-ସି, ଭିଟାମିନ-ଡି, ପାରାସିଟାମଲ, ଆଂଟିବାୟୋଟିକ ରହୁଛି । ଏଥିରେ ଏକ ସୂଚନା ଭିତିକ ଚାର୍ଟ ରହୁଛି, ଯାହାକି ରୋଗୀ ଅସୁବିଧା ଅନୁଭବ କଲେ ସ୍ୱାସ୍ଥ୍ୟ ବିଭାଗ ସହିତ ଯୋଗାଯୋଗ କରି ଅଧିକ ପରାମର୍ଶ ନେଇପାରିବେ । ହୋମଆଇସୋଲେସନ ଅବଧି ପୂର୍ଣ୍ଣ ହେବା ପରେ ସ୍ୱାସ୍ଥ୍ୟ ଜନିତ ଉନ୍ନତି ଆସି ନ ଥିଲେ ଆହୁରି କିଛି ଦିନ କୋଭିଡ ଗାଇଡଲାଇନ ପାଳନ କରିବାକୁ ପଡ଼ିବ ବୋଲି ଡା. ପଣ୍ଡା କହିଛନ୍ତି ।

### କରୋନାରୁ ସୁସ୍ଥ ...

ସୁବର୍ଣ୍ଣପୁର ଜିଲ୍ଲାରୁ ୧୧୦ ଜଣ ଓ ଭଦ୍ରକ ଜିଲ୍ଲାରୁ ୧୦୪ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି । ସେହିପରି ସମ୍ବଲପୁର ଜିଲ୍ଲାରୁ ୯୯, ଝାରସୁଗୁଡ଼ା ଜିଲ୍ଲାରୁ ୯୩ ଜଣ, କେନ୍ଦୁଝର ଜିଲ୍ଲାରୁ ୯୨ ଜଣ, ବାଲେଶ୍ୱର ଜିଲ୍ଲାରୁ ୯୧ ଜଣ, ନୟାଗଡ଼ ଜିଲ୍ଲାରୁ ୮୩ ଜଣ, ନୂଆପଡ଼ା ଜିଲ୍ଲାରୁ ୭୮ ଜଣ, ଅନୁଗୁଳ ଜିଲ୍ଲାରୁ ୬୬ ଜଣ, ଗଂଜାମ ଜିଲ୍ଲାରୁ ୫୬ ଜଣ, ଢେଙ୍କାନାଳ ଜିଲ୍ଲାରୁ ୫୦ ଜଣ, କଳାହାଣ୍ଡି, ମାଲକାନଗିରି ଜିଲ୍ଲାରୁ ୪୪ ଜଣ ଲେଖାଏଁ, କନ୍ଧମାଳ ଜିଲ୍ଲାରୁ ୩୮ ଜଣ, ବୌଦ୍ଧ, ଗଜପତି ଜିଲ୍ଲାରୁ ୧୮ ଜଣ ଲେଖାଏଁ, ଦେବଗଡ଼ ଜିଲ୍ଲାରୁ ୧୪ ଜଣ ଓ ଷ୍ଟେଟ ପୁଲରୁ ୨୧୨ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

### ରାଜ୍ୟରେ...

ଝାରସୁଗୁଡା ଜିଲ୍ଲାରେ ୩୦୮୯, କଳାହାଣ୍ଡି ଜିଲ୍ଲାରେ ୨୪୬୪, କନ୍ଧମାଳ ୩୩୮୫, କେନ୍ଦ୍ରାପଡା ଜିଲ୍ଲାରେ ୩୭୫୫, କେନ୍ଦୁଝର ଜିଲ୍ଲାରେ ୩୨୯୩ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୫୩୪୭ , ମାଲକାନଗିରି ଜିଲ୍ଲାରେ ୩୦୫୧, ମୟୁରଭଂଜ ଜିଲ୍ଲାରେ ୬୪୩୬. ନବରଙ୍ଗପୁର ଜିଲ୍ଲାରେ ୨୬୮୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୪୧୨୦, ନୂଆପଡା ଜିଲ୍ଲାରେ ୨୦୨୫ , ପୁରୀ ଜିଲ୍ଲାରେ ୭୯୧୩, ରାୟଗଡା ଜିଲ୍ଲାରେ ୬୬୯୯. ସମ୍ବଲପୁର ଜିଲ୍ଲାରେ ୪୭୩୦. ସୁବର୍ଣପୁର ଜିଲ୍ଲାରେ ୨୩୬୪ ଓ ସୁନ୍ଦରଗଡ ଜିଲ୍ଲାରେ ୬୨୯୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟପୁଲରେ ଆକ୍ରାନ୍ତଙ୍କ ସଂଖ୍ୟା ବଢି ୨୭୩୮ ହୋଇଛି ।

# ଗୁଣୁପୁର ନୂତନ ଉପଜିଲ୍ଲାପାଳଙ୍କ ବିଭିନ୍ନ ଉନ୍ନୟନ ସଂସ୍ଥାକୁ ପରିଦର୍ଶନ



ଗୁଣୁପୁର ,୧୯।୯ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ଉପଖଣ୍ଡରେ ଶ୍ରୀ ସୋନାଲ ଜେନା, ଉପଜିଲ୍ଲପାଳ ଭାବେ ପ୍ରଥମେ କର୍ମରେ ଯୋଗ ଦେଇଛନ୍ତି । ଉପଖଣ୍ଡବାସୀଙ୍କ ତରଫରୁ ସପ୍ତାହେ ପୂର୍ବରୁ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା । ସେ ତାଙ୍କ ପ୍ରଥମ ପରିଦର୍ଶ ରେ ଉପଖଣ୍ଡର ବିଷମକଟକ ଓ ମୁନିଗୁଡା ବ୍ଲକ ପରିଦର୍ଶନ ପାଇଁ ଯାଇଥିଲେ । ବିଷମକଟକ ବ୍ଲକ ଚାଟିକଣା ସ୍ଥିତ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ଦ୍ୱାରା ପରିଚାଳିତ ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ପରିଦର୍ଶନ କରିଥିଲେ । ଏହି ବ୍ଲକର କୁରଲୀ ପଞ୍ଚାୟତ ଅଧିନ କୁରଲୀ ଓ ଖମ୍ବେସି ଠାରେ ସଂସ୍ଥା ତରଫରୁ ଚାଲିଥିବା ରକ୍ଷାକାନ୍ଥ, କଂକ୍ରିଟ ରାସ୍ତା, ପାନୀୟ ଜଳଯୋଗାଣ ପ୍ରକଳ୍ପ,ସପୁରୀ ପ୍ରକ୍ରିୟାକରଣ କେନ୍ଦ୍ର, କୁକୁଡ଼ାପାଳନ କେନ୍ଦ୍ର, ମହିଳାଙ୍କ ଦ୍ୱାରା ପରିଚାଳିତ ହଳଦୀ ୟୁନିଟ କେନ୍ଦ୍ର ବୁଲି ଦେଖିଥିଲେ । ଜଣେ ଉଚ୍ଚ ଶିକ୍ଷିତ ଗଣିତରେ ସ୍ନାତକୋତ୍ତର କରିଥିବା ଡଙ୍ଗରିଆ ଛାତ୍ରଙ୍କ ସହିତ କଥା ହୋଇଥିଲେ । ଗ୍ରାମର ବିଭିନ୍ନ ସମସ୍ୟା ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ଏହାପରେ ସେ ମୁନିଗୁଡ଼ା ବ୍ଲକ ଶିବପଦର ଗ୍ରାମ ପଞ୍ଚାୟତର ସେରେକୋପାଡି ଓ କେଶରପାଡି ଗ୍ରାମକୁ ଯାଇ ପୂର୍ବବତ ସବୁ ବିଷୟରେ ଆଲୋଚନା କରିଥିଲେ । ଉପଜିଲ୍ଲାପାଳ ଖମ୍ବେଶୀ ଗ୍ରାମ ପରିଦର୍ଶନରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାବି ପଡିଥିବା ଓ କୌଣସି କର୍ମଚାରୀ ଉପସ୍ଥିତ ନ ଥିବା ଦେଖି ବିରକ୍ତି ପ୍ରକାଶ କରି ବିଷମକଟକ ବିଡ଼ିଓଙ୍କୁ କାର୍ଯ୍ୟାନୁଷ୍ଠାନ ନିମନ୍ତେ କହିଥିଲେ । ଏଥି ସହିତ ଉପଜିଲ୍ଲାପାଳ ବିଷମକଟକ ବ୍ଲକ ମୁନିଗୁଡ଼ା ବ୍ଲକ, ଡିକେଡ଼ିଏ ମଧ୍ୟ ପରିଦର୍ଶନ କରିଥିଲେ । ଉପଜିଲ୍ଲାପାଳ ସୋନାଲ ଜେନାଙ୍କ ସହ ମୁନିଗୁଡ଼ା ବିଡ଼ିଓ ଦିଲୀପ ବେହେରା, ତହସିଲଦାର ଦେବାଶିଷ ଗୌଡ଼, ବିଷମକଟକ ବିଡ଼ିଓ ଆଲବର୍ଟ ଲାକ୍ରା, ତହସିଲଦାର ଶୁଭେନ୍ଦୁ, ଡିକେଡିଏ ସ୍ୱତନ୍ତ୍ର ଅଧିକାରୀ ମଦନମୋହନ ଦଳ ବେହେରା ଓ ପ୍ରକଳ୍ପ ପରିଚାଳକ ସୁଦର୍ଶନ ପାଢି ପ୍ରମୁଖ ଉପସ୍ଥିତ ରହିଥିଲେ । ଉପଜିଲ୍ଲାପାଳଙ୍କ ଏପରି ପରିଦର୍ଶନ ଓ ସମସ୍ତ କାର୍ଯ୍ୟର ତଦାରଖ ଆଗାମୀ ଦିନରେ ଉପଖଣ୍ଡର ଭବିଷ୍ୟ ଉଜ୍ଜ୍ୱଳମୟ ହେବ ଏବଂ ସମସ୍ତ ଉନ୍ନତିର ପଥ ଖୋଲିବ ବୋଲି ଆଶା କରାଯାଉଛି ।

# ଏସ୍‌ପିଙ୍କ ନିର୍ଦ୍ଦେଶ : କଟକଣା ହେବ ଯୋରଦାର

ଜଳେଶ୍ୱର, ୧୯/୯ (ନି.ପ୍ର) : ବାଲେଶ୍ୱର ଜିଲାରେ କରୋନା ସଂକ୍ରମଣ ହୁ ହୁ ହୋଇ ବଢୁଥିବା ବେଳେ ସଚେତନା ଅଭାବରୁ କରୋନା କଟକଣାକୁ ବେଖାତିର କରାଯାଉଥିଲା । ଏବେ ସହର ବଜାର, ହାଟ, ଘାଟ,ବାଟରେ ଯାତାୟାତ କରୁଥିବା ଲୋକଙ୍କ ମୁହଁରେ ନାହିଁ ମାକ୍ସ କିମ୍ବା ନାହିଁ ସାମାଜିକ ଦୂରତା । ଫଳରେ ସଚେତନ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଥିଲା । ମନୋଜ କୁମାର ସାହୁ ନାମକ ଜନୈକ ବ୍ୟକ୍ତି ଏ ସଂପର୍କରେ ଜିଲାପାଳ ଓ ଏସ୍‌ପିଙ୍କୁ ଟୁଇଟ୍ କରି ଜଣାଇଥିଲେ । ତେଣୁ ଆଜି ବାଲେଶ୍ୱର ଏସ୍‌ପି ପ୍ରତ୍ୟେକ ଥାନା ଓ ଫାଣ୍ଡିକକୁ କଟକଣା ଯୋରଦାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅମାନିଆଙ୍କ ଉପରେ ଜୋରିମାନା ଲଗାଇବାକୁ ସେ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଅମାନିଆଙ୍କ ମଧ୍ୟରେ ସଚେତନତା ନ ଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ବଢି ଚାଲୁଥିବାରୁ ଜିଲା ପ୍ରଶାସନର ମୁଣ୍ଡବ୍ୟଥାର କାରଣ ହୋଇଛି । ପ୍ରଶାସନ ଏଥିଲାଗି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ବାଲେଶ୍ୱରରେ ଜାତୀୟ କୃମିନାଶକ କାର୍ଯ୍ୟକ୍ରମ ୨୧ରୁ

ବାଲେଶ୍ୱର, ୧୯/୯ (ନି.ପ୍ର) : ଆସନ୍ତା୨୧ତାରିଖରୁ ବାଲେଶ୍ୱର ଜିଲ୍ଲାରେ ଜାତୀୟ କୃମିନାଶକ କାର୍ଯ୍ୟକ୍ରମ ଆରମ୍ଭ ହୋଇ ସେପ୍ଟେମ୍ବର ୨୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଏହି କ୍ରମରେ ଜିଲ୍ଲାର ସମସ୍ତ ୧ରୁ ୧୯ ବର୍ଷ ପିଲାଙ୍କୁ କୃମିନାଶକ ଔଷଧ ଦିଆଯିବ । ଏ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । କୃମି ଯୋଗୁଁ ଶିଶୁ ରକ୍ତହିନତା ଏବଂ ଅପପୁଷ୍ଟି ଜନିତ ରୋଗରେ ସଂକ୍ରମିତ ହେଉଥିବା ବେଳେ ତାର ଶାରୀରିକ ଓ ମାନସିକ ବିକାଶ ବାଧାପ୍ରାପ୍ତ ହୋଇଥାଏ । ତେଣୁ ସମସ୍ତ ଶିଶୁଙ୍କୁ କୃମିନାଶକ ଔଷଧ ଯେପରି ଦିଆଯାଇପାରିବ, ସେଥିନିମନ୍ତେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ନିର୍ଦ୍ଦେଶ ଦେଇଛନ୍ତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସ୍କୁଲ ଓ ଗଣଶିକ୍ଷା ଏବଂ ମହିଳା ଓ ଶିଶୁ ବିକାଶ ଭଳି ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ କୁହାଯାଇଛି । କୋଭିଡ୍-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି । ଆଶା, ଅଙ୍ଗନୱାଡି ଓ ସ୍ୱାସ୍ଥ୍ୟ କର୍ମୀ ମାନେ ପ୍ରତ୍ୟେକ ଘରକୁ ଯାଇ ସମସ୍ତ ପିଲାମାନଙ୍କୁ(୧-୧୯ବର୍ଷ) କୃମିନାଶକ ଔଷଧ (ଆଲବେଣ୍ଡାଜୋଲ) ଖୁଆଇବେ । ଗୃହ ପରିଦର୍ଶନ ସମୟରେ ନିଜର ମୁଖକୁ ମାସ୍କ ଦ୍ୱାରା ସମ୍ପୂର୍ଣ୍ଣ ଆବୃତ ରଖିବା ସହ ସମସ୍ତ ପରିବାର ସଦସ୍ୟ ମାସ୍କ ପିନ୍ଧିବା କଥାକୁ ସୁନିଶ୍ଚିତ କରିବେ । ସମସ୍ତଙ୍କ ଠାରୁ ୬ଫୁଟ ଶାରୀରିକ ଦୂରତା ବଜାୟ ରଖିବା ସହିତ ଟାବଲେଟ ଦେବା ପୂର୍ବରୁ ହାତକୁ ପାଣି ଓ ସାବୁନ ଦ୍ୱାରା ଭଲ ଭାବରେ ଧୋଇବେ କିମ୍ବା ସାନିଟାଇଜ କରିବେ । କୃମିନାଶକ ଔଷଧ ଦେବା ପୂର୍ବରୁ ଗୃହର ସଦସ୍ୟମାନଙ୍କ ସମ୍ବନ୍ଧରେ ଯାଂଚ କରିବେ । ଯଦି କୌଣସି କୋଭିଡ-୧୯ ରୋଗୀ ଘରେ ଥିବେ କିମ୍ବା କୌଣସି ସଦସ୍ୟଙ୍କର କୋଭିଡ-୧୯ ଲକ୍ଷଣ ଥିବ ତେବେ ସେହି ଘରେ କୃମିନାଶକ ଔଷଧ ଦେବା କାର୍ଯ୍ୟକ୍ରମ ବନ୍ଦ କରି ବ୍ଲକ ଚିକିତ୍ସା ଅଧିକାରୀଙ୍କୁ ଯୋଗାଯୋଗ କରିବେ । ସେହିପରି ଯେଉଁ ପିଲା ଅସୁସ୍ଥ ଥିବେ କିମ୍ବା ଅନ୍ୟ ଔଷଧ ସେବନ କରୁଥିବେ ସେମାନଙ୍କୁ କୃମିନାଶକ ଔଷଧ ଦିଆ ନ ଯାଇ ସୁସ୍ଥ ହେବା ପରେ ଦିଆଯିବାକୁ କୁହାଯାଇଛି । କେତେକ କ୍ଷେତ୍ରରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଲେ ୧୦୨ ଆମ୍ବୁଲାନ୍ସକୁ ଡାକିବା ବା ୧୦୮କୁ କଲ କରିବାକୁ ପରାମର୍ଶ ଦିଆଯାଇଛି । ୧ବର୍ଷରୁ ୩ ବର୍ଷ ବୟସ ମଧ୍ୟରେ ଥିବା ଶିଶୁମାନଙ୍କୁ କୃମିନାଶକ ଦ୍ରବଣ (ସିରପ) ଦିଆଯିବାକୁ ଥିବା ବେଳେ ୩ ବର୍ଷରୁ ୧୯ ବର୍ଷ ମଧ୍ୟରେ ଥିବା ପିଲାଙ୍କୁ କୃମିନାଶକ ବଟିକା ଚୋବାଇ ଖାଇବାକୁ ଦିଆଯିବ । ଜିଲ୍ଲାରେ ୬ ଲକ୍ଷ ୩୭ହଜାର ୫୬୫ ପିଲାଙ୍କୁ କୃମିନାଶକ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି । ଏତଦ୍ ବ୍ୟତୀତ ନିଜ ପରିବେଶକୁ ନିର୍ମଳ ରଖିବା, ବାହାରେ ମଳତ୍ୟାଗ ନ କରିବା, ଫଳ ଓ ପନିପରିବାକୁ ସ୍ୱାଭ ପାଣିରେ ଧୋଇବା, ନଖ ପରିଷ୍କାର ରଖିବା ଏବଂ ଖାଇବା ପୂର୍ବରୁ ଓ ଶୌଚ ପରେ ହାତ ଧୋଇବା ପାଇଁ ସଚେତନତା ସୃଷ୍ଟି କରିବାକୁ କୁହାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦୁଲାଳ ସେନ ଜଗଦ୍ଦେବ ସ୍ୱାସ୍ଥ୍ୟ ବିଭାଗ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀମାନଙ୍କ ସହ ସମନ୍ୱୟ ରକ୍ଷା କରି ଏହାର ପରିଚାଳନା କରିବେ । ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଯେପରି ସମ୍ପୂର୍ଣ୍ଣ ସଫଳ ହୋଇପାରିବ ସେଥି ନିମନ୍ତେ ସବୁ ସ୍ତରରେ ଉଦ୍ୟମ କରିବାକୁ ଜିଲ୍ଲାପାଳ ଚକ୍ରବର୍ତ୍ତୀ ପରାମର୍ଶ ଦେଇଛନ୍ତି ।

# ଆଇନଜୀବୀଙ୍କୁ ତହସିଲଦାରଙ୍କ ଦୁର୍ବ୍ୟବହାର ଅଭିଯୋଗ

ବାସୁଦେବପୁର , ୧୯/୯ (ନି.ପ୍ର) : ବାସୁଦେବପୁର ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ ସ୍ଥାନୀୟ କୋର୍ଟର ଆଇନଜୀବୀ ଶେଖ ମନଜୁର ଅଲ୍ଲିଙ୍କୁ ଦୁର୍ବ୍ୟବହାର କରିଥିବା ଥାନାରେ ଅଭିଯୋଗ ହୋଇଛି । ଏହି ଅବସରରେ ବାସୁଦେବପୁର ସ୍ନେହା ରେସିଡେନସି ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆଇନଜୀବୀ ମନଜୁର ଅଲ୍ଲିଙ୍କ ସମେତ ବରିଷ୍ଠ ଆଇନଜୀବୀ ନିର୍ମଳଚନ୍ଦ୍ର ବେହେରା, ଗୌତମ ଧଳ, ମାନସ ନାୟକ, ଜୟରାମ ମଲିକ, ସନ୍ତୋଷ ନାୟକ ପ୍ରମୁଖ ଉପସ୍ଥିତ ରହି ତହସିଲଦାରଙ୍କ କାର୍ଯ୍ୟକଳାପ ସମ୍ପର୍କରେ ସାମ୍ବାଦିକ ମାନଙ୍କୁ ସୁଚନା ପ୍ରଦାନ କରିଥିଲେ । ଗତ ମଙ୍ଗଳବାର ଆଇନଜୀବୀ ଶ୍ରୀ ଅଲ୍ଲି ନିଜର ବ୍ୟକ୍ତିଗତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନେଇ ସ୍ଥାନୀୟ ତହସିଲ ଅଫିସକୁ ଯାଇଥିଲେ । ମାତ୍ର ସେଠାରେ ମୁଖ୍ୟ ଫାଟକରେ ତାଲା ପଡିଥିବା ଦେଖି ସେ ତହସିଲଦାରଙ୍କୁ ଫୋନ ଯୋଗେ ତାଲା ପଡିବା ସମ୍ପର୍କରେ କହିଥିଲେ । ବୁଧବାର ଦିନ ସମ୍ବାଦିକ ସମ୍ମିଳନୀ ଡକାଯାଇଥିଲା । ଆଇନଜୀବୀଙ୍କର ଏଭଳି ଅଭିଯୋଗ ସମ୍ପର୍କରେ ତହସିଲଦାର ଶ୍ରୀ ପାଣିଗ୍ରାହୀ କହିଛନ୍ତି ଯେ ମୁଁ କୌଣସି ଦୁର୍ବ୍ୟବହାର କରିନାହିଁ । ଶ୍ରୀ ଅଲ୍ଲି ଓଲଟା ମୋ ସହିତ ଯୁକ୍ତିତର୍କ ଆରମ୍ଭ କରିଛନ୍ତି ।

# ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ସ୍ଥାୟୀ କୁଳସଚିବ ଗଲେ କୁଆଡେ ?

## ଗତ ଜାନୁୟାରୀରୁ ନିଯୁକ୍ତି ପାଇଥିଲେବି ମିଳୁନି ମହାଶୟଙ୍କ ଦେଖା ଦର୍ଶନ



ବାରିପଦା , ୧୯/୯ (ନି.ପ୍ର) : ଉତ୍ତର ଓଡିଶାର ପ୍ରମୁଖ ଦୁଇଟି ଆଦିବାସୀ ଅଧ୍ୟୁଷିତ ବୃହତ୍ ଜିଲ୍ଲା ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ଉଚ୍ଚଶିକ୍ଷାର ପ୍ରାଣକେନ୍ଦ୍ର ପାଲଟିଥିବା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଦୀର୍ଘଦିନ ଧରି ସ୍ଥାୟୀ କୁଳସଚିବ ନାହାନ୍ତି । କାମଚଳା କୁଳସଚିବରେ ଚାଲିଛି ବିଶ୍ୱବିଦ୍ୟାଳୟ । ଯାହା ଫଳରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହେବା ସହ ନାନା ଦୁର୍ନୀତି ମଧ୍ୟ ମୁଣ୍ଡ ଟେକୁଛି । ବିଶ୍ୱ ବିଦ୍ୟାଳୟରେ ବିଭିନ୍ନ ବିଷୟକୁ ନିୟମିତ କରାଯିବାକୁ ଦୀର୍ଘ ବର୍ଷର ଦାବୀପରେ ସରକାର ବର୍ଷେ ତଳୁ ସ୍ୱୀକୃତି ଦେଇଥିଲେ ମଧ୍ୟ ଏଯାବତ ବିଭାଗ ସବୁ ନିୟମିତ ହୋଇପାରୁନି କି ପ୍ରଫେସର ନିଯୁକ୍ତ ମଧ୍ୟ ହୋଇପାରୁ ନାହାନ୍ତି । ଫଳରେ ଏଠାକାର ଗରୀବ ମଧ୍ୟବିତ୍ତ ଘରର ଛାତ୍ରଛାତ୍ରୀ ମାନଙ୍କୁ ବହୁ ଅର୍ଥ ଖର୍ଚ୍ଚକରି ସେଲ୍ଫ ଫାଇନାନସିଂ ମୋଡରେ ପାଠ ପଢିବାକୁ ପଡୁଛି । ଯାହାକି ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଓ ଗାରୀମାକୁ ରାଜ୍ୟସ୍ତରରେ କ୍ଷୁର୍ଣ୍ଣ କରୁଛି । ତେବେ ଚଳିତ ବର୍ଷ ଜାନୁୟାରି ୨୦ତାରିଖରେ ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବିଡିଓ ଥିବା ସହଦେବ ସମଧିଆ (ଓଏଏସ୍)ଙ୍କୁ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର କୁଳସଚିବ ଭାବେ ନିଯୁକ୍ତି ଦିଆଯାଇଥିଲା । ମାତ୍ର ନିଯୁକ୍ତି ପାଇବାର ୯ମାସ ଅତିକ୍ରମ କରିବାକୁ ବସିଥିଲେ ମଧ୍ୟ ଏଯାବତ ଶ୍ରୀ ସମାଧିଆ ବିଶ୍ୱବିଦ୍ୟାଳୟ କାର୍ଯ୍ୟରେ ଯୋଗ ଦେଇନାହାନ୍ତି । ଓଲଟି ଶ୍ରୀ ସମାଧିଆଙ୍କୁ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର କୁଳସଚିବ ଭାବେ କାର୍ଯ୍ୟରତ ଥିବାରୁ ପ୍ରମୋସନ୍ ଦିଆଯାଇଛି । ଯାହାକି ସରକାରଙ୍କ ବିଚିତ୍ର ନୀତିକୁ ପଦାରେ ପକାଇଛି । ୯ମାସ ହେଲାଣି କାର୍ଯ୍ୟରେ ଯୋଗ ଦେଇନଥିବା ବେଳେ ଉକ୍ତ ପଦବୀକୁ ନେଇ ସେ କିପରି ପ୍ରମୋସନ ପାଇଲେ ବୋଲି ବୁଦ୍ଧିଜିବୀ ମହଲରେ ଚର୍ଚ୍ଚା ଜୋର ଧରିଛି । ଶ୍ରୀ ସମାଧିଆଙ୍କ ସହିତ ବଦଳି ହୋଇଥିବା ଅନ୍ୟ ବିଶ୍ୱବିଦ୍ୟାଳୟର କୁଳସଚିବ ମାନେ କାର୍ଯ୍ୟରେ ଯୋଗ ଦେଇସାରିଥିବା ବେଳେ କେଉଁ ଅଦୃଶ୍ୟ ଶକ୍ତି ପ୍ରଭାବରୁ ଶ୍ରୀ ସମାଧିଆ କାର୍ଯ୍ୟରେ ଯୋଗ ଦେଉନାହାନ୍ତି ତାହା ପ୍ରହେଳିକା ସୃଷ୍ଟି କରୁଛି । ଏପଟେ ସ୍ଥାୟୀ କୁଳସଚିବ ନଥିବାରୁ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ନାନା କେଳେଙ୍କାରୀ ମୁଣ୍ଡ ଟେକୁଛି । ଏପଟେ ୨୦୧୯ ଫେବ୍ରୁଆରିରୁ ପ୍ରଫେସର ପ୍ରମୋଦ କୁମାର ଶତପଥୀ ଭାରପ୍ରାପ୍ତ କୁଳସଚିବ ଭାବେ କାର୍ଯ୍ୟ କରୁଛନ୍ତି । ପାଠପଢ଼ା ସହିତ ବିଶ୍ୱବିଦ୍ୟାଳୟର କୁଳସଚିବ ଭାବେ ବିଭିନ୍ନ ପ୍ରଶାସନିକ କାର୍ଯ୍ୟ ତାଙ୍କ ଉପରେ ନ୍ୟସ୍ତ ଥିବାରୁ ସେ ଚାପରେ ରହୁଛନ୍ତି । ବିଶ୍ୱ ବିଦ୍ୟାଳୟରେ ପ୍ରାୟ ୨ବର୍ଷ ହେବ ବିଭିନ୍ନ ବିଭାଗରେ ସ୍ଥାୟୀ ଅଧାପକ ନିଯୁକ୍ତି ମଧ୍ୟ ହୋଇପାରୁନାହିଁ । ଏନେଇ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଦୀପ କୁମାର ଚାନ୍ଦ କହିଛନ୍ତି ଯେ ଆମେ ମଧ୍ୟ ସ୍ଥାୟୀ କୁଳସଚିବଙ୍କ କାର୍ଯ୍ୟରେ ଯୋଗଦେବାକୁ ଅପେକ୍ଷା କରିଛୁ । ସେହିପରି ୨୦୧୫ରେ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳସଚିବ ନଥିବାରୁ ସଂସ୍କୃତ ବିଭାଗରେ ରିଡର୍ ଭାବେ ଯୋଗ୍ୟତା ନଥାଇ ଜଣେ ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯାଇଥିଲା । ଜାଲିଆତି କରାଯାଇ ଉକ୍ତ ପ୍ରାର୍ଥୀଙ୍କର ପିଏଚଡି ନଥାଇ ମଧ୍ୟ ତାଙ୍କ ନାମ ପୂର୍ବରୁ ଡକ୍ଟର ଯୋଡ଼ାଯାଇ ପିଏଚଡି ଯୋଗ୍ୟତା ଥିବା ଅଭିଯୋଗ ହୋଇଥିଲା । ଫଳରେ ଯୋଗ୍ୟ ପ୍ରାର୍ଥୀମାନେ ବାଦ୍ ପଡ଼ିଥିଲେ । ଏନେଇ ଏଜି କାର୍ଯ୍ୟାଳୟରୁ ଉଚ୍ଚଶିକ୍ଷା ବିଭାଗକୁ କୈଫିୟତ ତଲବ କରାଯାଇଥିଲା । ଯେଉଁଥିପାଇଁ ଉଚ୍ଚଶିକ୍ଷା ବିଭାଗ ସଂପୃକ୍ତ କୁଳସଚିବଙ୍କୁ ସ୍ପଷ୍ଟୀକରଣ ମାଗିଥିଲେ ମଧ୍ୟ ଅଦ୍ୟାବଧି ତାହା ପ୍ରଦାନ କରାଯାଇନଥିବା ଜଣାପଡ଼ିଛି । ଏଣୁ ବିଶ୍ୱବିଦ୍ୟାଳୟରେ ସବୁକିଛି ଠିକଠାକ ଚାଲିଥିବା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ବିଶ୍ୱବିଦ୍ୟାଳୟରେ ତୁରନ୍ତ ସ୍ଥାୟୀ କୁଳସଚିବ ଯୋଗଦେବା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ତଥା ବିଶ୍ୱ ବିଦ୍ୟାଳୟର କୁଳାଧିପତି ମହାମାନ୍ୟ ଓଡିଶା ରାଜ୍ୟପାଳ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ଜିଲ୍ଲାର ବୁଦ୍ଧିଜିବୀ ମହଲରେ ଦାବୀ ହେଉଛି । ସ୍ଥାୟୀ କୁଳସଚିବ ନଥିବାରୁ ପାଖାପାଖି ତିନି ଦଶନ୍ଧିର ବ୍ୟାପକ ଜନଆନ୍ଦୋଳନ ସ୍ୱରୂପ ରାଜ୍ୟର ସର୍ବବୃହତ୍ ଜିଲ୍ଲା ମୟୂରଭଞ୍ଜରେ ପ୍ରତିଷ୍ଠିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି ଏଣୁ ତୁରନ୍ତ ଏଦିଗରେ ପଦକ୍ଷେପ ନେଇ ସମସ୍ୟାର ସମାଧାନ କରାଯିବା ଦରକାର ନଚେତ ଆଗକୁ ଏହା ଆନ୍ଦୋଳନର ଦାନା ବାନ୍ଧିବ ବୋଲି ବିଶ୍ୱବିଦ୍ୟାଳୟ ସଂଘର୍ଷ ବାହିନୀର ପ୍ରତିଷ୍ଠାତା ଆବାହକ ବିଭୁଦତ୍ତ ଦାସ ପ୍ରତିକ୍ରିୟା ରଖିଛନ୍ତି ।

# ବୃଦ୍ଧଙ୍କୁ ଉଦ୍ଧାର କରିଥିବା ଦୁଇଭଉଣୀ ରିମା ଓ ସୀମାଙ୍କୁ ଆର୍ଯ୍ୟସମାଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ



ଅକ୍ଟୋବର ୧ ତାରିଖ ଓଡ଼ିଶାରେ ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ ସଂସ୍କାରକ ଶ୍ରୀବସ୍ତ ପଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଭୁବନେଶ୍ୱର ବୁଦ୍ଧ ମନ୍ଦିର ଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ ଦୁଇଭଉଣୀଙ୍କୁ ସମ୍ବର୍ଦ୍ଧିତ କରାଯିବ ।

ଭୁବନେଶ୍ୱର, ୧୯/୯ (ନି.ପ୍ର) : କେନ୍ଦ୍ରାପଡ଼ା ଜିଲ୍ଲାରେ ବ୍ରାହ୍ମଣୀ ନଦୀରେ ବୁଡ଼ି ଯାଉଥିବା ବୃଦ୍ଧଙ୍କୁ ମୃତ୍ୟୁମୁଖରୁ ବଞ୍ଚାଇ, ଅଦମ୍ୟ ସାହାସିକତା ଦେଖାଇଥିବା ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳ, ଅମୃତମଣୋହି ପଞ୍ଚାୟତ ନୂଆଡ଼ିହା ଗ୍ରାମର ହିମାଦ୍ରୀ ପାତ୍ରଙ୍କ ଦୁଇଝିଅ ରିମା ଓ ସୀମାଙ୍କୁ ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ । ଆର୍ଯ୍ୟସମାଜ, ଓଡ଼ିଶାର ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି ଯେ, ସମାଜରେ ନୂତନ ଯୁବପିଢି ତଥା ବିଶେଷଭାବରେ ଛାତ୍ରଛାତ୍ରୀଙ୍କ ମନରେ ସାହାସିକତାର ପ୍ରେରଣା ଦେବା ପାଇଁ ଆର୍ଯ୍ୟସମାଜ ଓଡ଼ିଶା ପକ୍ଷରୁ ଆଗାମୀ

# ପ୍ରାଥମିକ ଶିକ୍ଷକଙ୍କୁ ପଦୋନ୍ନତି ପାଇଁ ଶିକ୍ଷକ ସଂଘ ପକ୍ଷରୁ ଦାବି

କେନ୍ଦ୍ରାପଡା, ୧୯/୯ (ନି.ପ୍ର) : କେନ୍ଦ୍ରାପଡା ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଜିଲ୍ଲାରେ କାର୍ଯ୍ୟ କରୁଥିବା ପ୍ରାଥମିକ ଶିକ୍ଷକ ମାନଙ୍କୁ ବରିଷ୍ଠତା ଭିତିରେ ପଦୋନ୍ନତି ଦେବାପାଇଁ ଦାବି କରାଯାଇଛି । ସଂଘ ପକ୍ଷରୁ ୩ ଦଫା ସମ୍ବଳିତ ଦାବିପତ୍ର ଜିଲ୍ଲାଶିକ୍ଷା ଅଧିକାରୀ ସଂଗ୍ରାମ ସିଂହଙ୍କୁ ପ୍ରଦାନ କରାଯାଇଛି । ଦାବି ଗୁଡିକ ମଧ୍ୟରେ ଅନ୍ୟ ଜିଲ୍ଲାରେ ପ୍ରାଥମିକ ଶିକ୍ଷକ ମାନଙ୍କ ପଦୋନ୍ନତି ହେଉଥିବା ବେଳେ କେନ୍ଦ୍ରାପଡା ଜିଲ୍ଲାରେ ପଦୋନ୍ନତିକୁ ବନ୍ଦ ରଖାଯାଇଛି । ଏହାକୁ ଲାଗୁ କରିବା ଏଲିମେଣ୍ଟାରୀ କାଡର ତାଲିକାରେ ହୋଇଥିବା ତ୍ରୁଟିକୁ ତୁରନ୍ତ ସଂଶୋଧନ କରାଯାଇ ପଦୋନ୍ନତି ଦେବାସହ ଏଥିପାଇଁ ଦାୟୀ କର୍ମଚାରୀଙ୍କୁ ଦଣ୍ଡିତ କରିବା , ତୃତୀୟ ବର୍ଗକୁ ପଦୋନ୍ନତି ପାଉଥିବା ଶିକ୍ଷକ ମାନେ ରାଜ୍ୟ ସ୍ତରରେ ବରିଷ୍ଠତା ହରାଉ ଥିବାରୁ ଏ ଦିଗରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସଂଗଠନ ପକ୍ଷରୁ ଦାବି କରାଯାଇଛି । ଚଳିତ ମାସ ୨୫ ତାରିଖ ମଧ୍ୟରେ ପଦୋନ୍ନତି ବ୍ୟବସ୍ଥା କରା ନଗଲେ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

# ଦିନକରେ ଚିହ୍ନଟ ୧୮୩ କରୋନା ପଜିଟିଭ୍

## ୬ ହଜାର ଟପିଲା ଜିଲ୍ଲାର ସଂକ୍ରମିତଙ୍କ ସଂଖ୍ୟା

ବାଲେଶ୍ୱର,୧୯।୯ (ନି.ପ୍ର): ଓଡ଼ିଶାରେ ବଢୁଥିବା କରୋନା ସଂକ୍ରମଣ ରାଜ୍ୟବାସୀଙ୍କ ପାଇଁ ଉଦ୍‌ବେଗର ବିଷୟ ହୋଇଛି । ବିଶେଷଜ୍ଞଙ୍କ ସୂଚନା ଅନୁସାରେ ଆସନ୍ତା ଅକ୍ଟୋବର ମାସରେ ସଂକ୍ରମଣ ହାର ଶୀର୍ଷରେ ପହଞ୍ଚିବା ପରେ କ୍ରମହ୍ରାସମାନ ଅବସ୍ଥାରେ ଏହା କମିବ ବୋଲି ଜଣାପଡ଼ିଛି । ତେବେ ସରକାରଙ୍କ ପକ୍ଷରୁ ବାରମ୍ବାର ସଚେତନତା ସୃଷ୍ଟି ସାଙ୍ଗକୁ ସାମାଜିକ ଦୂରତା ରକ୍ଷା ପାଇଁ କୁହାଯାଉଥିଲେ ବି ସାଧାରଣ ଲୋକେ ଏହାକୁ ଗୁରୁତ୍ୱ ନଦେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ହୋଇଛି । ଦୈନିକ ୪ ହଜାର ଉପରେ ସଂକ୍ରମିତ ଚିହ୍ନଟ ହୋଇ ଚାଲିଥିବା ବେଳେ ମୃତ୍ୟୁ ସଂଖ୍ୟା ବି ଧିରେ ଧିରେ ବଢ଼ିବାରେ ଲାଗିଛି । ଆଜି ସୁଦ୍ଧା କରୋନା ସଂକ୍ରମିତଙ୍କ ସଂଖ୍ୟା ୧ ଲକ୍ଷ ୭୫ହଜାର ଅତିକ୍ରମ କରିଛି । ଅନ୍ୟପକ୍ଷରେ ଆଜି ୯ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅଦ୍ୟାବଧି ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୬୯୧ ଛୁଇଁଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ବାଲେଶ୍ୱରର ସ୍ଥିତି କ୍ରମଶଃ ବିଗିଡ଼ିବାରେ ଲାଗିଛି । ଆଜି ଗୋଟିଏ ଦିନରେ ୧୮୩ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୬୦୬୭ରେ ପହଞ୍ଚିଛି । ଆଜିସୁଦ୍ଧା ଜିଲ୍ଲାରେ ୪୬୩୬ ଜଣ କରୋନା ରୋଗୀ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୧୪୧୦ ଜଣ ଆକ୍ରାନ୍ତ ଏବେ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଅନ୍ୟପକ୍ଷରେ ଆଜି କୌଣସି କରୋନା ରୋଗୀଙ୍କର ମୃତ୍ୟୁ ହୋଇନଥିବା ବେଳେ ଜିଲ୍ଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୬ରେ ସ୍ଥିର ରହିଛି । ତେବେ ବ୍ଲକ ତୁଳନାରେ ବାଲେଶ୍ୱର ପୌରାଞ୍ଚଳରେ ବଢୁଥିବା ସଂକ୍ରମିତଙ୍କ ସଂଖ୍ୟା ସମସ୍ତଙ୍କ ଚିନ୍ତା ବଢ଼ାଇଛି । ସେହିଭଳି ଜିଲ୍ଲାର ଗୋଟିଏ ଗୋଟିଏ ଅଞ୍ଚଳରେ ଏକକାଳୀନ ଅଧିକ ସଂଖ୍ୟକ ପଜିଟିଭ ଚିହ୍ନଟ ହେବା ସ୍ଥାନୀୟ ସଂକ୍ରମଣକୁ ସଙ୍ଗୀନ ସ୍ଥିତିରେ ପଞ୍ଚାଇବାର ଆଶଙ୍କା ସୃଷ୍ଟି କରିଛି ।

# ହୋଟେଲ ସୁବର୍ଣ୍ଣରେଖାରେ ପୁଲିସ୍‌ର ଚଢାଉ : ୨ ମହିଳା, ୨ ଗ୍ରାହକଙ୍କ ସହିତ ମ୍ୟାନେଜର ଅଟକ

ଜଳେଶ୍ୱର, ୧୯/୯ (ନି.ପ୍ର) : ଜଳେଶ୍ୱର ସହରର କେତେକ ହୋଟେଲରେ ସେକ୍ସ ର୍ୟାକେଟ୍ ଚାଲି ଆସୁଥିବା ବେଳେ ଆଜି ଶନିବାର ପୁଲିସ୍ ପକ୍ଷରୁ ଚଢାଉ କରାଯାଇଛି । ଏଥିରେ ୨ଜଣ ଯୁବତୀ, ୨ଜଣ ଗରାଖ ଓ ୧ଜଣ ମ୍ୟାନେଜର ଗିରଫ ହୋଇଥିବା ବେଳେ ଗ୍ରହକଙ୍କ ମଧ୍ୟରେ ରହିଛନ୍ତି ଜଣେ କନେଷ୍ଟବଳ । ଜଳେଶ୍ୱର ପୁଲିସ୍ ଘଟଣାର ଛାନଭିନ୍ କରୁଥିବା ବେଳେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିବାକୁ ଲାଗିଛି । ପୁଲିସ୍ ଙ୍କତସାରରେ ଜଳେଶ୍ୱର ଧଳା ଜହରର କାରବାର ଚାଲି ଆସୁଥିବା ବେଳେ ଏବେ ଖାକିରେ ଅନ୍ୟଏକ କଳଙ୍କର ଛିଟା ଲାଗିଛି । ଜଳେଶ୍ୱରର ସୁବର୍ଣ୍ଣରେଖା ହୋଟେଲରେ ସେକ୍ସ ର୍ୟାକେଟ ଦୀର୍ଘ ଦିନରୁ ସକ୍ରିୟ ଥିବା ବେଳେ ଆଜି ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୁଲିସ୍ ଏସ୍‌ଡିପିଓ ଅଂକିତା କୁମ୍ଭାର ଓ ନୂତନଭାବେ ଯୋଗ ଦେଇଥିବା ଆଇଆଇସି ମାନସ ଦେଓ ଚଢାଉ କରିଛନ୍ତି । ଚଢାଉବେଳେ ହୋଟେଲରୁ ୨ଜଣ ଯୁବତୀଙ୍କୁ ଉଦ୍ଧାର କରାଯାଇଛି । ସେମାନଙ୍କ ବ୍ୟତିତ ଅନ୍ୟ ୨ ଗରାଖ ଥିବା ବେଳେ ହୋଟେଲର ମ୍ୟାନେଜରଙ୍କୁ ମଧ୍ୟ ପୁଲିସ୍ ପଚରାଉଚରା ଯାରି ରଖିଛି । ହୋଟେଲର ମ୍ୟାନେଜର ଯୁବତୀ ଓ ଗରାଖଙ୍କ ସୂତ୍ରଧର ବୋଲି ପ୍ରାଥମିକ ତଦନ୍ତରୁ ଜଣାଯାଇଛି । ଏଥିରେ ଜଣେ କମର୍ଦ୍ଦା ଅଂଚଳର କନେଷ୍ଟବଳ ଥିବାର ସୂଚନା ମିଳିଛି । ଦୁଇ ଦେହ ବ୍ୟବସାୟୀ କମର୍ଦ୍ଦା ଓ ରାଜଘାଟ ଅଂଚଳ ବୋଲି ଜଣାଯାଇଛି । ପ୍ରକାଶଯୋଗ୍ୟ ଏହି ହୋଟେଲରେ ଅତୀତରେ କେତେକ ଆଇ.ଆଇ.ସି ଅସ୍ଥାୟୀଭାବେ ରହୁଥିବା ବେଳେ ଏଠାକୁ ଆସୁଥିବା ପଦସ୍ଥ କର୍ମଚାରୀ ଏଠାରେ ଅବସ୍ଥାନ କରନ୍ତି । ଅତୀତରେ ଜଣେ ଆଇଆଇସି ହୋଟେଲ ଡାଇମଣ୍ଡ ଉପରେ ଦୁଇ ଦୁଇଥର ଚଢାଉ କରିଥିଲେ ମଧ୍ୟ ସେକ୍ସ ର୍ୟାକେଟ୍‌ରେ ସଂପୃକ୍ତ ଯୁବକ ଯୁବତୀମାନେ ଖସି ପଳାଇବାରେ ସକ୍ଷମ ହେଉଥିଲେ । ପୁଣି କୋଲକତା ଅଂଚଳର ଜଣେ ଦେହ ବ୍ୟବସାୟୀଙ୍କୁ ଜଳେଶ୍ୱର ଅଂଚଳରୁ ପୁଲିସ୍ ଧରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହୋଇନଥିବାରୁ ଗ୍ରହକ ଓ ଦେହ ବ୍ୟବସାୟୀମାନେ ପ୍ରୋତ୍ସାହିତ ହୋଇଥିଲେ । ଘଟଣା ଜଣାଯିବାପରେ ଜଳେଶ୍ୱର ଅଂଚଳରେ ଆଲୋଡନ ସୃଷ୍ଟି ହୋଇଛି ।

# ଲୁଇପା ମହାବିଦ୍ୟାଳୟ ସମ୍ମୁଖରେ ଚାଲିଥିବା ଗଣଧାରଣା ସ୍ଥଳରେ ସମ୍ବାଦିକ ସମ୍ମିଳନୀ

ଉଦଳା ,୧୯।୯ (ନି.ପ୍ର): ଲୁଇପା ଡିଗ୍ରୀ ମହାବିଦ୍ୟାଳୟ, ରାଢ଼ୋର ଅଧ୍ୟକ୍ଷ ଆଦିକନ୍ଦ ଦେଙ୍କର ବ୍ୟାପକ ଦୁର୍ନୀତି ବିରୋଧରେ ତଦନ୍ତ କରିବା ଦାବୀ ନେଇ ସ୍ଥାନୀୟ ଅଂଚଳରେ ଗଢ଼ିଉଠିଥିବା ଦୁର୍ନୀତି ନିବାରଣ ମଂଚର ସଦସ୍ୟମାନେ ଚଳିତ ସେପ୍ଟେମ୍ବର ୦୯ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ମହାବିଦ୍ୟାଳୟରେ ତାଲା ବନ୍ଦ ଆନ୍ଦୋଳନ କରିଥିଲେ । ତତ୍‌ପରେ ପିଲାମାନଙ୍କର ଆଡ୍‌ମିଶନ, ପରୀକ୍ଷା ଓ କର୍ମଚାରୀମାନଙ୍କର ପେଟପାଟଣାକୁ ଚାହିଁ ତାଲା ବନ୍ଦ ଆନ୍ଦୋଳନ ସ୍ଥଗିତ ରଖାଯାଇ ଦାବୀ ପୂରଣ ପର୍ଯ୍ୟନ୍ତ ଗଣଧାରଣା ଦିଆଯାଉଅଛି । ତେବେ ଏ ସମ୍ପର୍କରେ ବ୍ୟାପକ ପ୍ରଚାର ପ୍ରସାର ସାଙ୍ଗକୁ ଆନ୍ଦୋଳନର ଉଦ୍ଦେଶ୍ୟ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସଂକ୍ରାନ୍ତରେ ଅବଗତ କରାଇବା ପାଇଁ ଆଜି ସେପ୍ଟେମ୍ବର ୧୯ ତାରିଖ ଶନିବାର ଦିନ ୧୧ ଘଟିକା ସମୟରେ ଏଠାରେ ଏକ ସମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ପ୍ରାରମ୍ଭରେ ଦୁର୍ନୀତି ନିବାରଣ ମଂଚ, ରାଢ଼ୋର ଆବାହକ ମନ୍ମଥ କୁମାର ପଣ୍ଡା



ଆନ୍ଦୋଳନର ବିସ୍ତୃତ ଇତିହାସ ବର୍ଣ୍ଣନା କରିବା ସହିତ ଆଜିର ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ନୀଳଗିରିର ପୂର୍ବତନ ବିଧାୟକ ତଥା ନବନିର୍ମାଣ କୃଷକ ସଂଗଠନର ଆଇନ ଉପଦେଷ୍ଟା ଚିତରଂଜନ ଷଡ଼ଙ୍ଗୀ, ବାଲେଶ୍ୱର ଜିଲ୍ଲା କୃଷକ ସଂଗଠନ ସଂଯୋଜକ ଚନ୍ଦନ ରାଉତ, କମଳଲୋଚନ ଦାସ, ରଘୁରାମ, ରାଇମଣୀ ବିଶ୍ୱାଳ ପ୍ରମୁଖ ଆଜିର ସମ୍ମିଳନୀରେ ଯୋଗ ଦେଇ ଏହାକୁ ପୂର୍ଣ୍ଣ ସମର୍ଥନ କରିଥିବାର ଜଣାଇଥିଲେ । ତେବେ ଆଜି ସମ୍ବାଦିକ ସମ୍ମିଳନୀ ଚାଲିଥିବା ସମୟରେ ଆନ୍ଦୋଳନକାରୀ ମାନଙ୍କୁ ତୁମ୍ଭର ମୁଖ୍ୟଦାବୀ କଣ ରହିଛି ବୋଲି, ସମ୍ବାଦିକମାନେ ପ୍ରଶ୍ନ କରିବାରୁ, "ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଦେଙ୍କୁ ଚାକିରୀରୁ ବହିଷ୍କାର କରାଯାଉ" ବୋଲି ଆନ୍ଦୋଳନକାରୀ ମାନେ ଏକସ୍ୱରରେ ଉତ୍ତର ଦେଇଥିଲେ । ଏହାପରେ ୧୧ ଦଫା ଦାବୀ ସମ୍ବଳିତ ଏକ ଦାବୀ ପତ୍ର ସାମ୍ବାଦିକ ମାନଙ୍କୁ ପ୍ରଦାନ କରାଯାଇଥିଲା । ଅଧ୍ୟକ୍ଷ ଶ୍ରୀଯୁକ୍ତ ଦେ ତାଙ୍କର ପୁତ୍ର ଓ ଭାଇଙ୍କୁ ମଧ୍ୟ ମହାବିଦ୍ୟାଳୟରେ ବେଆଇନ ଭାବେ ନିଯୁକ୍ତି ଦେଇଥିବାର ଆନ୍ଦୋଳନକାରୀମାନେ ଜଣାଇଥିଲେ । ଖାଲି ସେତିକି ନୁହେଁ ପିଲାଙ୍କ ଷ୍ଟାଇପେଂଟ ଟଙ୍କା ହେରଫେର ଓ ମହାବିଦ୍ୟାଳୟର ଆଡ୍‌ମିଶନ, ରି-ଆଡ୍‌ମିଶନ ଓ ପରୀକ୍ଷା ଫି ଇତ୍ୟାଦି ମନଇଚ୍ଛା ନିଆଯାଉଥିବାର ଅଭିଯୋଗ କରିଥିଲେ । ଶେଷରେ ଏହି ଆନ୍ଦୋଳନରେ ଗିରଫ ତିନି ଜଣଙ୍କ ଉପରୁ ମକୋଦ୍ଦମା ପ୍ରତ୍ୟାହାର କରାଯାଉବୋଲି ଦାବୀ କରିଥିଲେ । ଆନ୍ଦୋଳନର ରୂପରେଖ ଆସନ୍ତା ମଂଗଳବାର ସେପ୍ଟେମ୍ବର ୨୨ ତାରିଖ ଦିନ ଭିନ୍ନ ପ୍ରକାରର ରୂପେ ନେବ ବୋଲି ଜଣାଇଥିଲେ । ମଂଗଳବାର ଦିନ ସମସ୍ତ ଆନ୍ଦୋଳନକାରୀ ଏଠାରୁ ପାଦରେ ଚାଲି ଚାଲି ପାଂଚ କି.ମି. ରାସ୍ତା ଅତିକ୍ରମ କରି ଉଦଳା ପର୍ଯ୍ୟନ୍ତ ଆସିବେ ଓ ଏଠାରେ କପ୍ତିପଦା ଉପଜିଲ୍ଲାପାଳଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରିବେ ବୋଲି ଜଣାଇଥିଲେ । ଏଠାରେ ସାମ୍ବାଦିକ ସମ୍ମିଳନୀ ସରିବା ପରେ ସାମ୍ବାଦିକମାନେ ମହାବିଦ୍ୟାଳୟରେ କାର୍ଯ୍ୟରତ କେତେଜଣ ଅଧ୍ୟାପକ, ଅଧ୍ୟାପିକାଙ୍କୁ ସାକ୍ଷାତ କରି ଏ ବାବଦରେ ତାଙ୍କର ମତାମତ ସଂଗ୍ରହ କରିଥିଲେ । ଅଧ୍ୟାପକ, ଅଧ୍ୟାପିକାମାନେ ମଧ୍ୟ ଉକ୍ତ ଆନ୍ଦୋଳନକୁ ସମର୍ଥନ କରୁଥିବାର ବ୍ୟକ୍ତ କରୁଥିବା ସହିତ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ମତାମତ ଦେବାକୁ ଯାଇ ଆମର ଏରିଅର ଟଙ୍କା ପାଇବା ନେଇ ଅଧ୍ୟକ୍ଷ କଂଟା ସାଜୁଥିବାର ଜଣାଇଥିଲେ ।

# ନୂତନ ଆକ୍ରାନ୍ତ ୪୩, ସୁସ୍ଥ ୭୭ ଓ ଜଣଙ୍କର ମୃତ୍ୟୁ

ଭଦ୍ରକ,୧୯।୯ (ନି.ପ୍ର): ଭଦ୍ରକ ଜିଲ୍ଲାରେ ଆଜି ନୂତନ ଆକ୍ରାନ୍ତଙ୍କ ସଂଖ୍ୟା ଠାରୁ ସୁସ୍ଥଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି । ନୂଆ ଆକ୍ରାନ୍ତ ୪୩ଜଣ ଚିହ୍ନଟ ହୋଇଥିବା ବେଳେ ସୁସ୍ଥ ହୋଇଛନ୍ତି ୭୭ଜଣ । ଅନ୍ୟପକ୍ଷରେ ଆଜି ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ମଧ ହୋଇଥିବା ସରକାରୀ ଭାବେ ସୂଚନା ଦିଆ ଯାଇଛି । ଯାହା ଫଳରେ ପରିସଂଖ୍ୟାନ ହୋଇଛି ମୋଟ ନମୁନା ପରୀକ୍ଷା ୬୯ହଜାର ୮୬୨, ମୋଟ ଆକ୍ରାନ୍ତ ଚିହ୍ନଟ ୪୩୩୫, ସୁସ୍ଥ ହୋଇଛନ୍ତି ୩୫୦୫, ମୋଟ ମୃତ୍ୟୁ ଘଟିଛି ୧୧ଜଣଙ୍କର ଏବଂ ଏବେ ଆକ୍ଟିଭ କେଶ ରହିଛି ୮୧୯ । ଆଜି ଯେଉଁ ନୂତନ ଆକ୍ରାନ୍ତମାନେ ଚିହ୍ନଟ ହୋଇଛନ୍ତି ସେମାନଙ୍କ ମଧରେ ବାସୁଦେବପୁର ବ୍ଲକରୁ ଜଣେ, ଭଦ୍ରକ ବ୍ଲକରୁ ୧୩ଜଣ, ଭଦ୍ରକ ପୌରପାଳିକାରୁ ୬ଜଣ, ବନ୍ତ ବ୍ଲକରୁ ୩ଜଣ, ଚାନ୍ଦବାଲି ବ୍ଲକରୁ ୫, ଧାମନଗର ବ୍ଲକରୁ ଜଣେ, ଧାମନଗର ଏନଏସିରୁ ୨ଜଣ ଏବଂ ତିହିଡି ବ୍ଲକରୁ ୧୨ଜଣ । ବାସୁଦେବପୁର ପୌରପାଳିକା, ଭଣ୍ଡାରିପୋଖରୀ ବ୍ଲକ ଏବଂ ଚାନ୍ଦବାଲି ଏନ୍‌ଏସିରୁ କେହି ଆକ୍ରାନ୍ତ ଚିହ୍ନଟ ହୋଇ ନାହାନ୍ତି ।

# ରୋଟାରୀ କ୍ଲବ ପକ୍ଷରୁ ଅମ୍ଳଜାନ-ପଲସରେଟ ନିରୂପଣ

ବାଲେଶ୍ୱର,୧୯।୯ (ନି.ପ୍ର): ରୋଟାରୀ କ୍ଲବର ପଞ୍ଚମ ବାର୍ଷିକ ଚକ୍ଷୁ ଅସ୍ତ୍ରୋପଚାର ଦିବସ ଅବସରରେ ରକ୍ତରେ ଅମ୍ଳଜାନର ସ୍ଥିତି ନିରୂପଣ ଓ ପଲ୍‌ସରେଟ ନିରୂପଣ କେନ୍ଦ୍ରକୁ ବାଲେଶ୍ୱର ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଆଜି ଉଦ୍‌ଘାଟନ କରିଥିଲେ ।




ସଭାପତି ରୋଟାରିଆନ ଭାବଗ୍ରାହୀ ମହାନ୍ତି, ସମ୍ପାଦକ ପ୍ରଦୀପ୍ତ କୁମାର ପଣ୍ଡା, ରୋଟାରୀ ଜିଲା ଗଭର୍ଣ୍ଣର ଶାନ୍ତନୁ କୁମାର ପାଣି, ମୁଖ୍ୟ ପରାମର୍ଶ ଦାତା ତଥା ପ୍ରକଳ୍ପର ଚେୟାରମେନ ସୁବ୍ରତ କର, ପୂର୍ବତନ ସଭାପତି ମାତୃଦତ୍ତ ଦାସ, ଭି ଉଦୟ କୁମାର, ଉପସଭାପତି ବିଷ୍ଣୁଦାସ କୁଣ୍ଡୁ, ଯୁଗ୍ମ ସମ୍ପାଦକ ସୁଖମୟ ଦାସ, ସଭ୍ୟ ଡକ୍ଟର ଶ୍ରୀମାନ ଶ୍ରୀଚନ୍ଦନ, ଯଶୋଦାନନ୍ଦନ ଆଶ, ନନ୍ଦ କିଶୋର ମହାନ୍ତି, ଉପେନ୍ଦ୍ର ବେହେରା, ଶୁଭେନ୍ଦୁ ବେହେରା, ଚକ୍ଷୁ ଚିକିତ୍ସାଳୟର ସମ୍ପାଦକ ବିଶ୍ୱଦୀପ ପଣ୍ଡା, ଆର୍କିଟେକ୍ଟର ସୌରଭ ବେହେରା ପ୍ରମୁଖ ଅମ୍ଳଜାନ ପରୀକ୍ଷା କରିବା ସହିତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ୭୬ ଓକିଲ ମୋହରିରଙ୍କ ଆଣ୍ଟିଜେନ ଟେଷ୍ଟ: ୯ ପଜିଟିଭ୍ ଚିହ୍ନଟ

କେନ୍ଦ୍ରାପଡା,୧୯।୯ (ନି.ପ୍ର): କେନ୍ଦ୍ରାପଡା ଅଦାଲତରେ କାର୍ଯ୍ୟରତ ଓକିଲ ଓ ମୋହରିଅର ମାନଙ୍କ ଆଣ୍ଟିଜେନ ଟେଷ୍ଟ ଶୁକ୍ରବାର ପୂର୍ବାହ୍ନରେ କରାଯାଇଛି । ବାର୍ ଆସୋସିଏସନ ମଧରେ କରାଯାଇଥିବା ଏହି ପରୀକ୍ଷାରେ ମୋଟ୍ ୭୬ ଜଣ ଆଇନଜୀବି, କୋର୍ଟ କର୍ମଚାରୀ ଓ ମୋହରିଅର ମାନଙ୍କର ପରୀକ୍ଷା କରାଯାଇ ଥିଲା । ଏଥିରେ ୯ଜଣଙ୍କର ପଜିଟିଭ୍ ଥିବା ସୂଚନା ମିଳିଛି ।

# କପ୍ତିପଦା ଉପଖଣ୍ଡରୁ ଶୁଭିଲା କରୋନା ସଚେତନତାର ସ୍ୱର

କପ୍ତିପଦା ,୧୯।୯ (ନି.ପ୍ର): ବିଶ୍ୱ ମହାମାରୀ କରୋନାର ଭୟାବହତାକୁ ନେଇ ସମଗ୍ର ମାନବ ସମାଜ ଆତଙ୍କିତ ଦେଇ ଗତି କରୁଥିବା ବେଳେ କିଛିଦିନ ତଳେ ମୟୂରଭଂଜର କପ୍ତିପଦା ମାଟିରୁ ପ୍ରସ୍ତୁତ ହେଇଛି ଏବଂ ସୋସିଆଲ ମିଡ଼ିଆର ମୁକ୍ତିଲାଭ କରିଛି କରୋନା ସଚେତନତା ଆଧାରିତ କ୍ଷୁଦ୍ର ଚଳଚ୍ଚିତ୍ର 'ଆମ ସମାଜ' । ବଳିଷ୍ଠ ବାର୍ତ୍ତା ଏବଂ ସମାଜ ସଚେତନତା ଆଧାରିତ ପନ୍ଦରମିନିଟ୍ ଅବଧିର ଏହି କ୍ଷୁଦ୍ର ଚଳଚ୍ଚିତ୍ରରେ କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଆବଶ୍ୟକ ସାମାଜିକ ଦୂରତା ଅବଲମ୍ବନ, ମୁହଁରେ ମାକ୍ସ ପିନ୍ଧିବା ଓ ହାତରେ ସାନିଟାଇଜରର ବ୍ୟବହାରର ବ୍ୟାପକ ସଚେତନତାକୁ ଏହି କାହାଣୀ ମାଧ୍ୟମରେ ଉପସ୍ଥାପନ




କରାଯିବା ସହ ଯୁବ ସମାଜ ଭିତରେ ସେବା ମନୋବୃତ୍ତି, ଦେଶଭକ୍ତି ଓ ଉତ୍ତମ ନାଗରିକତାର ବିକାଶ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି । ଅଧ୍ୟାପକ ଆର୍ଯ୍ୟବ୍ରତ ଦାସ ଏହାର କାହାଣୀ ଓ ସଂଳାପ ଲେଖିଥିଲା ବେଳେ ଚର୍ଚ୍ଚିତ ଯୁବ ନିର୍ଦ୍ଦେଶକ ତଥା ଅଭିନେତା ଚନ୍ଦୁ ଚାମ୍ପଙ୍କର ବଳିଷ୍ଠ ନିର୍ଦ୍ଦେଶନା ଏବଂ ପ୍ରଭାବଶାଳୀ ଅଭିନୟକୁ ରାଜ୍ୟ ତଥା ଦେଶ ଓ ଦେଶ ବାହାରର ଅଗଣିତ ଦର୍ଶକ ପସନ୍ଦ କରୁଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଏଥିରେ ଜୁନିୟର ଲିପୁନ, ମୌସୁମୀ ଲକି, ଜୁଲୁ, ହୀରକ, କୁମାର ପ୍ରଭନ, ଅନ୍ତର୍ଯ୍ୟାମୀ, ଶୁଭେନ୍ଦୁ, ଅଜିତ କୁମାର ଏବଂ ଶିଶୁକଳାକାର ବାପୁ ପ୍ରମୁଖ ପ୍ରତିଭା ସଂପର୍ଣ୍ଣ କଳାକାର ମାନେ ଅଭିନୟ କରିଥିଲା ବେଳେ ବର୍ତ୍ତମାନ ସୁଦ୍ଧା ଅଗଣିତ ଦର୍ଶକ ଏହି ସଚେତନତା ମୂଳକ ଚଳଚ୍ଚିତ୍ରକୁ ଉପଭୋଗ କରିସାରିଛଁ ଏବଂ କ୍ରମେ କ୍ରମେ ଅନ୍ୟାନ୍ୟ ସୋସିଆଲ ମିଡିଆ ଗୁଡିକରେ ମଧ୍ୟ ଏହାର ସେୟାର ଓ ଦର୍ଶକ ସଂଖ୍ୟା ବଢ଼ି ବଢ଼ି ଚାଲିଛି । ଏଭଳି ଏକ ବିଶ୍ୱ ସଚେତନତା ମୂଳକ କ୍ଷୁଦ୍ର ଚଳଚ୍ଚିତ୍ରକୁ ଅନ୍ୟାନ୍ୟ ଭାଷାରେ ମଧ୍ୟ ଭାଷାନ୍ତର ଓ ପ୍ରସାର କରିବା ପାଇଁ ବୁଦ୍ଧିଜୀବି ଏବଂ କଳାପ୍ରେମୀ ମାନେ ମତ ଦେଇଥିଲା ବେଳେ ଏହାର ପ୍ରଯୋଜକ ସଂଜୟ ବେହେରା ସ୍ଥାନୀୟ ଜିଲ୍ଲାପରିଷଦ ସଭ୍ୟ ଶ୍ରୀନାଥ ସୋରେନ୍ ଏବଂ ଅଂଚଳ ବାସୀଙ୍କ ସହଯୋଗ ଓ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି, ପ୍ରଶାସନ ଏବଂ ଅନାନ୍ୟ ସାମାଜିକ ସଂଗଠନର କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ରାଜ୍ୟରେ ଗତ ୨୪ ଘଂଟାରେ ୪୮,୦୭୫ କରୋନା ନମୁନା ପରୀକ୍ଷଣ

ଭୁବନେଶ୍ୱର,୧୯।୯ (ନି.ପ୍ର): ରାଜ୍ୟରେ ୨୪ ଘଂଟାରେ ମୋଟ୍ ୪୮ ହଜାର ୦୭୫ କରୋନା ନମୁନା ପରୀକ୍ଷା କରାଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଏଥିମଧ୍ୟରୁ ଆଂଟିଜେନ୍‌ରେ ୩୯,୬୫୭ ଆରଟିପିସିଆରରେ ୮,୨୭୧ ଓ ଟ୍ରୁନଟ୍‌ରେ ୧୪୭ ଟି କରୋନା ନମୁନା ପରୀକ୍ଷା କରାଯାଇଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମୋଟ ୨୭୧୫୮୨୨ ନମୁନାର ପରୀକ୍ଷା କରା ଯାଇଛି ।

# ଜଳେଶ୍ୱର ନୋଡାଲ ହାଇସ୍କୁଲରେ ଯୋଗଦେଲେ ପ୍ରଧାନ ଶିକ୍ଷକ

ଜଳେଶ୍ୱର, ୧୯/୯ (ନି.ପ୍ର) : ନିକଟରେ ରାଜ୍ୟ ସରକାର ହାଇସ୍କୁଲ ସ୍ତରୀୟ କେଡାର ଶିକ୍ଷକ ନିଯୁକ୍ତି ଦେଇଥିବାରୁ ଜଳେଶ୍ୱରରେ ୨୦ଟି ବିଦ୍ୟାଳୟରେ ଏହା ଲାଗୁ ହୋଇଛି । ସେହି ଅନୁଯାୟୀ ସୁଗୋ ହାଇସ୍କୁଲରେ ଥିବା କୁଂଜବିହାରୀ ପ୍ରଧାନ ଜଳେଶ୍ୱର ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ପ୍ରଧାନ ଶିକ୍ଷକ ଯୋଗ ଦେବାପରେ ବିଦ୍ୟାପତି ଦେ, ପୂର୍ଣ୍ଣଚନ୍ଦ୍ର ଭୂୟାଁ, ହରେକୃଷ୍ଣ ଜେନା, ମନୋରଂଜନ ମଲ୍ଲିକ, ଶ୍ରୀକାନ୍ତ ଦାସ, ସପନ ମିଶ୍ର, ରାଜେନ୍ଦ୍ର ପାଣିଗ୍ରାହୀ, ମନୋଜ କୁମାର ପାଣି, ସିଦ୍ଧେଶ୍ୱର ଦାସ, ସରୋଜ କୁମାର ସାସମଲ, ରାଧାଗୋବିନ୍ଦ ଜେନା, ମମତା ମହାନ୍ତି, ରାଜାବାଲା ପାତ୍ର, ସ୍ୱର୍ଣ୍ଣପ୍ରଭା ଦାସ, କଲ୍ୟାଣୀ ନନ୍ଦୀ, ସ୍ୱର୍ଣ୍ଣଲତା ସେଠୀ, ପବିତ୍ର ସେନାପତି, ଅଶୋକ ଦାସ, ଶାନ୍ତନୁ ଦାସ, ସଂଜୟ ମହାକୁଡ, ପରିତୋଷ ବାନାର୍ଜି ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି । ଉତ୍ତରରେ ଶ୍ରୀ ପ୍ରଧାନ ଏହି ବିଦ୍ୟାଳୟର ବିକାଶ ଓ ପ୍ରତିଷ୍ଠାରେ ଅଧିକ ସହାୟକ ହୋଇ କାର୍ଯ୍ୟକରିବେ ବୋଲି କହିଥିଲେ ।

# ବାସୁଦେବପୁରରେ କାଶତଣ୍ଡିର ସ୍ୱତନ୍ତ୍ର କବିତା ଆସର

ବାସୁଦେବପୁର,୧୯।୯ (ନି.ପ୍ର): ୨୦୨୦ ସହରସ୍ଥିତ ମାତାଜୀମଠ ଠାରେ କାଶତଣ୍ଡି ବଗିଚାରେ ସମ୍ବାଦ ସାହିତ୍ୟ ଘର ଓ ସାହିତ୍ୟ ପତ୍ରିକା ବାଇଚଢେଇ ପକ୍ଷରୁ ଏକ ସ୍ୱତନ୍ତ୍ର କାଶତଣ୍ଡୀ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ କବି ସୁଧାଂଶୁ ଶେଖର ମିଶ୍ର ସଭାପତିତ୍ୱ କରିଥିଲେ । କବି ରଂଜନ ନାୟକ କବିତା ପାଠ ଉତ୍ସବର ସଂଯୋଜନା କରିଥିଲେ । ଏହି ଉତ୍ସବରେ କବି ରଘୁନାଥ ପାଣିଗ୍ରାହୀ, କବି ମନୋରଞ୍ଜନ ରଣା, ଅଦ୍ୱୈତ ପ୍ରସାଦ ନାୟକ, ପଦ୍ମଭୂଷଣ ସାହୁ, ନିରଞ୍ଜନ ସେଠି, ସଂଜୟ ଜେନା, ସଂଯୁକ୍ତା ପତି, ଅମୁଲ୍ୟ ବାରିକ, ଶଶାଙ୍କ ଶେଖର ସାହୁ, କୈଳାଶ ନାଥ, ସଦାନନ୍ଦ ପାଣିଗ୍ରାହୀ, ରଂଗରାଗର ସଂପାଦକ କବି ପ୍ରଦିପ୍ତ ମହାନ୍ତି, କବି ଶରତ ଓଝା, ପ୍ରମୁଖ



ଯୋଗ ଦେଇ କବିତା ପାଠ କରିଥିଲେ । କବି କମଳାକାନ୍ତ କର କବିତା ଗୁଡିକ ସମିକ୍ଷା କରିଥିଲେ । ବାଇଚଢେଇର ସଂପାଦକ କବି ବିକାଶ ଶତପଥି ଉତ୍ସବ ପରିଚାଳନା କରିଥିଲେ । ସାହିତ୍ୟ ଘରର ବ୍ଲକ ସଂଯୋଜକ ରମାକାନ୍ତ ବାରିକ ସହୋଯୋଗ କରିଥିଲେ । ଏହି ଉତ୍ସବରେ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁର୍ଖାର୍ଜି, ଶିଶୁ ସାହିତ୍ୟିକ ନଦିୟା ବିହାରୀ ମହାନ୍ତି, ଚଳଚିତ୍ର ଅଭିନେତା ଅଜିତ ଦାସ, ବିଜୟ ମହାନ୍ତି, ଯାତ୍ରାଜଗତର ଅଭିନେତା ମହେନ୍ଦ୍ର ଦାଶ ପ୍ରମୁଖଙ୍କ ବିୟୋଗରେ ବାସୁଦେବପୁରର ସାହିତ୍ୟିକ ବନ୍ଧୁ ମାନଙ୍କ ପକ୍ଷରୁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ୫ ଦଫା ଦାବିପତ୍ର ପ୍ରଦାନ

ଗୁଣପୁର,୧୯।୯ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣପୁର ଭାରତୀୟ ମଜଦୁର ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ସମ୍ବଳିତ ଏକ ଦାବୀପତ୍ର ଗୁଣପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶାନ୍ତିପ୍ରଭା ପ୍ରଧାନଙ୍କୁ ପ୍ରଦାନ କରାଯାଇଛି । ଏହି ଅବସରରେ ଭାରତୀୟ ମଜଦୁର ସଂଘର ରାଜ୍ୟ ସମ୍ପାଦକ ଯୋଗେଶ୍ୱର ଦାସଙ୍କ ନେତୃତ୍ୱରେ ବିଏମସି କର୍ମୀମାନେ ଏକ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି କାର୍ଯ୍ୟାଳୟ ଠାରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ । ଏହି ଦାବିପତ୍ରରେ ସମସ୍ତ ପ୍ରବାସୀ ଶ୍ରମିକ ଓ ବେକାର ଯୁବତୀ, ଯୁବକଙ୍କୁ ଦକ୍ଷତା ସର୍ବକ୍ଷେଣ କରାଯାଇ ଅନୁରୁପ ନିଯୁକ୍ତି ଯୋଗାଇବା, ବନ୍ଦଥିବା ସମସ୍ତ




ସରକାରୀ ନିଯୁକ୍ତି ତୁରନ୍ତ କରାଯାଉ, ନିର୍ମାଣ ଶ୍ରମିକ, ବିଡି ଶ୍ରମିକ, ଟ୍ୟାକ୍ସି ଓ ରିକ୍ସା ଚାଳକ ଏବଂ ଉଠା ଦୋକାନୀଙ୍କୁ ଭଳି ଅଣସଂଗଠିତ ଶ୍ରମିକମାନଙ୍କୁ ତାଲା ବନ୍ଦ ସମୟର ୨ ହଜାର ଟଙ୍କା କୋରନା ସହାୟତା ରାଶି ଯୋଗାଇବା, ଅର୍ଥାଭାବ ଦର୍ଶାଇ କୌଣସି ଠିକା କର୍ମଚାରୀଙ୍କୁ ଛଟେଇ କରାନଯାଉ, ସ୍ୱାସ୍ଥ୍ୟକର୍ମଚାରୀଙ୍କ ଭଳି ସମସ୍ତ ମହିଳା କୋରନା ଯୋଦ୍ଧା ଅଙ୍ଗନୱାଡି, ଆଶାକର୍ମୀଙ୍କୁ ଦୈନିକ ୫୦୦ ଟଙ୍କା କୋରନା ସହାୟତା ଯୋଗାଇବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି । ଅନ୍ୟମାନଙ୍କ ମଧ୍ୟରେ ଗୁଣପୁର ଶାଖା ସଭାପତି ମନୋଜ କୁମାର ଦାସ, ସମ୍ପାଦକ ସୁଷମା ଦାସଙ୍କ ସମେତ ଭାରତୀୟ ମଜଦୁର ସଂଘର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ୧୬ ନମ୍ବର ୱାର୍ଡ଼ର ଶୋଚନୀୟ ରାସ୍ତାକୁ ନେଇ ଅସନ୍ତୋଷ

ବାଲେଶ୍ୱର,୧୯।୯ (ନି.ପ୍ର): ପୌର ପରିଷଦ ୧୬ ନମ୍ବର ୱାର୍ଡ, ପତୁଆଁପଦାରେ ଥିବା ଏସକେ ଅଗସ୍ତି ରୋଡ଼ର ଶୋଚନୀୟ ଅବସ୍ଥାକୁ ନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଷ୍ଟେସନ ଛକଠାରୁ ୫୦୦ ମିଟର ଦୂରରେ ଅବସ୍ଥିତ ଏହି ୱାର୍ଡ଼ରେ ଅନେକ ସରକାରୀ ବାସଭବନ, ସରକାରୀ କାର୍ଯ୍ୟାଳୟ ସହିତ କୋଚିଂ ସେଣ୍ଟର ରହିଛି । ଏହି ରାସ୍ତା ଦେଇ ଗଲେ ଜଣାପଡ଼େ ଯେମିତି ସହରର କୌଣସି ରାସ୍ତା ନୁହେଁ, ବରଂ ଦୁର୍ଗମ ପାହାଡ଼ିଆ ଅଞ୍ଚଳ । ଖରାପ ରାସ୍ତା ଯୋଗୁଁ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ଛୋଟ ପିଲା ଓ ବୟସ୍କମାନଙ୍କ ପାଇଁ ରାସ୍ତାରେ ଯିବା କଷ୍ଟ ଦାୟକ । ରାସ୍ତାର ମରାମତି ଓ ଡ୍ରେନ ପାଇଁ ପୌର ପରିଷଦଠାରୁ ଆରମ୍ଭ କରି ଜିଲା ପ୍ରଶାସନ, ୱାର୍ଡ କାଉନସିଲର, ଏମିତି ମୁଖ୍ୟମନ୍ତ୍ରୀଙ୍କୁ ମଧ ଏନେଇ ଦାବି କରିଥିଲେ ବି କେହି ଶୁଣୁ ନାହାନ୍ତି । ନିର୍ବାଚନ ସମୟରେ ଅନେକ ନେତା ଅନେକ ପ୍ରତିଶ୍ରୁତି ଦେଇଥିଲେ ବି ନିର୍ବାଚନ ପରେ କାହାରି ଦେଖାଦର୍ଶନ ମିଳେ ନାହିଁ । ବର୍ଷା ଦିନେ ବର୍ଷାପାଣି ଘରେଘରେ ପଶି ଯାଉଛି । ଗରିବ ଲୋକମାନଙ୍କର କାନ୍ଥ ପଡ଼ି ଯାଉଛି । ଦୁର୍ଗନ୍ଧରେ ଯାତାୟତ କରିପାରୁ ନାହାନ୍ତି । ତେଣୁ ତୁରନ୍ତ ରାସ୍ତା ଓ ଡ୍ରେନ କାର୍ଯ୍ୟ ପାଇଁ ଗାଁ ଲୋକେ ଦାବି କରିଛନ୍ତି । ନହେଲେ ଆଗାମୀ ଦିନରେ ସେମାନେ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo